

ପବିତ୍ର ଘୋଷଯାତ୍ରା
ଅବସରରେ
ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ
ଓଡ଼ିଶାବାସୀଙ୍କ ସୁଖ,
ସମୃଦ୍ଧି ଓ ନିରାମୟ ଜୀବନ
କାମନା କରୁଛୁ।

-'ସକାଳ' ପରିବାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-22 ♦THURSDAY ♦16 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୨୨ ♦ଗୁରୁବାର ♦୧୬ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ଭିତର ପୃଷ୍ଠାରେ..

କଟକରୁ ପୁରୀ ଗଡ଼ିବ ୩୫୦ ବସ୍ | ବଢ଼ିବ ରାଜ୍ୟର ରେଳ ନେଟୱର୍କ | ସିଜେପିର ଗଣଅନଶନ ଆଜି


## ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପେକ୍ଷାରେ ତିନି ରଥ



# ଆଜି ଶ୍ରୀଗୁଣ୍ଡିଚା ଯାତ

## ସକାଳ ସାଢ଼େ ୯ରେ ପହଣ୍ଡି ■ ଅପରାହ୍ଣ ୪ଟାରେ ରଥଟଣା

### ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ୨୨୦ ପ୍ଲାଟୁନ ଫୋର୍ସ

### ୪୭୦୦ ସିସିଟିଭି କ୍ୟାମେରା ରଖିଛି ନଜର


■ପୁରୀ, ୧୫।୭ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ାଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁର୍ଲ୍ଲଭ ଦର୍ଶନ। ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ। ତେବେ ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। ତାତି ନାହିଁ, ଆକାଶରୁ ଝରୁଛି ବର୍ଷା। ଏମିତି ଏକ ପରିବେଶର କୋଳାହଳରେ ଫାଟିପଡୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପେକ୍ଷା କରି ରହିଛନ୍ତି ତିନିରଥ। ଗୁରୁବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ▶ପୃଷ୍ଠା-୭

## ମଦ ପିଇ ଦୁଇ ଭାଇଙ୍କ ମୃତ୍ୟୁ

■ ଡୁଙ୍ଗୁରିପାଲି, ୧୫।୭ (ସମିସ): ମଦ ପିଇ ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ଗାଜବନ୍ଧ ଗ୍ରାମର ଦୁଇ ଭାଇ ସନ୍ତୋଷ ରାଜହଂସ ଓ ତେଜରାଜ ରାଜହଂସଙ୍କ ମୃତ୍ୟୁ ଘଟିଛି। ମଦପାନ ପରେ ଅସୁସ୍ଥ ହେବାରୁ ପରିବାର ଲୋକେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକୁ ବୁର୍ଲା ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ରାମପୁର ଥାନା ଅଧିକାରୀ ବିନୋଦିନୀ ବରିହା ସୂଚନା ଦେଇଛନ୍ତି।

## ୧୭ ପର୍ଯ୍ୟନ୍ତ ଲଘୁଚାପ ବର୍ଷା

■ ଭୁବନେଶ୍ୱର, ୧୫।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଏ ମାସର ଦ୍ୱିତୀୟ ଲଘୁଚାପ। କିଛି ଦିନ ହେବ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ, ବୁଧବାର ସକାଳ ୫ଟା ୩୦ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମ ବଙ୍ଗୋପସାଗର ଉପକୂଳରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ପ୍ରଭାବ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଏହି ଲଘୁଚାପ ଆଗାମୀ ୨ ଦିନରେ ଉତ୍ତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗକୁ ଉତ୍ତର ଓଡ଼ିଶା ସମୀନ୍ତ ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଅଧିକ ବର୍ଷା ▶ପୃଷ୍ଠା-୭


### ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0083

15001/83/2627

### ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଆଜି ଘୋଷଯାତ୍ରା: କଟକରୁ ପୁରୀ ଗଡ଼ିବ ୩୫୦ ବସ୍



କଟକ, ୧୫ ।୭ (ସମିସ): ଆସନ୍ତାକାଲି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଆଜିଠାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଲେଣି। ଆଉ ଏଥିପାଇଁ ଆଜି ବି ବେଶ୍ ଚଳଚଞ୍ଚଳ ହୋଇପଡିଥିଲା କଟକ ସହର। ଯଦିଓ ସେତେ ଭିଡ ନଥିଲା କିନ୍ତୁ ଆସନ୍ତାକାଲି ରାତି ପାହିଲା ବେଳକୁ ନାହିଁନଥିବା ଭିଡ଼ ହେବ ବୋଲି କହିଛନ୍ତି ବସ ମାଲିକ। ଆଜି ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ଗୁଡିକ ପୁରୀ ଅଭିମୁଖେ ଯାଇଥିବା ବେଳେ ଆସନ୍ତାକାଲିଠାରୁ ଅଧିକ ବ ସଗଡିବ। ସକାଳୁ ରାତି ତମାମ ବସ ଗୁଡିକ କଟକ ସହରରୁ ପୁରୀ ମଧ୍ୟରେ ଚଳାଚଳ କରିବ। କଟକ ନେତାଜୀ ବସ ଟର୍ମିନାଲ, ବାଦାମବାଡି, ମଧୁପାଟଣା ଆଦି ସ୍ଥାନରେ ନାହିଁ ନ ଥିବା ଗହଳି ହେବ ବୋଲି ଆକଳନ କରାଯାଉଛି। ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯାଇଛି। କଟକ ସହରରୁ ପୁରୀକୁ ନୈନ୍ଦିନ ନିୟମିତ ୨୦୦ଟି ଯାତ୍ରୀବାହୀ ବସ ଚଳାଚଳ କରିଥାଏ। ତେବେ ଏହି ବସ ଗୁଡିକ ସହିତ ସ୍ୱତନ୍ତ୍ର ପରମିଟ ହାସଲ କରିଥିବା ପ୍ରାୟ ୧୫୦ ଗୋଟି ବସ ଆସନ୍ତାକାଲି ଗୁଣ୍ଡିଚା ଯାତ୍ରା ପାଇଁ ପୁରୀ ଅଭିମୁଖେ ଗଡିବ ବୋଲି କହିଛନ୍ତି ଘରୋଇ ବସ ମାଲିକ ସଂଘର ସଭାପତି ଦେବେନ୍ଦ୍ର ସାହୁ। ଆଜି ସକାଳୁ ବର୍ଷା ଲାଗିରହିବା କାରଣରୁ ଭିଡ ବେଶୀ ଦେଖିବାକୁ ମିଳି ନଥିଲା। ସେହିଭଳି କେତେକ ସ୍ଥାନ ମାନଙ୍କରୁ ୨୦ଟି ବସ କଟକ ଦେଇ ପୁରୀ ଯାଇଥିବା ବେଳେ ୨୦ଟି ଦୂରଗାମୀ ବସ ବି ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଛି। କେବଳ ନିୟମିତ ପରମିଟରେ ଚାଲୁଥିବା ବସ ଗୁଡିକ ଗୋଟିଏ ଦିନରେ ୪ଥର ଯାଆସ କରିବ। ସମସ୍ତ ବସ ଗୁଡିକ ତାଳବଣିଆ ଠାରେ ପାର୍କିଂ କରାଯିବା ପାଇଁ ସୁବିଧା କରାଯାଇଛି। ଚଳାଚଳ କରୁଥିବା ବସରେ ଯାତ୍ରୀଙ୍କ ଠାରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡା ଆଦାୟ କରାଯାଉଛି। ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି ଭଡ଼ା ଆଦାୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆରଟିଓମାନେ ତଥା ଏନଫୋର୍ସମେଣ୍ଟ ସ୍କ୍ୱାଡ ଯାଞ୍ଚ କରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ରଥଯାତ୍ରାର ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ଟା |
| ମଇଲମ | ସକାଳ ୬ଟା ୧୦ |
| ତଡ଼ପଲାଗି | ସକାଳ ୬ଟା ୩୦ |
| ଅବକାଶ | ସକାଳ ୭ଟା |
| ସୂର୍ଯ୍ୟପୂଜା | ସକାଳ ୭ଟା ୧୦ |
| ଦ୍ୱାରପାଳ ପୂଜା | ସକାଳ ୭ଟା ୩୦ |
| ବେଶ ଶେଷ | ସକାଳ ୭ଟା ୩୦ |
| ଗୋପାଳବଲ୍ଲଭ ଓ ସକାଳ ଧୂପ | ସକାଳ ୮ଟାରୁ ୯ଟା |
| ରଥ ପ୍ରତିଷ୍ଠା | ସକାଳ ୯ଟା |
| ମଙ୍ଗଳାର୍ପଣ | ସକାଳ ୯ଟା ୧୫ |
| ପହଣ୍ଡି ଆରମ୍ଭ | ସକାଳ ୯ଟା ୩୦ |
| ପହଣ୍ଡି ଶେଷ | ମଧ୍ୟାହ୍ନ ୧୨ଟା ୩୦ |
| ମଦନମୋହନ ଓ ଶ୍ରୀରାମକୃଷ୍ଣ ବିଜେ | ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୧ଟା |
| ଚିତା ଲାଗି | ଅପରାହ୍ଣ ସାଢ଼େ ୧ଟାରୁ ୨ଟା |
| ବେଶ ଶେଷ | ଅପରାହ୍ଣ ୧ଟା ୩୦ରୁ ୨ଟା ୩୦ |
| ଛେରାପହଁରା | ଅପରାହ୍ଣ ୨ଟାରୁ ୩ଟା |
| ଚାରମାଳ ଫିଟା, ଘୋଡ଼ା ଓ ସାରଥି ଲାଗି | ଅପରାହ୍ଣ ୩ଟାରୁ ୪ଟା |
| ରଥଟଣା ଆରମ୍ଭ | ଅପରାହ୍ଣ ୪ଟା |

## କିରୋସିନି ଢାଳି ଯୁବତୀଙ୍କ ଆତ୍ମାହୁତି

ବ୍ରହ୍ମପୁର,୧୫।୭ (ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ବୁଧବାର ସକାଳେ ଜଣେ ୨୭ବର୍ଷୀୟା ଯୁବତୀ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଗୁରୁତର ଭାବେ ଦଗ୍ଧ ହୋଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବତୀ ଜଣକ ହେଲେ ଶାନ୍ତିନଗର ବାସିନ୍ଦା ରବୀନ୍ଦ୍ର ବେହେରାଙ୍କ ଝିଅ ରାଜେଶ୍ୱରୀ ବେହେରା (୨୭)। ମିଳିଥିବା ସୂଚନା ପ୍ରକାରରେ, ରାଜେଶ୍ୱରୀ ଗତ ଦୁଇବର୍ଷ ଧରି ମାନସିକ ସମସ୍ୟାରେ ପୀଡ଼ିତ ଥିଲେ ଏବଂ ଡା. ଚନ୍ଦ୍ରଶେଖର ତ୍ରିପାଠୀଙ୍କ ନିକଟରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ରାତିରେ ପରିବାର ସଦସ୍ୟମାନେ ଭୋଜନ ସାରି ଶୋଇଥିଲେ। ବୁଧବାର ସକାଳେ ହଠାତ୍ ରାଜେଶ୍ୱରୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ଦେଖିବା ବେଳକୁ ସେ ନିଆଁରେ ଜଳୁଥିଲେ। ତୁରନ୍ତ ନିଆଁ ଲିଭାଇ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। ତେବେ ଶରୀରର ବହୁ ଅଂଶ ପୋଡ଼ିଯାଇଥିବାରୁ ଡାକ୍ତରମାନେ ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ କଟକ ନେବା ରାସ୍ତାରେ ଅର୍ଥାତ ଖଲ୍ଲିକୋଟ ନିକଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେପଟେ ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରେ ଯୁବତୀଙ୍କ ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ପର୍କରେ ସୂଚନା ମିଳିଥିବା ବେଳେ, ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ନିମଖଣ୍ଡି ଥାନା ଅଞ୍ଚଳରେ ମଧ୍ୟ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଘଟଣା ସାମ୍ନାକୁ ଆସିଥିଲା।

### ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଆକ୍ରମଣ

## ସେବାରୁ ନିଲମ୍ବିତ ହେଲେ ଦଉମହାପାତ୍ର

ପୁରୀ,୧୫।୭ (ସମିସ): ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଘଟିଛି ଅପ୍ରୀତିକର ଘଟଣା। ମହାପ୍ରଭୁଙ୍କ ଗୁପ୍ତନୀତି (ବନକଲାଗି) ବେଳେ ପ୍ରଶାସକ ପଶିଯିବାରୁ ଦଉ ମହାପାତ୍ର ସେବକ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜଣେ ଦଉମହାପାତ୍ର ସେବକଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଏଭଳି ଅଘଟଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୁଧବାର ଥିଲା ବନକଲାଗି ନୀତି। ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ଚାଲିଥିବା ବେଳେ ଶ୍ରୀମନ୍ଦିର କମାଣ୍ଡର ଏବଂ ଓଏସ୍‌ଡି ନୀତି ସମ୍ପର୍କରେ କଥା ହେବାକୁ ଭିତରକୁ ଯାଇଥିଲେ। ଫଳରେ ଏହାକୁ ନେଇ ଦଉମହାପାତ୍ର ସେବକ ଏବଂ କମାଣ୍ଡରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏପରି କି ଦଉ ମହାପାତ୍ର ସେବକ ଓ କମାଣ୍ଡର ଠେଲାପେଲା ହୋଇଥିବା କୁହାଯାଉଥିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ କର୍ମଚାରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିଥିଲେ। ଏହାକୁ ନେଇ ବନକଲାଗି ନୀତି ପ୍ରଭାବିତ ହୋଇଥିଲା। ବିବାଦ ପାଇଁ ନୀତି ବିଳମ୍ବ ଖବର ପାଇବା ପରେ ଅଧିକାରୀମାନେ ପହଞ୍ଚିଥିଲେ। ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ଯେ, ଶ୍ରୀମନ୍ଦିରରେ ନୀତି ସମ୍ପାଦନରେ ଶୃଙ୍ଖଳା ରକ୍ଷା ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ସର୍ବୋଚ୍ଚ ଗୁରୁତ୍ୱ ଦେଇଆସୁଛି। ବୁଧବାର ଉଭାପର୍ବରେ ନୀତିକାନ୍ତି ପାଳନ ସମୟରେ ଦଉ ମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦଉ ମହାପାତ୍ର ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରିଥିବାରୁ, ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ସମ୍ପୃକ୍ତ ସେବାୟତଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀମନ୍ଦିର ସେବାରୁ ନିଲମ୍ବନ କରିଛନ୍ତି। ମୁଖ୍ୟ ପ୍ରଶାସକ ସମସ୍ତ ସେବାୟତଙ୍କ ସହଯୋଗ ଓ ସମନ୍ୱୟ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁବର୍ତ୍ତିତା, ଶୃଙ୍ଖଳା ଏବଂ ଭକ୍ତିଭାବର ସହ ସମ୍ପାଦିତ ହୋଇଚାଲିବ।

## ଶିମିଳିପାଳରେ ବାଘ ସଂଖ୍ୟା ୩୫କୁ ବୃଦ୍ଧି

- ଯମୁନା ଓ ଜିନତ୍‌କୁ ମିଶାଇ ୧୮ଟି ମାଈ ଓ ୧୭ ଅଣ୍ଡିରା
- ୧୯ଟି କଳାବାଘ ଚିହ୍ନଟ

ବାରିପଦା, ୧୫ ।୭ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବାଘର ସଂଖ୍ୟା ୩୫କୁ ବୃଦ୍ଧି ପାଇଛି ବୋଲି ବନ ବିଭାଗର ସର୍ବଶେଷ କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ଜଣାପଡ଼ିଛି। ପିସିସିଏଫ(ୱାଇଲ୍ଡଲାଇଫ୍) ଓ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା କହିଛନ୍ତି ଯେ, ସମ୍ପ୍ରତି



କରାଯାଇଥିବା କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର୍) ରେ ୩୫ଟି ବୟସ୍କ ବାଘ ଚିହ୍ନଟ ହୋଇଛି। ଏହି ତଥ୍ୟ ବନ୍ୟଜନ୍ତୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଡବ୍ଲୁଆଇଆଇ)କୁ ପଠାଇ ଦିଆଯାଇଛି। ୨୦୨୨ ସର୍ବଭାରତୀୟ ବାଘ ଗଣନା(ଏଆଇଟିଇ)ରେ ଶିମିଳିପାଳରେ ମାତ୍ର ୧୬ଟି ବାଘ ଥିଲେ। ୨୦୨୩-୨୪ର ଓଡ଼ିଶା ସରକାରୀ ସର୍ବେକ୍ଷଣରେ ଏହା ୨୭କୁ ବୃଦ୍ଧି ପାଇଥିଲା। ଡିସେମ୍ବର ୨୦୨୪ରୁ ଜାନୁୟାରୀ ୨୦୨୫ ମଧ୍ୟରେ ହୋଇଥିବା ସର୍ବେକ୍ଷଣରେ ୩୨ଟି ବାଘ ଚିହ୍ନଟ ହୋଇଥିଲା। ଏବେ ଏହା ୩୫କୁ ପହଞ୍ଚିଛି। ମହାରାଷ୍ଟ୍ରର ତଡୋବା-ଆନ୍ଧାରୀ ଟାଇଗର ରିଜର୍ଭରୁ ୨୦୨୪ରେ ଆଣିଥିବା ଯମୁନା ଓ ଜୀନତ୍ ବାଘୁଣୀକୁ ମିଶାଇ ମୋଟ ୩୫ଟି ବାଘ ମଧ୍ୟରୁ ୧୭ଟି ପୁରୁଷ ଓ ୧୮ଟି ମାଈ ରହିଛନ୍ତି। ତନ୍ମଧ୍ୟରୁ ୧୯ଟି ବାଘ ସ୍ୟୁଡୋ-ମେଲାନିଷ୍ଟିକ୍ (କଳା ଡୋରା ବାଘ) ଅଟନ୍ତି, ଯାହା ଏହି ଅଞ୍ଚଳର ବିଶେଷ ଜେନେଟିକ୍ ବୈଶିଷ୍ଟ୍ୟ। ସେହିପରି ଜୀନତର ୪ଟି ଶାବକକୁ ମିଶାଇ ଶିମିଳିପାଳରେ ବାଘ ଶାବକ ସଂଖ୍ୟା ମଧ୍ୟ ୧୨ରୁ ବଢ଼ି ୧୬ ହୋଇଛି। ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମ, ଆବାସ ଉନ୍ନତି ଓ ଶିକାର ଉପଯୋଗୀ ଜୀବଜନ୍ତୁଙ୍କ ସଂଖ୍ୟା ବଢ଼ାଇବା ଯୋଗୁଁ ଏହି ବୃଦ୍ଧି ସମ୍ଭବ ହୋଇଛି ବୋଲି ଶ୍ରୀ ଝା କହିଛନ୍ତି। ଟାଇଗର ସପ୍ଲିମେଣ୍ଟେସନ୍ ପ୍ରୋଗ୍ରାମ ସୁଫଳ ଦେବା ଆରମ୍ଭ କରିଛି। ବନ୍ୟପ୍ରାଣୀ ବିଭାଗ ଶିମିଳିପାଳର ଜେନେଟିକ୍ ବିବିଧତା ଆହୁରି ମଜବୁତ୍ କରିବା ପାଇଁ ମଧ୍ୟ ଭାରତୀୟ ଲ୍ୟାଣ୍ଡସ୍କେପ୍ ରୁ ଏକ ପୁରୁଷ ଓ ଏକ ମାଈ ବାଘ ଆଣିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ କରୁଛି। ଏହି ପ୍ରସ୍ତାବ ରାଜ୍ୟ ସରକାର ଓ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ଅନୁମୋଦନ ପାଇଁ ପଠାଯିବ। ଶିମିଳିପାଳର ଏହି ସଫଳତା ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି।




- ଘରୋଇ ମେଡିକାଲକୁ ଏନ୍‌ଏବିଏଚ୍ ପ୍ରମାଣପତ୍ର ପ୍ରଦାନ ନାଁରେ ୬.୬୭ ଲକ୍ଷ ଠକେଇ

## କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଗିରଫ

ଭଦ୍ରକ/ବାସୁଦେବପୁର,୧୫।୭ (ସମିସ): ଛୋଟ ବଡ଼ ସହରରେ ଆପଣଙ୍କର ଘରୋଇ ମେଡିକାଲ ଅଛି କି? ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ଅନୁବନ୍ଧିତ କରିବାକୁ ବ୍ୟାକୁଳ ହେଉଛନ୍ତି କି? ଏବେଠୁ ହୋଇ ଯାଆନ୍ତୁ ସାବଧାନ। ବିଭିନ୍ନ ସାର୍ଟିଫିକେଟ୍ ପ୍ରଦାନ କରାଇଦେବା ନାଁରେ ଠକି ନେବେ ଲକ୍ଷ ଲକ୍ଷ ଟଙ୍କା। ଖୋଜିଲେ ଏମାନଙ୍କର ପତ୍ତା ପାଇବା ବଡ଼ କଠିନ। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳରେ। ଏକ ଘରୋଇ



ହସ୍ପିଟାଲକୁ ଏନ୍‌ଏବିଏଚ୍ (ନ୍ୟାସ୍‌ନାଲ ଆକ୍ରିଡେସନ ବୋର୍ଡ ଅଫ୍ ହସ୍ପିଟାଲ୍‌ସ ଆଣ୍ଡ ହେଲ୍‌ଥ କେୟାର ପ୍ରୋଭାଇଡର୍ସ) ପ୍ରମାଣପତ୍ର ଦେବା ନାଁରେ ୬ ଲକ୍ଷ ୬୭ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଭଦ୍ରକ ଜିଲ୍ଲା ବାସୁଦେବପୁର ପୁଲିସ ତଦନ୍ତ ପରେ କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଡ. ହୃଦାନନ୍ଦ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅତି ଚତୁରତାର ସହିତ ଖସିଯିବାକୁ ବସିଥିବାବେଳେ ମୋବାଇଲ୍ ଟ୍ରାକିଂ କରି ବାସୁଦେବପୁର ପୁଲିସ ତାଙ୍କୁ ମାଡ଼ି ବସିଛି।

ପ୍ରକାଶ ଯେ, ବାସୁଦେବପୁର ଆର୍ଯ୍ୟ ନାମକ ଏକ ଘରୋଇ ମେଡିକାଲ ରୋଗୀ ସେବା କରିଆସୁଛି। ଘରୋଇ ହସ୍ପିଟାଲକୁ ଆଗକୁ ନେବା ପାଇଁ ଏନ୍‌ଏବିଏଚ୍ ସାର୍ଟିଫିକେଟ୍ କରାଇଦେବା ପାଇଁ ୨୦୨୫ ଏପ୍ରିଲ ୨୬ରେ କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଡ. ହୃଦାନନ୍ଦ ଦାଶଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ଆର୍ଯ୍ୟ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଅସିତ୍ କୁମାର ଦାଶ ୬ ଲକ୍ଷ ୭୬ ହଜାର ୬୨୧ ଟଙ୍କା ପ୍ରଦାନ କରିଛନ୍ତି ବୋଲି ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାସୁଦେବପୁର ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କଟକରୁ ଡ. ହୃଦାନନ୍ଦ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।







# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-22 ◆THURSDAY ◆16 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୨୨ ◆ଗୁରୁବାର ◆୧୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବଢ଼ିବ ରାଜ୍ୟର ରେଳ ନେଟୱର୍କ

## ପାରାଦୀପ-ହରିଦାସପୁର ଲାଇନ୍‌ର ହେବ ଦୋହରୀକରଣ

**ଲଳିତଗିରି ବୌଦ୍ଧ ପରିସର ଏବଂ ବଳଦେବଜୀଉ ମନ୍ଦିରକୁ ସହଜ ହେବ ଯୋଗାଯୋଗ**

**ନିର୍ମାଣ ହେବ ରାଜଖରସୁଆଁ-ଡାଙ୍ଗୋପୋଷି ୪ର୍ଥ ଲେନ୍**

**୩,୯୦୭ କୋଟିର ଦୁଇ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ**

■ ଭୁବନେଶ୍ୱର, ୧୫।୭ (ସମିସ): ଓଡ଼ିଶାର ରେଳ ନେଟୱର୍କ ସହ ଯୋଡିହେବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ। କାରଣ ପାରାଦୀପ-ହରିଦାସପୁର ରେଳ ଲାଇନ୍ ଦୋହରୀକରଣ ହେବ। କେନ୍ଦ୍ର କ୍ୟାବିନେଟ୍ ବୁଧବାର ୭ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏଥିରେ ପାରାଦୀପ – ହରିଦାସପୁର ରେଳ ପ୍ରକଳ୍ପ ସାମିଲ। ଏହାସହିତ ଝଡ଼ଖଣ୍ଡର ରାଜଖରସୁଆଁ ଓ ଡାଙ୍ଗୋପୋଷି ଲାଇନ୍‌ର ୪ର୍ଥ ଲେଡ୍ ନିର୍ମାଣ ଯୋଜନାକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଉପରୋକ୍ତ ଦୁଇ ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୩,୯୦୭ କୋଟି ଟଙ୍କା । ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟର ୪ଟି ଜିଲ୍ଲାକୁ କଭର କରୁଥିବା ଏହି ଦୁଇ ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୧୪୫ କିଲୋମିଟର ନୂଆ ଲାଇନ୍ ଯୋଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୁଧବାର ଏହି ଦୁଇ ରେଳ ମାର୍ଗ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି। ଦୁଇ ପ୍ରକଳ୍ପ କାର୍ଯ୍ୟ ୨୦୩୦-୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପାରାଦୀପ-ହରିଦାସପୁର ଲାଇନ୍‌ର ଦୋହରୀକରଣ କରାଯିବା ଦ୍ୱାରା ଲଳିତଗିରି ବୌଦ୍ଧ ପରିସର ଏବଂ ବଳଦେବଜୀଉ ମନ୍ଦିରକୁ ଯୋଗାଯୋଗ ଆହୁରି ସହଜ ହେବ। ଏହି ▶ପୃଷ୍ଠା-୭

# ବାବୁ ଅଫିସର; ପତ୍ନୀଙ୍କ ନାମରେ ବେପାର

## ଟେକ୍ସଟ ବୁକ୍ ପ୍ରେସ୍‌କୁ ଯୋଗାଉଛନ୍ତି ମୁଦ୍ରଣ ସାମଗ୍ରୀ

**ବହି ଛାପା ପୂର୍ବରୁ ପ୍ରୁଫ୍ କରେକସନ୍‌ରେ ଅବହେଳା ଅଭିଯୋଗ**

**କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବାକୁ ଉଠିଲା ଦାବି**

■ ଭୁବନେଶ୍ୱର, ୧୫।୭ (ସମିସ): ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତନାଘନା ଆରମ୍ଭ ହୋଇଥିବାବେଳେ ଆଉ ଏଖ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବାଣିଜ୍ୟ ବିଭାଗ ଅଧୀନରେ ଥିବା ଦୁଇଟି ପ୍ରେସ୍ ଦାୟିତ୍ୱରେ ଜଣେ ଅଧିକାରୀ ରହିଛନ୍ତି। ସେହି ବାବୁ ନିଜ ପତ୍ନୀଙ୍କ ନାମରେ ଏକ ଯୋଗାଣକାରୀ ସଂସ୍ଥା ଖୋଲି ସେହି ପ୍ରେସ୍‌କୁ ମୁଦ୍ରଣ ସାମଗ୍ରୀ ଯୋଗାଉଛନ୍ତି। କ୍ଷମତାର ଅପବ୍ୟବହାର କରି ବ୍ୟବସାୟରେ ମାତିଥିବା ଏହି ବାବୁ ଜଣକ ପୁସ୍ତକ ମୁଦ୍ରଣ ସମୟରେ ପ୍ରୁଫ୍ କରେକସନ୍ କରି ନଥିବାରୁ ପୁସ୍ତକରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୁବନେଶ୍ୱରରେ ଏକ ଟେକ୍ସଟ୍ ବୁକ୍ ପ୍ରେସ୍ ଏବଂ ବାଣିଜ୍ୟ ବିଭାଗ ଅଧୀନରେ କଟକରେ ଗୋଟିଏ ସରକାରୀ ପ୍ରେସ୍ ରହିଛି। ଭୁବନେଶ୍ୱରରେ ପିଲାଙ୍କ ପଢ଼ା ବହି ଛପା ହେଉଥିବାବେଳେ କଟକରେ ସରକାରଙ୍କ ଅନ୍ୟାନ୍ୟ କାଗଜପତ୍ର ଛପା ହେଉଛି। ଏହି ଉଭୟ ପ୍ରେସ୍ ଦାୟିତ୍ୱରେ ବାଣିଜ୍ୟ ବିଭାଗର ▶ପୃଷ୍ଠା-୭




SANJIB HERO
Infront of Ramakrishna Mission, Puri
More information call us
9937283004

ସକାଳ THE SAKALA



## ପାଣି ପାଇଁ ମୋହନଗୁଡାରେ ରାସ୍ତା ଅବରୋଧ

# ବିଶ୍ୱନାଥପୁର-ଲାଞ୍ଜିଗଡ଼ ମୁଖ୍ୟ ରାସ୍ତାରେ ଗାଡ଼ି ଚଳାଚଳ ଠପ୍

**ଲାଞ୍ଜିଗଡ଼, ୧୫।୭(ସମିସ):** ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଅଧୀନ ମୋହନଗୁଡା ଗ୍ରାମ ବାସିନ୍ଦା ଆଜି ବିଶ୍ୱନାଥପୁର-ଲାଞ୍ଜିଗଡ଼ ମୁଖ୍ୟ ରାସ୍ତାର ରଘୁନାଥପୁର ଛକଠାରେ ରାସ୍ତା ରୋକ କରିଥିଲେ। ପାଣି ଟୋପେ ପାଇଁ ଦୀର୍ଘଦିନ ହେବ ସମସ୍ୟା ଭୋଗୁଥିବା ଅଞ୍ଚଳବାସୀ ବାଧ ହୋଇ ଆଜି ରାଜପଥକୁ ଓହ୍ଲାଇଥିଲେ। ଅଭିଯୋଗ ଅନୁଯାୟୀ ମୋହନଗୁଡା ଗ୍ରାମରେ ୨୪୮ ପରିବାର ରହୁଥିବାବେଳେ ମାତ୍ର ୨ଟି ନଳକୂପ ରହିଛି। ଏହାସହ ଦୀର୍ଘ ଦିନ ହେବ ବିଦ୍ୟୁତ ଟ୍ରାନ୍ସଫର୍ମର ଅଚଳ ଥିବାରୁ ବସୁଧା ଜଳଯୋଗାଣ ମଧ୍ୟ ବନ୍ଦ ଥିଲା। ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ୍ୟ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ଲୋକେ ଏହି ପଦକ୍ଷେପ ନେଇଥିଲେ। ସୂଚନା ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶବନ୍ତ ହିଆଲଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ବଳଭଦ୍ର ଗୌଡ଼ ଓ



ଏଏସ୍ଆଇ ମୋହନ କୁମାର ପରଜା ପୁଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲେ। ସେହିପରି ପାନୀୟଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଦଶମନ୍ତ ମାଝୀ ଓ ଛତ୍ରପୁର ପଞ୍ଚାୟତ ସରପଞ୍ଚ ଶୁଷମା ମାଝୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ଜିଦ୍ ପରେ ବିଦ୍ୟୁତ ବିଭାଗ ତରଫରୁ ତୁରନ୍ତ ନୂଆ ଟ୍ରାନ୍ସଫର୍ମର ସ୍ଥାପନ କରାଯିବା ସହ ବସୁଧା ପାନୀୟଜଳ ପ୍ରକଳ୍ପର ମୋଟର ପୁନର୍ବାର ଚାଲୁ କରାଯାଇଥିଲା। ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ହଟାଇଥିଲେ ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଲଘୁଚାପ ବର୍ଷାର ଦେଖାନାହିଁ

# ଚିନ୍ତା ବଢ଼ାଉଛି ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର

**ଭବାନୀପାଟଣା, ୧୫।୭(ସମିସ)**

କଳାହାଣ୍ଡି ଜିଲ୍ଲାରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଜୁନ୍ ଓ ଜୁଲାଇ ମାସରେ ବର୍ଷାର ଅଭାବ ଚିନ୍ତା ବଢ଼ାଇଦେଇଛି। ଖରିଫ ଚାଷପାଇଁ ଚାଷୀ ସଜବାଜ ହୋଇସାରିଲାଣି। ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପରୁ ଗତ ୧୦ତାରିଖରୁ ଖରିଫ ପାଇଁ ଜଳସେଚନ ଆରମ୍ଭ ହୋଇଛି। ହାତୀ ବ୍ୟାରେଜରୁ ମଧ୍ୟ ଉଭୟ ବାମ ଓ ଦକ୍ଷିଣ କେନାଲ ମାଧ୍ୟମରେ ଆରମ୍ଭ ହୋଇଛି ଜଳ ସେଚନ। କିନ୍ତୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଆବଶ୍ୟକତା ଠାରୁ କମ୍ ପାଣି ଥିବାରୁ ଆଗାମୀ ଦିନରେ ବର୍ଷା ହିଁ ଏକମାତ୍ର ଭରସା। ସେପଟେ ଚାରିଆଡ଼େ କିଛି କିଛି ବର୍ଷା ହେଉଥିବାବେଳେ କଳାହାଣ୍ଡି ଜିଲ୍ଲାରେ ମୌସୁମୀର କୌଣସି ପ୍ରଭାବ ନାହିଁ। ଜଳଭଣ୍ଡାର କଥା ଦେଖିଲେ ଏବେ ସୁଦ୍ଧା ମାତ୍ର ୧୦ ପ୍ରତିଶତ ମିଲି ମିଟର ବର୍ଷା ଜୁଲାଇ ୧୩ତାରିଖ ସୁଦ୍ଧା ରେକର୍ଡ ହୋଇଛି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୨୯.୬୭୦ ଏମ୍‌ଟି ପାଣି ରହିଥିବାବେଳେ ଗତବର୍ଷ ୬୩୩.୨୭୦ଏମ୍‌ଟି ପାଣି ଗଚ୍ଛିତ ରହିଥିବା ପ୍ରକାଶ। ଅନ୍ୟପକ୍ଷରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ର ଆବଶ୍ୟକତା ଦୃଷ୍ଟିରୁ ଯେଉଁ ଜଳ ବ୍ୟବହୃତ ହୋଇଛି ତାହା ଜଳଭଣ୍ଡାର ଜଳସ୍ତରକୁ ସଙ୍କଟରେ ପକାଇଛି ବୋଲି କୁହାଯାଉଛି। ଖରିଫ ଋତୁ ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ବାମ ମୁଖ୍ୟ କେନାଲ, ଦକ୍ଷିଣ କେନାଲ

### ପର୍ଯ୍ୟାପ୍ତ ବର୍ଷା ନ ହେଲେ ଟାଙ୍ଗରା ପଡ଼ିବ ଚାଷ ଜମି

ଓ ମେଗା ଲିଫ୍ଟ କେନାଲ ସାହାଯ୍ୟରେ ସମୁଦାୟ ୧ଲକ୍ଷ ୧୮ ହଜାର ୯୦ ହେକ୍ଟର ଚାଷ ଜମିରେ ଜଳସେଚନ ହେବ ବୋଲି ଅନୁମାନ କରାଯାଇଛି। ଏହା ଦ୍ୱାରା ଜିଲ୍ଲାର ଜୟପାଟଣା, ଜୁନାଗଡ଼, ଧର୍ମଗଡ଼, କୋକସରା, କଳମପୁର, ଗୋଲାମୁଣ୍ଡା ବ୍ଲକ ସମେତ ଭବାନୀପାଟଣା ଓ କେସିଙ୍ଗା ଆଦି ୮ଟି ବ୍ଲକର ୫୦୧ଟି ଗ୍ରାମର ଚାଷୀ



ଉପକୃତ ହେବେ। ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜଳସ୍ତର କମ୍ ଥିବା କାରଣରୁ ଚାଷୀଙ୍କୁ କିଭଳି ସୁଚାରୁ ରୂପେ ଜଳ ଯୋଗାଣ କରାଯିବ ତାହା ବର୍ତ୍ତମାନ ବିଭାଗ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଇନ୍ଦ୍ରାବତୀ ଜଳଭଣ୍ଡାର ସର୍ବୋଚ୍ଚ ଜଳ ଧାରଣ କ୍ଷମତା - ୬୪୨ ମିଟର ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହି ଜଳଭଣ୍ଡାରରେ ୬୨୯.୬୭୦ ମିଟର ପାଣି ରହିଛି। ଗତବର୍ଷ କିନ୍ତୁ ଏହି ସମୟରେ ଜଳଭଣ୍ଡାରର ଜଳସ୍ତର ୬୩୩.୨୭୦ମିଟର ଅର୍ଥାତ ୪୦ପ୍ରତିଶତ ପାଣି ରହିଥିଲା। ଖରିଫ ଚାଷ ପାଇଁ ସର୍ବନିମ୍ନ ୬୩୫ ମିଟର ପାଣି ଆବଶ୍ୟକ ପଡ଼ିଥାଏ ତେବେ ଖରିଫ ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଇବା ପାଇଁ ଆଉ ୫ ମିଟର ପାଣି ର ଆବଶ୍ୟକତା ରହିଛି। କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଜଳ ସେଚିତ ଅଞ୍ଚଳର ଚାଷୀ ପାଇଁ ଇନ୍ଦ୍ରାବତୀ ହିଁ ଭରସା। ତେବେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷୀ ପ୍ରମାଦ ଗଣୁଛନ୍ତି।

# ବିଜୱାଡା ଷ୍ଟେସନରୁ ଯୁବକ ନିଖୋଜ ଅଭିଯୋଗ

**ଖଡ଼ିଆଳ, ୧୫।୭(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଦାବ୍ରି ଗ୍ରାମର ଧନସିଂ ମାଝୀ (୩୧) (ପିତା ଘାଷିରାମ ମାଝୀ) ତିରୁପତିକୁ ଦାଦନ ଶ୍ରମିକ ହୋଇ ଛଅ ମାସ ତଳେ ଯାଇଥିଲେ। ଗତ ଜୁନ୍ ୨୯ ତାରିଖରେ ଟ୍ରେନ୍‌ରେ ନିଜ ଦୁଇ ଜଣ ସହଯୋଗୀ ସହିତ ଆସୁଥିବାବେଳେ ବିଜୟବାଡା ରେଳ ଷ୍ଟେସନରୁ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ଚିନ୍ତାରେ ପଡ଼ି ଖଡ଼ିଆଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯୁବକଙ୍କ ସହ ଯାଇଥିବା ଦୁଇ ଜଣ ବ୍ୟକ୍ତି ଥୁଜା ମାଝୀ, ଥାନା ଗୋଲାମୁଣ୍ଡା, ଜିଲ୍ଲା କଳାହାଣ୍ଡି ହୋଇଥିବାବେଳେ ଅନ୍ୟ ଜଣେ ଗୁଜୁ ମାଝୀ ନୂଆପଡ଼ା ଜିଲ୍ଲାର ଅଟନ୍ତି। ଧନସିଂ ରେଳଷ୍ଟେସନରୁ ନିଖୋଜ ପରେ ସାଙ୍ଗରେ ଥିବା ଯୁବକମାନେ ତାଙ୍କ ବ୍ୟାଗ ଓ ମୋବାଇଲ ଫୋନ୍ ଆଣି ଦାବ୍ରି ଗ୍ରାମରେ ଥିବା ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ, ଯୁବକଙ୍କ କୌଣସି ସନ୍ଧାନ ମିଳୁନାହିଁ। ଏହି ଘଟଣାକୁ ନେଇ ସନ୍ଦେହଜନକ ହେବାରୁ ନିଖୋଜ ଯୁବକଙ୍କ ବାପା ଘାଷିରାମ ମାଝୀ ମଙ୍ଗଳବାର ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ସାଙ୍ଗରେ ଯାଇଥିବା ବ୍ୟକ୍ତିଙ୍କ ବିରୋଧରେ ପୁଅକୁ ନିଖୋଜ କରିଥିବା ସନ୍ଦେହ ପ୍ରକାଶ କରି ଘଟଣାର ନିରପେକ୍ଷ ତଦନ୍ତ ଏବଂ ଯୁବକଙ୍କୁ ଶୀଘ୍ର ଉଦ୍ଧାର କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି। ଏନେଇ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରୁ ତାଙ୍କ ସାଙ୍ଗରେ ଯାଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଡକାଯାଇଛି। ସେମାନେ ଆସିଲା ପରେ ଅଧିକ ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

# ବାଙ୍କିମୁଣ୍ଡା ଲୁଟ୍ ଉଦ୍ୟମ ଘଟଣା; ୫ କୋର୍ଟ ଚାଲାଣ

**କୋକସରା, ୧୫।୭ (ସମିସ):** ଘରେ ପଶି ବନ୍ଧୁକ ଦେଖାଇ ଡକାୟତି ଉଦ୍ୟମ କରିବା ପଡ଼ିଲା ମହଙ୍ଗା। ଗ୍ରାମବାସୀଙ୍କ ଯୋଗୁଁ ପୁଲିସ ହାତରେ ଧରାପଡ଼ିବା ପରେ ବୁଧବାର ୫ ଜଣ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ଦ୍ୱିପ୍ରହର ସମୟରେ କୋକସରା ଥାନା ଅଧୀନ ବାଙ୍କିମୁଣ୍ଡା ଗ୍ରାମର ପ୍ରଶାନ୍ତ ତିୱାରୀଙ୍କ ଘରେ ୫ଜଣ ସଶସ୍ତ୍ର ଦୁର୍ବୃତ୍ତ ଜୋରଜବରଦସ୍ତ ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଲୁଟପାଟ୍ କରିବାକୁ ଉଦ୍ୟମ କରିଥିଲେ। ତେବେ ପରିବାର ଲୋକଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ଏବଂ ୫ ଜଣଯାକ ଦୁର୍ବୃତ୍ତଙ୍କୁ କାବୁ କରିବା ସହ କୋକସରା ଥାନା ପୁଲିସକୁ ଖବର ଦେଇ ଜିମା ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ ତଦନ୍ତ କୁ ଯୋରଦାର କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଆମପାଣି ଥାନା ଅଞ୍ଚଳର ପିଣ୍ଟୁ ତାଣ୍ଡି ଓରଫ (ସୂର୍ଯ୍ୟ ପ୍ରକାଶ), କୋକସରା ଥାନା ଅଞ୍ଚଳର ପିଙ୍କୁ ବାରିକ, ଜୁନାଗଡ଼ ଥାନା ଅଞ୍ଚଳର ହିମାଂଶୁ ତାଣ୍ଡି, ସତ୍ୟମ୍ କୈବର୍ତ୍ତ ଓ ଟଙ୍କଧର ବାରିକଙ୍କୁ ଗିରଫ କରି ମେଡିକାଲ ଟେଷ୍ଟ କରାଯିବା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଥିବା କୋକସରା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ରଥଯାତ୍ରା ପାଇଁ କଳମପୁର ଅଞ୍ଚଳ ଚଳଚଞ୍ଚଳ

**କଳମପୁର, ୧୫।୭(ସମିସ):** ରଥଯାତ୍ରା ପାଇଁ କଳମପୁର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। କଳମପୁର ସମେତ ତୁରାଗାଁ, ବ୍ରାହ୍ମଣ କେନ୍ଦୁଗୁଡା, ବିଜମରା, ବଡକୁଟ୍ଟ, ମଣ୍ଡଳ, ନୂଆଁ ଗାଁ, ଭାଟିଗାଁ, ଦେପୁର ଆଦି ସ୍ଥାନରେ ରଥଯାତ୍ରା ପାଳନ ହେଉଛି। ଜନ ସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ କରାଯାଇଛି। ଅସାଧୁ ବ୍ୟବସାୟୀମାନେ ହାତରନ୍ଧା ମଦ ବିପୁଳ ପରିମାଣରେ ବିଭିନ୍ନ ସ୍ଥାନ ମାନଙ୍କରେ ଗଚ୍ଛିତ ରଖିଥିବା ଚର୍ଚ୍ଚା ହେଉଛି। ଠାକୁରଙ୍କ ପବିତ୍ର ରଥଯାତ୍ରା ସମୟରେ ନିଶାପାନ କରିବା ଘଟଣାକୁ ଭକ୍ତଙ୍କ ମହଲରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ବିଗତଦିନରେ ଏଭଳି ଅନେକ ନଜିର ରହିଥିବା ବେଳେ ବିଭାଗ ଏଥିପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରୁନାହିଁ, ଫଳରେ ଶ୍ରୀ ମହାପ୍ରଭୁଙ୍କ ରଥଯାତ୍ରାରେ ବ୍ୟାଘାତ ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

# କାର୍ତ୍ତିକେଶ୍ୱରଙ୍କୁ ଭାରତ ଆନ୍ତର୍ଜାତିକ ଆଚିଭର୍ ସମ୍ମାନ




**ଭବାନୀପାଟଣା, ୧୫।୭(ସମିସ):** ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କାର୍ତ୍ତିକେଶ୍ୱର ନନ୍ଦଙ୍କୁ ଭାରତ ଆନ୍ତର୍ଜାତିକ ଆଚିଭର୍ ସମ୍ମାନ ୨୦୨୬ ରେ ସମ୍ମାନିତ କରାଯାଇଛି। ପୁରୀ ଜିଲ୍ଲା ସଂସ୍କୃତି ଭବନଠାରେ ହାପି ମୁମେଣ୍ଟ ଇଣ୍ଡିଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ନନ୍ଦ ଯୋଗଦେଇ ଜୀବନର ପ୍ରକୃତ ଆନନ୍ଦ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଭିନ୍ନଭିନ୍ନ କ୍ଷେତ୍ରର ପ୍ରତିଭା ତଥା ପ୍ରତିଷ୍ଠିତ ଗୁଣି ଜ୍ଞାନୀବ୍ୟକ୍ତି ମାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।

# କେସିଙ୍ଗା କଲେଜରେ 'ହାତଟିଏ କୁ ଗଛଟିଏ' କାର୍ଯ୍ୟକ୍ରମ

**କେସିଙ୍ଗା, ୧୫।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଓ ରାଷ୍ଟ୍ରୀୟ ସେବା ଯୋଜନା ବିଭାଗ ଆନୁକୂଲ୍ୟରେ ଛାତ୍ରମାନଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ, ଇରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଅଶ୍ୱିନ କୁମାର ପଟ୍ଟନାୟକ, ଗଣିତ ବିଭାଗର ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ୱାଇଆରସି ସଂଯୋଜକ ଅଧ୍ୟାପକ ରାଇ ଇମୋହନ, ଏନ୍ଏସଏସ ସଂଯୋଜକ ଅଧ୍ୟାପକ ମଣି ରଣାଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।



# ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍‌ର ପ୍ରଥମ ଆଭିମୁଖୀକରଣ କାର୍ଯ୍ୟକ୍ରମ

**ଖଡ଼ିଆଳ, ୧୫।୭(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲର ପ୍ରଥମ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଭ୍ୟନ୍ତରୀଣ କମିଟିର ପ୍ରିଜାଇଡିଂ ଅଫିସର ରଶ୍ମୀକାନ୍ତି ତିର୍କୀ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ପ୍ରଫେସର ପ୍ରୀତିସ୍ୱପ୍ନା ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହିତ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ ରହିବାରେ ସେଲର ଭୂମିକା ଏବଂ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଗ୍ରହଣ କରାଯାଇଥିବା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁ ଛାତ୍ରୀମାନଙ୍କ ସାମାଜିକ ଓ ଆଇନଗତ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଗୀତାରାଣୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହେକାଥନ୍ ୩.୦

**ଭବାନୀପାଟଣା, ୧୫।୭(ସମିସ):** ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କଳାହାଣ୍ଡି ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହେକାଥନ୍ ୩.୦ ଆୟୋଜିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ମାଳବିକା ଦେବୀ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ସମ୍ମାନିତ ଅତିଥିଭାବେ ଡ. ଶୁଭ୍ରାଂଶୁ ଶେଖର ଦାଶ, ଶାକ୍ୟସିଂହ ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ ଓ ତପିମଣି ଜାନୀ, ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ନୀଳାଞ୍ଚଳ ପାନଙ୍କ ନିର୍ଦ୍ଦେଶନାରେ ତଳବେଲଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ଛାତ୍ରୀ ଅମୃତା ସାହୁ ଓଡ଼ିଶୀ ନୃତ୍ୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଜିଲ୍ଲାର ୨୩ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମୋଟ ୪୯ ଗୋଟି ମନୋନୀତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଓ ଏଥିରେ ୧୪୭ ଜଣ ତରୁଣ ବୈଜ୍ଞାନିକ ମାର୍ଗଦର୍ଶୀ ଶିକ୍ଷକଙ୍କ ସହ ଯୋଗଦେଇ ନିଜ ନିଜ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ଓ ଶ୍ରେଷ୍ଠ ୪ ଗୋଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ବିଚାରକ ଭାବେ ସନ୍ତୋଷ କୁମାର କର, ଡ. ଅଶୋକ କୁମାର ଭୋଇ ଓ ଆଇଆଇଟି ପ୍ରତିନିଧି ଶାକ୍ୟସିଂହ ମହାପାତ୍ର ଶିକ୍ଷାର୍ଥୀମାନଙ୍କ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ବିବେକାନନ୍ଦ ମହାନନ୍ଦ, ତହସିଲଦାର କ୍ଷୀରୋଦ ଚନ୍ଦ୍ର ନାଗ, ବଂଶ ଶର୍ମା, ରବୀନ୍ଦ୍ର ପଟ୍ଟନାୟକ, ରୂପସିଂ ରାଉତ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଜଙ୍ଗଲ ଅଧିକାର ହକ୍ ପାଇଁ ରାସ୍ତାକୁ ଓହ୍ଲାଇବ ଜଙ୍ଗଲଜମି ମୁକ୍ତି ଆନ୍ଦୋଳନ କମିଟି

**ନୂଆପଡ଼ା, ୧୫।୭(ସମିସ):** ପୁରୁଷ ପୁରୁଷ ଧରି ବଣ ଜଙ୍ଗଲରେ ବସବାସ କରିବା ସହ ଚାଷବାସ କରି ଜୀବନ ଜୀବିକା ନିର୍ବାହ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ନିଜର ହକ୍ ଅଧିକାର ଦେବାକୁ କୋମନା ରେଞ୍ଜର ଟାଳଟୁଳ ନୀତି ଅବଲମ୍ବନ କରିବା ସହ ମନା କରୁଥିବାରୁ ଆସନ୍ତା ୨୧ ତାରିଖ ରେ ନୂଆପଡ଼ା ଜିଲ୍ଲା ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ବୋଲୋଦା ବିଜୁ ଏକ୍ସପ୍ରେସ ନିକଟରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ନାଗପଡ଼ା ପଞ୍ଚାୟତଟି ବୋଡ଼େନ ବ୍ଲକ ଅଧୀନରେ ରହିଛି। ହେଲେ ଉକ୍ତ ପଞ୍ଚାୟତଟି କୋମନା ରେଞ୍ଜ ଅଧୀନରେ ରହିଛି। ଏହି ପଞ୍ଚାୟତର ଅନେକ ଆଦିବାସୀ ଓ ପାରମ୍ପରିକ ବନବାସୀ ନିଜର ହକ୍ ପାଇଁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ ଅନୁସାରେ ପ୍ରସାଶନିକସ୍ତରରେ ଦାବି ଫର୍ମ ଦାଖଲ କରିଛନ୍ତି। ହେଲେ ବାରମ୍ବାର କୋମନା ରେଞ୍ଜରଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ଅଧିକାର ଦେବାକୁ ମନା କରୁଥିବା ନେଇ ବୋଡ଼େନ ବ୍ଲକସ୍ତରୀୟ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ଏକ ବୈଠକ ବସି ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ମିଡିଆ କ୍ଲବ୍‌ର ଜରୁରୀ ବୈଠକ

**ଜୁନାଗଡ଼, ୧୫।୭(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଆରଏମ୍‌ସି ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ଜୁନାଗଡ଼ ମିଡିଆ କ୍ଲବର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରସଙ୍ଗକୁ ନେଇଁ ଆଲୋଚନା କରାଯାଇଥିଲା। ବିଶେଷ କରି ଜୁନାଗଡ଼ ବ୍ଲକରେ ବଣ୍ଟନ ହେଉଥିବା ନିମ୍ନମାନର ଛତୁଆ, ଏମ୍‌ଡିଏମ୍ ଚାଉଳ ଯୋଗାଣରେ ଅନିୟମିତତା, ଛାତ୍ରଛାତ୍ରୀଙ୍କ ସ୍କୁଲ ପୋଷାକବଣ୍ଟନରେ ଦୁର୍ନୀତି ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହ ଏହି ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ଗଣମାଧ୍ୟମକୁ ସକ୍ରିୟ ହେବାକୁ ଆହ୍ୱାନ ଦିଆଯାଇଥିଲା। କ୍ଲବର ପରାମର୍ଶ ଦାତା, ମୁକେଶ ଅଗ୍ରୱାଲ, ଉତ୍ତମ ଦାଶ, କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ମାଝୀ, ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ସହ ସମ୍ପାଦକ ବାଲେଶ୍ୱର ଶୁଣାଣି, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସହ ସମସ୍ତ ସଦସ୍ୟ ତଥା ସାହେବ ଛତ୍ରିଆ, ଲକ୍ଷ୍ମଣ ବାଣୁଆ, ଦୁଲେନ୍ଦ୍ର ମେହେର, ସୁରେଶ୍ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଜନ୍ମଦିନରେ ଚାରାରୋପଣ ଓ ରୋଗୀଙ୍କୁ ଖାଦ୍ୟବଣ୍ଟନ



**ଖଡ଼ିଆଳ, ୧୫।୭(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଜନ୍ମଦିନ ଅବସରରେ ସାମାଜିକ ସେବା ଓ ପରିବେଶ ସୁରକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଦୀ ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତାଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ସେହିପରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ବିଧାୟକଙ୍କ ଜନ୍ମଦିନକୁ କେବଳ ଉତ୍ସବରେ ସୀମିତ ନ ରଖି ସମାଜସେବା ଓ ପରିବେଶ ସୁରକ୍ଷା ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ପାଳନ କରାଯିବାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

## ଥୁଆମୂଳ ରାମପୁରରେ ବିପର୍ଯ୍ୟସ୍ତ ଅଙ୍ଗନବାଡ଼ି ବ୍ୟବସ୍ଥା

# ୧୮୪ କେନ୍ଦ୍ର ମଧ୍ୟରୁ ୩୯ଟିର ନାହିଁ ନିଜସ୍ୱ ଗୃହ






**ଥୁଆମୂଳ ରାମପୁର, ୧୫।୭(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଚାଲୁଥିବା ଅଙ୍ଗନବାଡି ବ୍ୟବସ୍ଥା ଏବେ ଗୁରୁତର ଅବ୍ୟବସ୍ଥାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଥୁଆମୂଳ ରାମପୁର ବ୍ଲକରେ ମୋଟ୍ ୧୮୪ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୩୯ଟି କେନ୍ଦ୍ରର ନିଜସ୍ୱ ଗୃହନାହିଁ। ଅନେକ କେନ୍ଦ୍ରର ଭବନ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଅଧାରେ ଅଟକି ରହିଥିବା ବେଳେ ୩୦ଟି କେନ୍ଦ୍ରର ଭବନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଭଳି ପରିସ୍ଥିତିରେ ଶିଶୁମାନଙ୍କ ସୁରକ୍ଷା ଓ ସଠିକ୍ ପରିବେଶରେ ପାଠପଢ଼ା ଏବଂ ପୋଷଣ ସେବା ପ୍ରଦାନ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ୪୯ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନ ଥିବା ବେଳେ ୮୦ଟି କେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା ନାହିଁ। ସେହିପରି ୬୦ଟି କେନ୍ଦ୍ରରେ ଶୌଚାଳୟ ସୁବିଧା ନ ଥିବା ସୂଚନା ମିଳିଛି। ଅଧିକାଂଶ କେନ୍ଦ୍ରରେ ସୁରକ୍ଷା ପାଚେରି ନ ଥିବାରୁ ଛୋଟଛୋଟ ଶିଶୁଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରୁଛନ୍ତି। ପ୍ରଶାସନିକସ୍ତରରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବ୍ଲକର ସାତଟି ସେକ୍ଟର ପାଇଁ ଆବଶ୍ୟକ ସଂଖ୍ୟକ ସୁପରଭାଇଜର ନ ଥିବାରୁ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ନିୟମିତ ତଦାରଖ ବ୍ୟାହତ ହେଉଛି। ଫଳସ୍ୱରୂପ କେତେକ କେନ୍ଦ୍ରରେ ନିୟମିତ କାର୍ଯ୍ୟକ୍ରମ ଚାଲୁ ନ ଥିବା ଅଭିଯୋଗ ଆସୁଛି। ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ମିଳୁଛି ଯେ, କେତେକ ଅଙ୍ଗନବାଡି କେନ୍ଦ୍ରରେ ମାସ ମାସ ଧରି କର୍ମୀ ଉପସ୍ଥିତ ରହୁନାହାନ୍ତି, ଅନେକ କେନ୍ଦ୍ର ନିୟମିତ ଭାବେ ଖୋଲାଯାଉ ନାହିଁ ଏବଂ ଶିଶୁମାନଙ୍କ ପାଇଁ ଦିଆଯାଉଥିବା ରନ୍ଧା ଖାଦ୍ୟ ବଣ୍ଟନ ମଧ୍ୟ ବନ୍ଦ ରହୁଛି। ଏହାଛଡ଼ା ଶିଶୁମାନଙ୍କୁ ବଣ୍ଟନ କରାଯାଉଥିବା ପୋଷାକର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିମ୍ନମାନର ପୋଷାକ ବଣ୍ଟନ କରାଯାଉଥିବା ଅଭିଯୋଗ ଅନେକ ସମୟରେ ସାମ୍ନାକୁ ଆସୁଛି। ଅବ୍ୟବସ୍ଥା ଦୂ କରିବା ପାଇଁ ପ୍ରଶାସନ ତୁରନ୍ତ ଭିତ୍ତିଭୂମିର ଉନ୍ନତି, ଖାଲିପଦ ପୂରଣ, ନିୟମିତ ତଦାରଖ ଏବଂ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

> ୮୦ଟିରେ ପାନୀୟଜଳ ଓ ୪୯ଟିରେ ବିଦ୍ୟୁତ ସୁବିଧା ନାହିଁ

## ନୂଆପଡ଼ାରେ ଶିଶୁ ସୁରକ୍ଷା ୟୁନିଟ୍‌ର ସମୀକ୍ଷା ବୈଠକ

# ନୀରଜ ସତନାମୀଙ୍କୁ 'ଶିଶୁ ମିତ୍ର' ସମ୍ମାନ

**ନୂଆପଡ଼ା, ୧୫।୭(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଡିସିପିୟୁର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ମହାଉତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ। ସମୀକ୍ଷା ଅନୁସାରେ, ୪୧ ଜଣ ଶିଶୁଙ୍କୁ ଯଶୋଦା ଯୋଜନାରେ ସାମିଲ କରାଯାଇଥିବା ବେଳେ ୩ ଜଣ ଶିଶୁଙ୍କୁ 'ଗ୍ରୀନ୍ ପାସେଜ୍' ସୁବିଧା ପ୍ରଦାନ କରାଯାଇଛି। ୨ ଜଣ ଶିଶୁଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ସହ ସଂଯୋଗ କରାଯାଇଥିବାବେଳେ ୧୪୩ ଜଣ ଶିଶୁଙ୍କୁ ସ୍ପନସରସିପ୍ କାର୍ଯ୍ୟକ୍ରମ ଅଧୀନରେ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ସମସ୍ତ ତହସିଲଦାରଙ୍କୁ ଏକକ ଅଭିଭାବକ ଏବଂ ଅନାଥ ଶିଶୁମାନଙ୍କ ଆୟ ପ୍ରମାଣପତ୍ର ଆବେଦନଗୁଡ଼ିକର ତ୍ୱରିତ ଯାଞ୍ଚ କରି ବିଳମ୍ବ ନକରି ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କୋମନା ବ୍ଲକର ନୀରଜ ସତନାମୀଙ୍କୁ ଏକକ ଅଭିଭାବକ ଏବଂ ଅନାଥ ବର୍ଗର ୧୦ ଜଣ ଶିଶୁଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ସଂଯୋଗ କରାଇବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ପ୍ରଥମ 'ଶିଶୁ ମିତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା।



ଖଡ଼ିଆଳସ୍ଥିତ ଉତ୍କଳ ବାଳାଶ୍ରମରୁ ପୁନର୍ବାସ ପାଇଥିବା ୨ ଜଣ ଶିଶୁଙ୍କୁ ମଧ୍ୟ ଅନାଥ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବୈଠକରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ବବିତା ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆ, ଶିଶୁ କଲ୍ୟାଣ ସମିତିର ସଦସ୍ୟବୃନ୍ଦ, କିଶୋର ନ୍ୟାୟ ବୋର୍ଡ ଜେଜେବିର ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ

**ତରଭା,୧୫।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଗଣନା-୨୦୨୭ ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନିମନ୍ତେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ, ଜିଲ୍ଲା ସଂଯୋଜକ ଶିଭମ୍ ଜୟସ୍ୱାଲ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ତହସିଲଦାର, ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ରାଜସ୍ୱ ପର୍ଯ୍ୟବେକ୍ଷକ, ଅତିରିକ୍ତ ତହସିଲଦାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ପୌରପରିଷଦ ଓ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରପ୍ରାପ୍ତ ଜନଗଣନା ଅଧିକାରୀ ସତ୍ୟବ୍ରତ ସାହୁ ଏହି ପ୍ରଶିକ୍ଷଣ ଶିବିରକୁ ସଂଯୋଜନା କରିଥିଲେ। ଜନଗଣନା-୨୦୨୭କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ଓ ଏହାର ବ୍ୟବହାରର ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ



ମୋଟ ୧୨୦ ଜଣ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୬ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜିଲ୍ଲାବ୍ୟାପୀ ସର୍ଭେକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ଭେ ସମୟରେ ପ୍ରତ୍ୟେକ ଗ୍ରାମ, ବସ୍ତି ଏବଂ ସହରାଞ୍ଚଳର ସାମାଜିକ, ଆର୍ଥିକ ଓ ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା, ପାନୀୟ ଜଳ ସଂଯୋଗ ଏବଂ ସେହି ଅଞ୍ଚଳରେ ଉପଲବ୍ଧ ଓ ଅନୁପଲବ୍ଧ ବିଭିନ୍ନ ମୌଳିକ ସୁବିଧା ସମ୍ପର୍କିତ ତଥ୍ୟ କିପରି ସଂଗ୍ରହ କରାଯିବ ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଜନଗଣନା ହ୍ୟାଣ୍ଡବୁକ୍ ଏକ ପ୍ରାମାଣିକ ଦଲିଲ; ଯେଉଁଥିରେ ଜିଲ୍ଲାର ପ୍ରଶାସନିକ ବିବରଣୀ, ଗ୍ରାମ ଓ ସହରର ତାଲିକା, ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ, ସାକ୍ଷରତା, କାର୍ଯ୍ୟ ନିୟୋଜନ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ପରିସଂଖ୍ୟାନ ରହିଥାଏ। ଏହି ହ୍ୟାଣ୍ଡବୁକ୍ ପ୍ରଶାସନ, ଯୋଜନା ପ୍ରସ୍ତୁତି, ଗବେଷଣା ଓ ନୀତି ନିର୍ଦ୍ଧାରଣ ପାଇଁ ଅତ୍ୟନ୍ତ ଉପଯୋଗୀ। ଜନଗଣନା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ହ୍ୟାଣ୍ଡବୁକ୍ ପ୍ରସ୍ତୁତିର ପଦ୍ଧତି, ତଥ୍ୟ ସଂଗ୍ରହ, ପ୍ରଶାସନିକ ସୀମା, କୋଡିଂ ପ୍ରଣାଳୀ, ତଥ୍ୟ ଯାଞ୍ଚ ଏବଂ ଡିଜିଟାଲ୍ ତଥ୍ୟ ପରିଚାଳନା ସମ୍ବନ୍ଧରେ ଠିକ୍ ଜ୍ଞାନ ପ୍ରଦାନ କରିବା ପାଇଁ ଏବେ ପ୍ରଶିକ୍ଷଣ ଦିଆଯାଉଛି। ଜନଗଣନା-୨୦୨୭ରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଡିଜିଟାଲ୍ ତଥ୍ୟ ସଂଗ୍ରହ ଏବଂ ଅନଲାଇନ୍ ପରିଚାଳନା ପ୍ରଣାଳୀର ଗୁରୁତ୍ୱ ବଢ଼ିଛି। ତେଣୁ ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ସହଜରେ ତଥା ନିର୍ଭୁଲ ଭାବେ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରିପାରିବେ।

## ଅଖଣ୍ଡ ସନାତନ ରାଷ୍ଟ୍ର ଘୋଷଣା ଦାବି

**ବୌଦ୍ଧ,୧୫।୭(ସମିସ):** ରାଷ୍ଟ୍ରୀୟ ହିନ୍ଦୁ ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ମହିଳା ସଭାପତି ଗିତାରାଣୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟେନ୍ଦ୍ର ଶତପଥୀ, ସିଦ୍ଧେଶ୍ୱର ଯୋଶୀ, ମିନୁପ୍ରସାଦ ମିଶ୍ର, ବିପ୍ରଚରଣ ମହାନ୍ତି, ପ୍ରତାପ ସାହୁ, ମନରଞ୍ଜନ ଦାଶ, ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ

**ବୌଦ୍ଧ,୧୫।୭(ସମିସ):** ମହାପ୍ରଭୁଙ୍କ ଅଣସର ନୀତି ସମାପନ ପରେ ବୌଦ୍ଧ ସହରର ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ନବଯୌବନ ବେଶ ରୀତି ନୀତି ଅନୁସାରେ ସମ୍ପନ୍ନ ହୋଇଛି। ଦୀର୍ଘ ୧୪ ଦିନ ଧରି ଅଣସର ଘରେ



ବିରାଜମାନ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ସୁସ୍ଥ ହୋଇ ନବଯୌବନ ବେଶରେ ଭକ୍ତଙ୍କୁ ପ୍ରଥମ ଦର୍ଶନ ଦେଇଛନ୍ତି। ପ୍ରାତଃକାଳରେ ଶ୍ରୀଜୀଉଙ୍କ ବିଗ୍ରହରେ ପ୍ରାଣପ୍ରତିଷ୍ଠା ପରେ ନୀତିକାନ୍ତି ସହ ପୂଜା ସମ୍ପନ୍ନ କରାଯାଇଥିଲା। ଏହାପରେ ମହାରଣା ସେବକମାନଙ୍କ ଦ୍ୱାରା ପରମ୍ପରା ଅନୁଯାୟୀ ନେତ୍ର ସ୍ପର୍ଶ କରାଯାଇ ନେତ୍ରୋତ୍ସବ ନୀତି ପାଳନ କରାଯାଇଥିଲା। ପରେ ଷୋଡଶ ଉପଚାରରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ମନ୍ଦିରର ପୂଜକ ବିଭୁଦତ୍ତ ପଣ୍ଡା ବିଧିବଦ୍ଧ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନୀତି ସମାପନ ପରେ ମନ୍ଦିରରେ ଧ୍ୱଜା ବନ୍ଧା, ରଥ ପ୍ରତିଷ୍ଠା ଓ ରଥ ଧ୍ୱଜା ବନ୍ଧା କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଥିଲା।

# ବିଜେଡିର ଶିକ୍ଷା ବଞ୍ଚାଅ ଆନ୍ଦୋଳନ

**ବୌଦ୍ଧ,୧୫।୭(ସମିସ):** ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୌଦ୍ଧରେ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ କନ୍ଧମାଳ ବିଧାୟକ ମହୀଧର ରଣାଙ୍କ ସମେତ ବିଜେଡି ଦଳର ବିଭିନ୍ନ ଛାମୁଆ ସଂଗଠନର ଜିଲ୍ଲା ସଭାପତି, ବ୍ଲକ୍



ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୌଦ୍ଧ ସହରସ୍ଥିତ ମର୍ଜାକୁଦ୍ ବ୍ରିଜ ଛକ ନିକଟରେ ବିଜେଡି ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିଜେପି ସରକାରର ଷଡଯନ୍ତ୍ର ବିରୋଧରେ ଦଳୀୟ ନେତାମାନେ ବକ୍ତବ୍ୟ ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବା ସହ ତୁରନ୍ତ ତ୍ରୁଟିମୁକ୍ତ ନୂତନ ବହି ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସଭା ପରେ ସମସ୍ତ ଦଳୀୟ ନେତୃବୃନ୍ଦ ଓ କର୍ମୀ ମର୍ଜାକୁଦ ବ୍ରିଜ ଛକରୁ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହାପରେ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ଭାଗ୍ୟରଥୀ ମଲ୍ଲିକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଉଦିତ ପ୍ରତାପ ଭୋଇ, ଜିଲ୍ଲା ମହିଳା ବିଜେଡି ସଭାପତି ଦୀପ୍ତିପ୍ରଭା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶୋକ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର, ଅବକାଶ ସାହୁଙ୍କ ସମେତ ବିଜେଡି ନେତୃ ମଣ୍ଡଳୀ ଓ କର୍ମୀ ସାମିଲ ହୋଇଥିଲେ।

## ବଜ୍ରପାତରେ ବୃଦ୍ଧାଙ୍କ ଘର ଜଳିଗଲା



**ଶଗଡା/କନ୍ଧମାଳ,୧୫।୭(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ କାପେଲବେଡା ଗ୍ରାମରେ ଏକ ଦୁଃଖଦାୟକ ଘଟଣା ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବଜ୍ରପାତ ଯୋଗୁଁ ଶୁକ୍ରବାରୀ କୁମୁରା ନାମ୍ନୀ ଜଣେ ଅସହାୟ ବୃଦ୍ଧାଙ୍କ ଘର ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୨ ବଖରା ଚାଳ ଘର ଜଳି ଯାଇଛି। ଘରେ ଥିବା ଚାଉଳ, ଆସବାବପତ୍ର ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷ ପତ୍ର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ତେବେ ସୌଭାଗ୍ୟବଶତଃ ଘଟଣା ସମୟରେ ଘର ଭିତରେ କେହି ନ ଥିବାରୁ ଏକ ବଡ଼ ଧରଣର ଜୀବନହାନି ଟଳିଯାଇଛି। ଏହି ଘଟଣା ସମ୍ପର୍କରେ ଖବର ପାଇ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଭେଟିଛନ୍ତି। କିଛି ଜରୁରୀ ରିଲିଫ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହିତ ଖୁଣ୍ଟିଗୋରା ଆରଆଇ ଅରୁଣ ନାଏକ ମଧ୍ୟ ସ୍ଥିତି ପରଖି ମୁଣ୍ଡ ଗୁଞ୍ଜିବା ପାଇଁ ଜରି ପାଲ ଯୋଗାଇ ଦେଇଛନ୍ତି। ଏହାସହ କ୍ଷୟକ୍ଷତିର ଆକଳନ କରିଛନ୍ତି।

## ଦପଲା-ଲଇଡ଼ା ଛକ ରାସ୍ତା ଶୋଚନୀୟ



**ଶଗଡା,୧୫।୭ (ସମିସ) :** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଦପଲାଠାରୁ ଲାଇଡ଼ା ଯାଇଥିବା ରାସ୍ତାର ଦପଲା ଛକ ନିକଟରେ ରାସ୍ତା ଖାଲ ଖମା ସହ ପାଣି କାଦୁଅରେ ଭର୍ତ୍ତି ହୋଇଛି। ଏହା ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିରାସ୍ତା ଦେଇ ଲଇଡ଼ା, ପରତଲା, ଲିମ୍ବପାଲି, ପୈରବନ୍ଧ ଆଦି ଅନେକ ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ଏହି ସ୍ଥାନରେ ଏକ କୋଚିଂ ସେଣ୍ଟର ଥିବାରୁ ସକାଳ ହେଲେ ଛାତ୍ରଛାତ୍ରୀଙ୍କ ଭିଡ଼ ଜମେ; ହେଲେ ରାସ୍ତା ଖାଲଖମା ଯୋଗୁଁ ବର୍ଷାରେ ଛାତ୍ରଛାତ୍ରୀ ପଡି ଆହତ ହେବା ସହ ବହିପତ୍ର ଭିଜି ଯାଉଛି। ବର୍ଷା ଦିନେ ଛକରେ ଅନେକ ଖାଲଖମା ଥିବା ବେଳେ ବର୍ଷା ପାଣି ଭରିଯିବାରୁ ଲୋକେ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଛନ୍ତି। ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଏକଥାକୁ କର୍ଣ୍ଣପାତ କରୁ ନାହାନ୍ତି।

## ଆକ୍ରମଣ ମାମଲାରେ ପରିବାର ସଦସ୍ୟ ଦୋଷୀ ସାବ୍ୟସ୍ତ

**ଜହ୍ନାପଙ୍କ,୧୫।୭(ସମିସ):** ବୌଦ୍ଧ ଥାନା ମକୁନ୍ଦପୁର୍ ଗ୍ରାମରେ ଘରେ ପଶି ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ଆକ୍ରମଣ ମାମଲାରେ ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗତବର୍ଷ ଅଗଷ୍ଟ ୨୧ ତାରିଖ ରାତି ୧୦ଟାରେ ମକୁନ୍ଦପୁର ଗ୍ରାମର ଅଭିମନ୍ୟୁ ମାଝୀଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ଗ୍ରାମର କଲ୍ୟାଣ ମାଝୀ ଓ ତାଙ୍କର ୪ ପୁଅ ଅଭଦ୍ର ଭାଷାରେ ଗାଳି ଗୁଲଜ କରି ମାଡ ମାରିଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିଲା। ତତ୍କାଳୀନ ଜହ୍ନାପଙ୍ଗ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଅଭିଯୋଗର ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ। ଅଭିମନ୍ୟୁଙ୍କ ପତ୍ନୀ ଶାନ୍ତି ମାଝୀଙ୍କ ଅଭିଯୋଗ ଆଧାରରେ ବୌଦ୍ଧ ଜେଏମ୍ଏଫସି ସୁସ୍ମିତା ପ୍ରିୟଦର୍ଶିନୀଙ୍କ ଅଦାଲତରେ ଚାଲିଥିବା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଅଭିଯୁକ୍ତ କଲ୍ୟାଣ ଜଟି ଓ ତାଙ୍କର ୪ ପୁଅଙ୍କୁ ୧ ହଜାର ଟଙ୍କା ଲେଖାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଅର୍ଥ ଅନାଦେୟ ହେଲେ ୨ ମାସ ଲେଖାଏଁ ଜେଲ୍ ଦଣ୍ଡର ଆଦେଶ ଦେଇଛନ୍ତି ସରକାରଙ୍କ ପକ୍ଷରୁ ଏପିପି ତୋଳାମଣି ପ୍ରଧାନ ମାମଲା ପରିଚାଳନା କରୁଥିଲେ।


## ବେଆଇନ୍ ଗୋ ଚାଲାଣ ଉଦ୍ୟମ ପଣ୍ଡ

**ଶଗଡା,୧୫।୭(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଞ୍ଚଳରେ ଏକ ବେଆଇନ୍ ଗୋ ଚାଲାଣ ଉଦ୍ୟମକୁ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ପଣ୍ଡ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ କାବୁ କରାଯାଇ ପୁଲିସ ଜିମା ଦିଆଯାଇଛି। ବାଉଁଶୁଣୀ ରାସ୍ତା ଦେଇ ବେଆଇନ୍ ଭାବେ ଗୋରୁ ଚାଲାଣ ହେଉଥିବା ନେଇ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ କୌଣସି ସୂତ୍ରରୁ ଖବର ପାଇ ସେମାନେ ଗୋ ଚାଲାଣକାରୀଙ୍କୁ କାବୁ କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ କିଛି ବ୍ୟକ୍ତି ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲେ। ସଦସ୍ୟମାନେ ୨ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଧରାପଡ଼ିଥିବା ୨ ଜଣଙ୍କୁ ସଦସ୍ୟମାନେ ପଚରାଉଚରା କରିଥିଲେ। ତେବେ ସେମାନେ ଗୋରୁ ଚାଲାଣ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ କିମ୍ବା ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏହାପରେ ତୁରନ୍ତ ବାଉଁଶୁଣୀ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ୨ ଜଣଙ୍କୁ ନିଜ ହେପାଜତକୁ ନେବା ସହ ତଦନ୍ତ ଜାରି ରଖିଛି।

## ୧୨୦ କେଜି ଗଞ୍ଜେଇ ଜବତ

**ଜହ୍ନାପଙ୍କ,୧୫।୭(ସମିସ):** ବୌଦ୍ଧ ଥାନା ଅଧୀନ ସାନବବଡା ଗ୍ରାମ ନିକଟରୁ ବୌଦ୍ଧ ଅବକାରୀ ରେଞ୍ଜ ୧୨୦ କେଜି ଗଞ୍ଜେଇ ଜବତ କରିଛି। ବୌଦ୍ଧ ଅବକାରୀ ରେଞ୍ଜ ପକ୍ଷରୁ ପାଟ୍ରୋଲିଂ ବେଳେ ବବଡା ନିକଟରେ ଚାଲାଣ ପାଇଁ ରଖା ଯାଇଥିବା ୧୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ବୌଦ୍ଧ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀଙ୍କ ନେତୃତ୍ୱରେ ବୌଦ୍ଧ ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ଆନନ୍ଦଚନ୍ଦ୍ର ମେହେର, ଅଞ୍ଜଳି ଅମାତ୍, ହୃଷିକେଶ ବାରିକ, ନିରଞ୍ଜନ ମଲ୍ଲିକ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ। ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୧୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।








# ସମ୍ପାଦକୀୟ



ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ।
-ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ସକାଳ
THE SAKALA

## ଉତ୍କଳର ନେତା ସ୍ୱୟଂ ନାରାୟଣ

କୋଟି ଓଡ଼ିଆର ସର୍ବମାନ୍ୟ ଓ ସର୍ବଶ୍ରେଷ୍ଠ ନେତା, ଓଡ଼ିଶାର ସର୍ବକାଳୀନ ପ୍ରଜାବତ୍ସଳ ରାଜାଧିରାଜ ଆଜି ଯେତେବେଳେ ରାଜ୍ୟବାସୀଙ୍କ ହାରିଗୁହାରୀ ଶୁଣିବାକୁ, ଦୁଃଖଦୁର୍ଦ୍ଦଶା ସ୍ୱୟଂ ପ୍ରତ୍ୟକ୍ଷ କରିବାକୁ ବଡ଼ଦାଣ୍ଡ ବା ରାଜଦାଣ୍ଡକୁ ଆସିବାର କଷ୍ଟ କରିଛନ୍ତି, ପ୍ରଜା ବା 'ଗଣ'ର ପ୍ରତିନିଧି ଭାବରେ ଅଭିଯୋଗ ଓ ବିନମ୍ର ଦାବି ଉପସ୍ଥାପନ କରିବା ଆମର କର୍ତ୍ତବ୍ୟ ବୋଲି ମନେ କରୁଛୁ। ଏଥିସହିତ କିଛି ଜରୁରୀ ଓ ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରି ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ କୃତାଞ୍ଜଳି ହସ୍ତେ ଭକ୍ତିପୂତ ଆବେଦନ କରୁଛୁ।

ହେ ଧର୍ମରକ୍ଷକ ନ୍ୟାୟପ୍ରିୟ ତ୍ରାଣକର୍ତ୍ତା! ଆଜି ରାମରାଜ୍ୟରେ ରାବଣାଚାର ବଢ଼ିଚାଲିଛି। ସୁନାହରିଣ ରୂପୀ ମରିଚୀମାନଙ୍କ ମାୟାଜାଲ ବିସ୍ତାରିତ ହେଉଛି। ଭ୍ରମିତ ପ୍ରଜାଙ୍କ ଧର୍ମ ଅର୍ଥରେ ଦାନ-ଅର୍ଥକୁ ଛଦ୍ମବେଶୀ ସାଧୁମାନେ ଅପହରଣ କରିନେଉଛନ୍ତି। ଗରିବ କୃଷକର ଜମିକୁ ଶିଳ୍ପପତିମାନେ ବଳପୂର୍ବକ ଜବରଦଖଲ କରଚାଲିଛନ୍ତି। ଗୋବର୍ଦ୍ଧନକୁ ଟେକି ଧରି ଆପଣ ଦିନେ ପ୍ରକୃତି ପୂଜନର ବାର୍ତ୍ତା ଦେଇଥିଲେ। ଆଜି ପ୍ରକୃତିର ପ୍ରତୀକ ପାହାଡ଼ ପର୍ବତ ନଦୀ ଜଙ୍ଗଲ ବିଧ୍ୱଂସମୁଖୀ। ମହେନ୍ଦ୍ରଗିରି, ଗନ୍ଧମାର୍ଦ୍ଦନ ପରି ଆହୁରି ଅନେକ ପବିତ୍ର ଐତିହ୍ୟ ସମ୍ପନ୍ନ ପୁରାଣ ପ୍ରସିଦ୍ଧ ପର୍ବତ ଉପରେ ସ୍ୱାର୍ଥାନ୍ୱେଷୀ ଶିଳ୍ପପତିଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଆପଣଙ୍କୁ ତ୍ରେତୟାରେ ଆତିଥେୟ ଦେଇଥିବା କଳିଯୁଗରେ ନୀଳକନ୍ଦରର ନିଭୃତ ପର୍ବତଗୁମ୍ଫାରେ ପୂଜା କରୁଥିବା ବନବାସୀଙ୍କ ବଂଶଧରମାନେ ଶିଳ୍ପପତି-ସରକାରୀ ମଧୁଚନ୍ଦ୍ରିକାରେ ବିସ୍ଥାପିତ ହେଉଛନ୍ତି। ଅନ୍ୟାୟ ବିରୋଧରେ ଉଠୁଥିବା ସ୍ୱର, ପ୍ରତିବାଦ ଓ ଆପତ୍ତିକୁ ପୁଲିସ ବଳ ପ୍ରୟୋଗରେ ନିରବ କରିଦିଆଯାଉଛି। ଆଜି ବିକାଶ ଦାନବର ପରାଭବରେ ପାରାବାର ପ୍ରଦୂଷିତ। ନଦୀ, ପୁଷ୍କରିଣୀ ବିଷାକ୍ତ। ଇନ୍ଦ୍ର ରୁଷ୍ଟ। ବର୍ଷାର ଅଭାବରେ ଚାଷୀକୁଳ ତ୍ରସ୍ତ।

ହେ ସଂସାରର ତ୍ରାଣକର୍ତ୍ତା! ଅସହାୟର ସହାୟ! ନିରାଶ୍ରୟର ରକ୍ଷାକର୍ତ୍ତା! ଆପଣ ଦିନେ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କୁ ଦୁଃଶାସନର ମନ୍ଦବୁଦ୍ଧି କବଳରୁ ରକ୍ଷା କରିଥିଲେ। ଆଜି ଶହଶହ ଦୁଃଶାସନର ଦୌରାତ୍ମ୍ୟରେ ନାରୀ ସମାଜ ପୀଡ଼ିତ, ତ୍ରସ୍ତ। ରାଜରାସ୍ତା ନିଶାଖୋରଙ୍କ ଦ୍ୱାରା କବଳିତ ଓ ଅସୁରକ୍ଷିତ। ଗରିବ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ। ନିଜ ଜନ୍ମଦାତା ଓ ଜନ୍ମିତ ସନ୍ତାନର ପରିଚୟ ପାଇଁ ସାଧାରଣ ଜନତାକୁ ଆଜି ସଂଘର୍ଷ କରିବାକୁ ପଡୁଛି। କୋର୍ଟକଚେରି ଧାଇଁ ଧାଇଁ ସର୍ବସ୍ୱାନ୍ତ ହେଉଛି। ବିନା ଉତ୍କୋଚରେ ନା ତ ଭତ୍ତା ମିଳୁଛି ନା ସରକାରୀ ଦଲିଲ୍। ଏପରିକି ଋଣ କରିବା ପାଇଁ ମଧ୍ୟ ହାତଗୁଞ୍ଜା ଦେବାକୁ ପଡୁଛି। ଟଙ୍କା ନ ଦେଲେ ଡାକ୍ତରମାନେ ଔଷଧ ଲେଖୁନାହାନ୍ତି। କୋଟି କୋଟି ଟଙ୍କାରେ ସରକାରୀ ଚାକିରି ବିକ୍ରି ହେଉଛି। ମେଧାବୀମାନଙ୍କର ଶ୍ରମ ଓ ଦକ୍ଷତା ବିଭାଗୀୟ କାର୍ଯ୍ୟାଳୟରେ ନିଲାମ୍ ହେଉଛି। ଧୃତରାଷ୍ଟ୍ର ସୁଲଭ ନିର୍ବିକାର ଶାସନରେ ଏଭଳି ଦୁର୍ଯ୍ୟୋଧନ-ଦୁଃଶାସନମାନଙ୍କର ତାଡ଼ନା ଆଉ କେତେଦିନ ପ୍ରଜାମାନେ ସହିଚାଲିଥିବେ? ପ୍ରତିକାର କରିବା ପାଇଁ ଆଜି ନିଃସ୍ୱ ନିଃସହାୟ ଜନତାର ଗୁହାରୀ ଶୁଣିବା ହୁଅନ୍ତୁ ପ୍ରଭୁ!

ହେ ଗର୍ବଗଞ୍ଜନ ହରି! ଆପଣଙ୍କ ଲକ୍ଷ୍ୟ-ଅଲକ୍ଷ୍ୟରେ ସୁଉଚ୍ଚ ତୋରଣ/ଫଳକମାନ ଦାତାର ଦର୍ପ ଓ ଅହଂକାରର ପ୍ରତୀକ ସାଜିଛନ୍ତି। ଦାତାର ଦାନପଣରେ ଧନାଢ଼୍ୟର ଗର୍ବ ବାରି ହୋଇପଡୁଛି। ଦର୍ପିତ ପ୍ରତିଯୋଗିତାରେ ଭକ୍ତଶ୍ରେଷ୍ଠ ବୋଲାଇବାର ଲାଳସାକୁ ଅର୍ଥବଳରେ ଚରିତାର୍ଥ କରାଯାଉଛି। ଆପଣଙ୍କ ରାଜ୍ୟରେ ବ୍ୟକ୍ତିପୂଜନର କଳୁଷିତ ଓ ଅବାଞ୍ଛିତ ପରମ୍ପରା ପରିପୁଷ୍ଟ ହେଉଛି। ଯେଉଁମାନେ ଆପଣଙ୍କ ନାମରେ ଭୋଟ ମାଗି ଶାସନ କ୍ଷମତାକୁ ଆସିଛନ୍ତି ସେମାନେ ଆପଣ ଓ ଭକ୍ତମାନଙ୍କ ମଧ୍ୟରେ ଆଜି ଅର୍ଗଳି ହୋଇଛନ୍ତି। ଧନୀ-ଗରିବର ଭେଦଭାବଶୂନ୍ୟ ଆପଣଙ୍କ ଶ୍ରୀମନ୍ଦିରର ଚାରିଦ୍ୱାରରେ ଉତ୍କୋଚ-ରାକ୍ଷସର ରାଜତ୍ୱ ଚାଲିଛି। ଧନର ପରିମାଣ ନିର୍ଣ୍ଣୟ କରୁଛି କିଏ ଭକ୍ତର ସ୍ୱୀକୃତି ଓ ଅନୁମତି ପାଇବ। ଦର୍ଶନାର୍ଥୀ ଦେଉଥିବା ଟଙ୍କା ଅନୁଯାୟୀ ଆପଣଙ୍କ ଦରବାରରେ ପ୍ରଭୁ-ଭକ୍ତଙ୍କ ଦୂରତ୍ୱ ଓ ନିବିଡ଼ତା ସ୍ଥିର ହେଉଛି। ଗରିବ ଅସହାୟ ପାଇଁ ଆପଣଙ୍କୁ ହାରିଗୁହାରି କରିବା ସାତସପନ ହୋଇଯାଇଛି।

ହେ ସ୍ୱରାଟରାଟ ଚକ୍ରବର୍ତ୍ତୀ! ଦିନେ ଆଗଙ୍ଗାଗୋଦାବରୀ ବିଜିତ ସମ୍ରାଟ କପିଳେନ୍ଦ୍ର ଦେବ ନିଜକୁ ଆପଣଙ୍କ ରାଉତ ଭାବେ ଘୋଷଣା କରିଥିଲେ। ଆଜି କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସ୍ୱୈରଚାରର ରାଜସୂୟ ଯଜ୍ଞ ଚାଲିଛି। ଏହି ଯଜ୍ଞରେ ବଳି ପଡ଼ିବା ପାଇଁ ଯୂପକାଠ ନିକଟରେ ଅପେକ୍ଷା କରି ରହିଛନ୍ତି କୋଟିକୋଟି ସାଧାରଣ ଜନତା। କିଏ କାହାର ସ୍ୱପ୍ନକୁ ବଳି ଦେଉଛି ତ କିଏ ନିଜ କଷ୍ଟାର୍ଜିତ ସମ୍ପତ୍ତିକୁ। ପୁଣି କିଏ ନିଜ ମାନ, ସମ୍ମାନ, ମର୍ଯ୍ୟାଦାକୁ ବଳି ଦେଉଛି। ପୁଣି କିଏ ଲୋକଲଜ୍ଜାରେ ନିରବରେ ଧର୍ମକୁ ସାକ୍ଷୀ ରଖି ସହିଚାଲିଛି ଅତ୍ୟାଚାର, ଅବହେଳାର ଯାତନା। ଲୋକେ ଶିକ୍ଷିତ ହେଲେ ସଚେତନ ହେବେ। ସଚେତନ ହେଲେ ରାଜସୂୟ ଯଜ୍ଞ ପାଇଁ ବଳି ଉପକରଣ ହେବାକୁ ରାଜି ହେବେ ନାହିଁ। ତେଣୁ ଶିକ୍ଷାବ୍ୟବସ୍ଥା ଆଜି ଷଡ଼ଯନ୍ତ୍ରରେ ବିପର୍ଯ୍ୟସ୍ତ। ବ୍ୟବସ୍ଥାର ଚକ୍ରବ୍ୟୂହର ପ୍ରସ୍ଥାନ ପଥରେ ଜୟଦ୍ରଥ ଭଳି ନୀତିଭ୍ରଷ୍ଟ ଓ ଦୁରାଚାରୀମାନେ ଜଗି ବସିଛନ୍ତି। ସେମାନଙ୍କ ଷଡ଼ଯନ୍ତ୍ରରେ ନିହତ ହେବା ଅପେକ୍ଷା ହଜାର ହଜାର ଯୁବକଯୁବତୀ ଆତ୍ମହତ୍ୟା କରିବାକୁ ଉଚିତ ମଣୁଛନ୍ତି। ପୁଣି ଅଧର୍ମ-ଅନ୍ୟାୟର ପଶାପାଲି ଖେଳରେ ସର୍ବସ୍ୱ ହରାଇ ଲକ୍ଷ ଲକ୍ଷ ଓଡ଼ିଆ ବନବାସ ବା ଦେଶାନ୍ତର ବା ପ୍ରବାସୀ ଦାଦନ ହେବାକୁ ବାଧ୍ୟ ହେଉଛନ୍ତି। ଖୁଦକଣିକା ପାଇଁ ମାଆ ନିଜ ପିଲାକୁ ବିକ୍ରି କରୁଛି; ସ୍ୱାମୀ ସ୍ତ୍ରୀକୁ ବନ୍ଧା ପକଉଛି।

ହେ ବିଶ୍ୱଗୁରୁ! ଆପଣ ଦିନେ ଯୁଦ୍ଧଭୂମିରୁ ଶାନ୍ତି, ସହାବସ୍ଥାନ, କର୍ମ, ଧର୍ମ ଓ ମାନବବାଦର ବାର୍ତ୍ତା ଦେଇଥିଲେ। ଆଜି କିନ୍ତୁ ସ୍ୱାର୍ଥ ହିଁ ଧର୍ମ ହୋଇଛି। ଉଗରମାନେ ଚାଟୁକାର ସାଜିଛନ୍ତି। ଉପଦେଷ୍ଟାମାନେ ତୋଷାମଦକାରୀ ହେବାକୁ ଉଚିତ ମଣୁଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରର ଦ୍ୱାରପାଳମାନେ ପାରିଷଦ ପଦର ଲୋଭରେ ବିକ୍ରି ହେଉଛନ୍ତି। ଦୁର୍ନୀତିର ସିଂହାସନ ଉପରୁ ନୀତି ନିର୍ଦ୍ଧାରକମାନେ ନିଷ୍ପତ୍ତି ନେଉଛନ୍ତି। ଏଭଳି ପରିସ୍ଥିତିରେ ଆପଣ ହିଁ ଏକମାତ୍ର ଆଶା ଓ ଭରସା। ଏବେ ନିଃସହାୟ-ସର୍ବେ ହୋଇଣ ଏକମୁଖ ବୋଲନ୍ତି ନାରାୟଣ ରଖ। ସେମାନଙ୍କ ପ୍ରାର୍ଥନା ଶୁଣିବା ହୁଅନ୍ତୁ ଏବଂ ବିହିତ ବିଧାନ କରନ୍ତୁ। ଆପଣ ହିଁ ଉତ୍କଳ ଓ ଉତ୍କଳୀୟଙ୍କ ସର୍ବମୟ ହର୍ତ୍ତା-କର୍ତ୍ତା-ବିଧାତା। 'ଉତ୍କଳେ ନେତା ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ।' - ଉତ୍କଳମଣିଙ୍କର ଏହି ଅନ୍ତର୍ବେଦନାକୁ ସ୍ୱୟଂସିଦ୍ଧ କରନ୍ତୁ। ●

## ଘୋଷଯାତ୍ରାର ଉଦ୍‌ଘୋଷଣା

ଚାରଣ ବସନ୍ତ ପଣ୍ଡା

ପାଦ ନ ଥାଇ ସବୁଆଡ଼େ ଯାଉଥିବା, ଆଖି ନ ଥାଇ ସବୁ ଦେଖୁଥିବା, କାନ ନ ଥାଇ ସବୁ ଶୁଣୁଥିବା, ପାଟି ନ ଥାଇ କଥା କହୁଥିବା, ଜିଭ ନ ଥାଇ ସବୁ ରସ ଆସ୍ୱାଦନ କରୁଥିବା, ହାତ ନ ଥାଇ ସବୁ ଦେଉଥିବା, ରୂପ ନ ଥାଇ ସବୁ ରୂପକୁ ବୁଝାଉଥିବା ଏ ଠାକୁର ବଡ଼ ବିଚିତ୍ର। ତା' ଠାରୁ ବଡ଼ ବିଚିତ୍ର ସେ ଜାତି, ଯିଏ ମଦନଠାରୁ ସୁନ୍ଦର କରି ଅରୂପରେ ରୂପକୁ ଲେଖି ଗଢ଼ିଛି ତା'କୁ। କାଳିଆ କଳାଶ୍ରୀମୁଖ ସକଳ ସୌନ୍ଦର୍ଯ୍ୟର ବିମୋହକ। ଏଠି ସବୁ ବିଚିତ୍ର। ଧୂଳି ଠାରୁ ଲହରୀ ଯାଏଁ। ଏଥିପାଇଁ ସେ ଜଗତ ଯାକର ନାଥ ଜଗନ୍ନାଥ। ଯାହାଙ୍କ କଥା ପଡ଼ିଲେ ଆତ୍ମୀୟତା ଆସେ। ଯାହାଙ୍କ କଥା ବିଚାର କଲେ ସହୋଦର ପରି ପ୍ରତେ ହୁଏ। ସୁଖ-ଦୁଃଖ କିଛି କହିବି ଭାବିଲେ ବାଲ୍ୟବନ୍ଧୁ ପରି ବୋଧହୁଏ। ତେଣୁ ଭ୍ରାତୃତ୍ୱ, ସାଖ୍ୟ, ଆତ୍ମ-ଆତ୍ମୀୟତାର ଏକ ପାରାବାର ହିଁ ଜଗନ୍ନାଥ, ଯାହାର ପ୍ରତୀକ ଏ ଘୋଷଯାତ୍ରା।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରର ସଂଯୋଗରେ ଅନୁଷ୍ଠିତ ହୁଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପୃଥିବୀର କୋଣେ ଅନୁକୋଣେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀପୁରୁଷୋତ୍ତମ କଟକରେ ଶ୍ରୀପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ଯାତ୍ରା ହିଁ ଘୋଷଯାତ୍ରା, ଶ୍ରେଷ୍ଠଯାତ୍ରା। ଯେଉଁଠି ବିଭିନ୍ନତା ମଧ୍ୟରେ ଅଭିନ୍ନତା, ବହୁଧା ମଧ୍ୟରେ ଏକତ୍ୱ। ଦାରୁର ଠାକୁର ସିଏ। ଦାରୁରେ ଗଢ଼ା ଶରୀର। ବୃକ୍ଷରୁ ବୃଷ୍ଟି। ବୃଷ୍ଟିରୁ ଅନ୍ନ। ଅନ୍ନରୁ ଜୀବନ। ତେଣୁ ଏ ମହାନ ବାର୍ତ୍ତାର ପ୍ରଚାର ପାଇଁ ବୋଧହୁଏ ଏ ଘୋଷ ଯାତ୍ରା। ପୃଥିବୀର କୋଣେ ଅନୁକୋଣେ ଭାଷା, ବର୍ଣ୍ଣ, ଜାତି, ଧର୍ମ, ସଂପ୍ରଦାୟ ଭେଦରେ ଯେତେ ଅଧିବାସୀ ଅଛନ୍ତି ସମସ୍ତଙ୍କ ହୃଦୟରେ ତାଙ୍କର ସତ୍ତା ରହିଛି। କାରଣ ସକଳ ଘଟେ ନାରାୟଣ। ବୋଧହୁଏ ଏହି ଦିବ୍ୟ ଭାବନାର ବାର୍ତ୍ତାକୁ ସୁଦୂର ପ୍ରସାରୀ କରି ଦିବ୍ୟଜ୍ଞାନର ଭାବକୁ ପ୍ରକଟିତ କରିବା ପାଇଁ ଏ ଘୋଷଯାତ୍ରା। ଯହିଁରେ ପ୍ରଚାରିତ ହେଉଛି ସମନ୍ୱୟ, ସମତା, ସର୍ବୋପରି ମାନବବାଦ। ଜଗନ୍ନାଥ ଚତୁର୍ଦ୍ଧା ବିଭକ୍ତ। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ। ରଙ୍ଗ ଭେଦରେ ଚାରି। କୃଷ୍ଣ, ଶ୍ୱେତ, ହରିଦ୍ରା, ଲୋହିତ। ସମଗ୍ର ପୃଥିବୀରେ ଏହି ଚାରିପ୍ରକାରର ମାନବ ଦେଖିବାକୁ ମିଳିଥା'ନ୍ତି। ମନେହୁଏ



ସକଳ ସୃଷ୍ଟିର ମାନବ ସମାଜର ପ୍ରତିନିଧିତ୍ୱ ଏହିଠାରେ ହିଁ କେଉଁ ପ୍ରାଚୀନ କାଳରୁ ସମ୍ଭବ ହୋଇଛି। ପୁରୁଷ ଓ ନାରୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି। ତା' ମଧ୍ୟରେ ମଧୁରରୁ ମଧୁରତା ଭାଇଭଉଣୀର ସମ୍ପର୍କ, ଯାହାକି ପୁରୁଷୋତ୍ତମ ଚେତନାରେ ସ୍ତରସ୍ତର ହୋଇ ଉନ୍ମୋଚିତ ହୋଇଛି। ବୋଧହୁଏ ଏହି ଚେତନାର ପରିପ୍ରକାଶ ପାଇଁ ଏ ଘୋଷଯାତ୍ରା।

ଆଜି ଯେତେବେଳେ ବିଶ୍ୱର କୋଣଅନୁକୋଣରୁ ସମନ୍ୱୟର ଉଦ୍‌ଘୋଷଣା ବଜ୍ରଗମ୍ଭୀର କଣ୍ଠରେ ହେଉଛି, ମାନବବାଦର ପ୍ରତିଷ୍ଠା ପାଇଁ ସମସ୍ତେ ଚେଷ୍ଟିତ, କେଉଁ ପୂରାକାଳରୁ ଘୋଷଯାତ୍ରାର ପ୍ରତିଟି କ୍ଷଣରେ ଏହାର ଘଟିଛି ଶୁଭ ଉନ୍ମୋଚନ। କାରଣ ଏ ଯାତ୍ରାରେ ନାହିଁ ଉଚ୍ଚ-ନୀଚ, ବଡ଼-ସାନ, ଧନୀ-ଦରିଦ୍ର, ରାଜା-ପ୍ରଜାର ଭେଦଭାବ। ବରଂ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭେଦରେ ଶ୍ରୀଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଦେଇଛି ସମାନ ଅଧିକାର। ସେଇଥିପାଇଁ ଏ ଘୋଷଯାତ୍ରା। ଏତେ ଆଡ଼ମ୍ବର। ଏତେ ସାଜସଜ୍ଜା। ସମ୍ରାଟ ହୋଇ ସାଧାରଣ ଲୋକଙ୍କ କଥା (ପ୍ରଜାଙ୍କ କଥା) ସ୍ୱଚକ୍ଷୁରେ ଦେଖି, ହାନି-ଲାଭ, ଭଲ-ମନ୍ଦ, ଦୁଃଖ-ସୁଖରେ ସମଭାବ ପ୍ରକାଶ କରିବା ହିଁ ମହତ ପଣିଆ। ତେଣୁ ରକ୍ଷକ ହେବାକୁ ହେଲେ ବଡ଼ଦେଉଳର ମୋହକୁ, ରତ୍ନ ସିଂହାସନର ଲୋଭକୁ, କମଳାଙ୍କ ଅଙ୍କ, କନକ ପଲଙ୍କ, ଛତିଶା ନିଯୋଗର ସେବାକୁ ପରିତ୍ୟାଗ କରିବାକୁ ହୁଏ। ଓହ୍ଲାଇବାକୁ ହୁଏ ରାଜରାସ୍ତାକୁ। ଧୂଳିଧୂସରିତ ମାଟିକୁ। ତା' ହେଲେ ଯାଇ ପ୍ରକଟିତ ହେବ ଆତ୍ମ-ଆତ୍ମୀୟତାର ଭାବ। ତୁ ମୋର ମୁଁ ତୋର ଭାବ। ଆଶ୍ରୟଦାତା ଓ ଆଶ୍ରିତ ମଧ୍ୟରେ ପ୍ରେମ ଭାବ। ଭକ୍ତ ଓ ଭାକ୍ତିକ ମଧ୍ୟରେ ସମତ୍ୱ। ଦାସ ଓ ପ୍ରଭୁ ମଧ୍ୟରେ ସ୍ନେହ। ଏହି ଏକାତ୍ମୀଭୂତର ପରିପ୍ରଚାର ପାଇଁ ଏ ଘୋଷଯାତ୍ରା। ପୃଥିବୀରେ ଅନ୍ୟ କୌଣସି ଦେବତା ମଧ୍ୟରେ ଏପରି ଭାବ ଦେଖିଛ କି? ଯେଣୁ ସେ ଜଣର ନୁହେଁ ଗଣର। ଗୋଷ୍ଠୀର ନୁହେଁ ସମଷ୍ଟିର।

ବଡ଼ଦାଣ୍ଡର ପୂତ-ପବିତ୍ର ଧୂଳିକୁ ତିନି ରଥର ବୟାଳିସି ଚକରେ ମାଡ଼ି ଆଗକୁ ଗଡ଼ିଚାଲେ ଏ ଜାତିର ନନ୍ଦିଘୋଷ। ପ୍ରଗତିର ଚକ। ଶ୍ରଦ୍ଧା ଓ ବିଶ୍ୱାସକୁ ମୂଳ କରି, ସମନ୍ୱୟ ଭାବନା ଓ ସମବେତ ଉଦ୍ୟମକୁ ଧ୍ୟେୟ କରି, ଛିନ୍ନ-ଭିନ୍ନ କରି ସଂକୀର୍ଣ୍ଣ ଜାତିଭେଦର ବାଧା ବନ୍ଧନକୁ। ଚକାଆଖିରେ ସ୍ୱନେତ୍ର ପଖାଳି ଜଗତ ହୁଏ ଆତ୍ମବିଭୋର। 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନଃ ଜନ୍ମ ନ ବିଦ୍ୟତେ'। ଏକା ବେଳକେ କୈବଲ୍ୟ ପ୍ରାପ୍ତି। ଆତ୍ମାନନ୍ଦ ବ୍ରହ୍ମାନନ୍ଦରେ ପରିଣତ ହୋଇଯାଏ। ସେଇଥିପାଇଁ ଏ ଘୋଷଯାତ୍ରା।

କରପଲ୍ଲବରେ ଥାଏ ପାଞ୍ଚୋଟି ଅଙ୍ଗୁଳି। ଏହି ପାଞ୍ଚୋଟି ଅଙ୍ଗୁଳି ମଧ୍ୟରେ ବୃଦ୍ଧାଙ୍ଗୁଳି ହିଁ ସୃଷ୍ଟି କରିଥାଏ ସମନ୍ୱୟ। ଏହି ବୃଦ୍ଧାଙ୍ଗୁଳି ଯେତେବେଳେ ତର୍ଜନୀ ସହିତ ମିଳିତ ହୁଏ ତାହା 'ଯୋଗ'କୁ ବୁଝାଏ। ମଧ୍ୟମା ସହିତ ମିଳିତ ହେଲେ 'ଧ୍ୟାନ' କୁ ବୁଝାଏ। ଅନାମିକା ସହିତ ମିଳିତ ହେଲେ 'ବ୍ୟାଖ୍ୟାନ'କୁ ବୁଝାଏ। କନିଷ୍ଠା ସହିତ ମିଳିତ ହେଲେ 'ପ୍ରେମ'କୁ ବୁଝାଏ। ପୁରୁଷୋତ୍ତମ ଚେତନାରେ ଏହି ଯୋଗ, ଧ୍ୟାନ, ବ୍ୟାଖ୍ୟାନ, ପ୍ରେମ, ଜଳରେ ଚନ୍ଦ୍ର ପରି ପ୍ରତିବିମ୍ବିତ। ବୋଧହୁଏ ତା'ର ପ୍ରଚାର ପାଇଁ ଏ ଘୋଷଯାତ୍ରା।

ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀରେ ନୀଳାଦ୍ରିରେ ମହତୋ ଉଦୟ ହେଲା। ସରିଗଲା ପ୍ରତିଷ୍ଠା କର୍ମ। ରତ୍ନସିଂହାସନ ମଣ୍ଡନ କଲେ ନୀଳାଚଳ ଶିଖାମଣେ। କୃପା କଟାକ୍ଷପାତରେ ଚତୁର୍ଦ୍ଦଶ ଭୁବନକୁ ପ୍ରେମମୟ କଲେ ନୀଳାଦ୍ରିକେଶରୀ। ସେତେବେଳେ ବଦ୍ଧକର ହୋଇ କୃପାପ୍ରାର୍ଥୀ ହୋଇଥିଲେ ତାଙ୍କରି ପ୍ରତିଷ୍ଠାପକ। ମାଗିଲେ, 'ପ୍ରଭୁ! ମୋତେ ନିର୍ବଂଶ କର।' ସତରେ କ'ଣ ଏପରି କିଏ ଯାଚଞ୍ଚା କରେ? ରଙ୍ଗାଧରେ ମନ୍ଦ ମନ୍ଦ ହସୁଥିଲେ ମହାପ୍ରଭୁ। ତଥାପି ଭକ୍ତର ଉକ୍ତିକୁ ସ୍ୱୀକାର କଲେ ଭାବଗ୍ରାହୀ। 'ତଥାସ୍ତୁ' କଲେ। କ'ଣ ଏହାର ରହସ୍ୟ? ଏହାକୁ କୁହାଯାଏ ସମତା। ଏହାକୁ କୁହାଯାଏ ସମନ୍ୱୟ। ଏହାକୁ କୁହାଯାଏ ବିଶ୍ୱ ଭାବନା। ଏ ଦେଉଳ ଜଣର ନ ବୋଲାଇ ବୋଲାଉ ଗଣର। ପ୍ରତିପାଦିତ ହେଉ ମାନବ ପ୍ରେମ। ତାହାର ପରିପ୍ରଚାର ପାଇଁ ଏ ଘୋଷଯାତ୍ରା।

ପବିତ୍ର ବଡ଼ଦାଣ୍ଡରେ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବାର ଆଶାକୁ ପ୍ରତିହତ କରି ନ ପାରି ମାନବବାଦର ଶୃଙ୍ଖଳରେ ଆବଦ୍ଧ ହେବା ପାଇଁ ଆଜିର ଏ ବିରାଟ ସମାବେଶ। ସମସ୍ତେ ଆଜି ନତମସ୍ତକ ସେହି ମହାଚେତନା ତଳେ। ସମସ୍ତେ ନତମସ୍ତକ ସେହି ବିରାଟଭୂମା ସମ୍ମୁଖରେ। କୋଟିକଣ୍ଠରୁ ନିନାଦିତ ହେଉଛି ତାଙ୍କରି ମହାମନ୍ତ୍ର - ବସୁଧୈବ କୁଟୁମ୍ବକମ୍'। ଏପରି ମହାମନ୍ତ୍ରରେ ଶିକ୍ଷିତ ଓ ଦୀକ୍ଷିତ ନ ହେଲେ ଆଜିର ସମାଜକୁ ବିଚ୍ଛିନ୍ନତା ପରି ଭୟାବହ ବିଭେଦତା ଧ୍ୱଂସ କରିଦେବ। କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି, ପବିତ୍ର ଘୋଷଯାତ୍ରାରେ ଏହାର ଉଦ୍‌ଘୋଷଣା କେଉଁ ସ୍ମରଣାତୀତ କାଳରୁ ହେଉଥିଲେ ମଧ୍ୟ ତାହା ଆଜି ମୂଳତଃ କାର୍ଯ୍ୟରେ ପରିଣତ ହୋଇପାରି ନାହିଁ। ଆଜି ମଧ୍ୟ ସଭିଙ୍କ ଭିତରେ ହୀନମନ୍ୟତା, ବିଭେଦତା, ସଙ୍କୀର୍ଣ୍ଣତା ଭାବ ଜମାଟ ବାନ୍ଧି ହୋଇରହିଛି। ତଥାପି ସମୟ ଅଛି। ଆସନ୍ତୁ ଆଜିର ଏ ପବିତ୍ର କ୍ଷଣରେ ଦେହରୂପୀ ରଥରେ ସେହି ମହାପ୍ରଭୁଙ୍କୁ ଆରୂଢ଼ କରାଇ ରଥଚକର ଘୋରଘର୍ଘର ନାଦରେ ମନରୁ ସମସ୍ତ ଦୁଃଭାବନାକୁ ପରିହାର କରି ପରିପ୍ରଚାର କରିବା ତାଙ୍କରି ତତ୍ତ୍ୱାନୁତତ୍ତ୍ୱକୁ - ଅହଂକାର ତ୍ୟାଗ, ମୈତ୍ରୀ ଭାବନା, ଗୋଷ୍ଠୀ ସମନ୍ୱୟ, ଜାତିଗତ ଉଦାରତା, ସାମ୍ୟ ଭାବନା। ସେଇଥିପାଇଁ ଏ ଘୋଷଯାତ୍ରା। ●

ଜୟ ଜଗନ୍ନାଥ, ଜୟ ଉତ୍କଳ

ନୟାଗଡ଼, ମୋ: ୯୨୩୭୦୯୫୨୪୯

## ତୋ ମାୟା ତୋତେ ଅଗୋଚର!

ଅଧ୍ୟାପକ ଅଶୋକ ମହାରଣା

ଭକ୍ତ କୁହନ୍ତି ମାୟାର ନଟବର ନାଟୁଆ ଜଗନ୍ନାଥ। ଶୈଶବରୁ ହିଁ ନାଟୁଆର ନାଟରେ ସାରା ବିଶ୍ୱ ବିମୋହିତ। କି ଲୀଳା ପ୍ରଭୁ ତୁମର। କି ଲୀଳା, କି ମାୟା। ବୁଝିବା କଷ୍ଟ। କଳା କଳା ଆଖିଦିଟାକୁ ବୁଝିବା କ'ଣ ଛାର ମଣିଷ ପକ୍ଷରେ ସମ୍ଭବ! ସେଇଥିପାଇଁ କିଏ କହେ ନାଟୁଆ ତ କିଏ କହେ ମାୟାର ଠାକୁର ନଟନାଗର। ସତରେ ତୁମେ ଲୀଳାମୟ, ପତିତଜନର ତ୍ରାଣକର୍ତ୍ତା, ଭକ୍ତର ଭକ୍ତିରେ ବନ୍ଧା, ଭାବମୟ, ଲୀଳାମୟ ଜଗତରନାଥ କୋଟିପ୍ରାଣର ଦେବତା। ସତରେ କାଳିଆ! କ'ଣ ଅଛି ସେ ଚକା ଚକା ଦୁଇ ନୟନରେ ଯେ ସମଗ୍ର ବିଶ୍ୱ ପରମ ପ୍ରେମରେ ପାଗଳ! କ'ଣ ଅଛି ସେ ବାଇଶି ପାହାଚରେ ଯେ ଗଡ଼ିଯିବାକୁ ମନ। କ'ଣ ଅଛି ସେ ଦାଣ୍ଡରେ ଯେ ଧୂଳି ବୋଲି ହେବାକୁ ମନ। କ'ଣ ଅଛି ଅବଢ଼ାରେ ନିତି ପାଇବାକୁ ମନ। ମୃତ୍ୟୁ ଶେଯରେ କାହିଁକି ଖୋଜା ହୁଏ ନିର୍ମାଲ୍ୟ? କ'ଣ ଅଛି ସେ ପତିତପାବନ ବାନାରେ ବାରମ୍ବାର ଦେଖୀବାକୁ ମନ। ସହସ୍ର ଗୋପୀଙ୍କୁ ମାୟାରେ ବାନ୍ଧି ଯେ ଜଗତକୁ ବାନ୍ଧିପାରେ ତା'କୁ ବୁଝିବା ବଡ଼ କଷ୍ଟ।

କଥାଟିଏ ମନେପଡ଼ିଗଲା। ଦେବର୍ଷୀ ନାରଦ ପ୍ରଭୁଙ୍କର ବଡ଼ ଭକ୍ତ ଏବଂ ବିଷ୍ଣୁଙ୍କ ପାଖରେ ରହିଥିବାରୁ ମନରେ ଗର୍ବ ତ ରହିବା ସ୍ୱଭାବିକ। ଏମିତି ଦିନେ ନାରଦ ମୁନି ପ୍ରଭୁଙ୍କୁ ପଚାରିଲେ - 'ପ୍ରଭୁ! ସମସ୍ତେ କୁହନ୍ତି ଆପଣ ମାୟାଧର। ମୋତେ ଟିକେ ମାୟାର ଶକ୍ତି ପ୍ରଦର୍ଶନ କରାନ୍ତୁ ଏହା କି ପ୍ରକାର ଅଦ୍ଭୁତ ଶକ୍ତି।' ପ୍ରଭୁ ସ୍ମିତ ହସି



କହିଲେ - 'ପ୍ରବଳ ଗରମ। ଚାଲିବା କଷ୍ଟ। ଶୋଷରେ କଣ୍ଠରୋଧ ହୋଇଯାଉଛି। ଜଳର ବ୍ୟବସ୍ଥା ଟିକେ ହୁଅନ୍ତା ନି!' ପ୍ରଭୁଙ୍କ ସେବାଲାଗି ନାରଦ ତତ୍ପର। ପାଣି ଖୋଜି ଖୋଜି ଗୋଟେ ଗ୍ରାମରେ ପହଞ୍ଚିଲେ। ଗୋଟଏ ଘର ଦ୍ୱାର ସମ୍ମୁଖରେ ଅପରୂପା ହାସ୍ୟମୟୀ, ଲାସ୍ୟମୟୀ ଅପୂର୍ବ ସୁନ୍ଦରୀ କନ୍ୟାକୁ ଦେଖି ନାରଦ ମୋହିତ ହୋଇଗଲେ। ପାଣି ଆଣିବେ କ'ଣ ସେହି କନ୍ୟାର ପ୍ରେମରେ ପଡ଼ି ବିବାହ କଲେ। ଏବେ ପୂରା ସଂସାରୀ ପାଲଟି ଗଲେ ଦେବର୍ଷୀ ନାରଦ। କୁଆଡ଼େ ଓ କ'ଣ ପାଇଁ ଆସିଥିଲେ ସବୁକିଛି ଭୁଲିଗଲେ। ଏମିତିକି ପ୍ରଭୁଙ୍କ କଥା ବି ଭୁଲିଗଲେ। ଏମିତି ବର୍ଷବର୍ଷ ବିତିଗଲା, ପିଲାଛୁଆ ସଂସାରରେ ଛନ୍ଦି ହୋଇଗଲେ ଦେବର୍ଷୀ।। ଦିନେ ନଦୀରେ ପ୍ରବଳ ବନ୍ୟା ଆସିଲା। ଗାଁଗଣ୍ଡା, ଧନସମ୍ପଦ, ଗାଈଗୋରୁ, ଆତ୍ମୀୟ ସ୍ୱଜନ ସମସ୍ତେ ଭାସିଗଲେ କେବଳ ନାରଦଙ୍କୁ ଛାଡ଼ି। ବିଚିତ୍ର ପ୍ରଭୁଙ୍କ ମାୟା! ନାରଦ ମୁନିଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା। କାତର ହୋଇ ପ୍ରଭୁଙ୍କୁ ସ୍ମରଣ କଲେ। କିଛି ସମୟ ମଧ୍ୟରେ ବନ୍ୟା ଅପସରି ଗଲା। ସୂର୍ଯ୍ୟର ସୁନେଲି ଆଭା ଚତୁର୍ଦ୍ଦିଗରେ ବିଛାଡ଼ି ହୋଇପଡ଼ିଲା। ନାରଦଙ୍କ ସମ୍ମୁଖରେ ଦଣ୍ଡାୟମାନ ସ୍ୱୟଂ ନାରାୟଣ। ପଚାରିଲେ 'ମୁନିବର! ପାଣି କାହିଁ?' ନାରଦଙ୍କୁ ବୁଝିବାକୁ ବିଳମ୍ବ ହେଲାନାହିଁ। ଯେ ସବୁ ଥିଲା ସେହି ପ୍ରଭୁଙ୍କର ମାୟା। ଆମେ ତ ଛାର ମାନବ। କାଳିଆର ମାୟା ବୁଝିବା କାହୁଁ?

ଗଙ୍ଗାନଦୀ ପାରହେବା ପାଇଁ ନିଷାଦରାଜ ଗୁହକ ନାବିକକୁ ଯେତେ ଡାକିଲେ ସେ କର୍ଣ୍ଣପାତ କଲାନାହିଁ। ପ୍ରଭୁ ନଦୀ ପାର ହେବେ। ନାବିକ ଜାଣିଥିଲା ପ୍ରଭୁଙ୍କ ସ୍ପର୍ଶରେ ପଥର ଯଦି ନାରୀ ପାଲଟି ଯାଉଛି ତା'ର ନାଆର ଅବସ୍ଥା କ'ଣ ହେବ। ନାଆ ଯଦି ନାରୀରେ ପରିଣତ ହୋଇଯାଆନ୍ତି ପରିବାର ଭରଣପୋଷଣ କରିବ କିପରି? ସେଥିପାଇଁ ନାବିକ ମନରେ ଆଶଙ୍କା ନେଇ ନାଆଟିକୁ ଆଣିବାକୁ ମନା କରୁଥିଲା। ଶେଷରେ ନାବିକ କହିଲା- 'ହେ ନାଥ! ତୁମର ଚରଣକମଳ ଧୋଇ ନାଆରେ ଚଢ଼ାଇବି। ମୁଁ ଆପଣଙ୍କ ଠାରୁ କୌଣସି ପାଉଣା ନେବି ନାହିଁ।' ଯାହାଙ୍କର ନାମ ଥରେ ମାତ୍ର ସ୍ମରଣ କଲେ ମନୁଷ୍ୟ ଅପାର ଭବସଂସାରରୁ ମୁକ୍ତି ପାଇଥାଏ, ଯିଏ ବାମନ ରୂପରେ ସମଗ୍ର ବିଶ୍ୱକୁ ତିନି ପାଦଠାରୁ ବି ଛୋଟ କରିଦେଲେ ସେହି ପ୍ରଭୁ କେଉଟକୁ ଗଙ୍ଗା ପାର କରିବା ପାଇଁ ନେହୁରା ହେଉଛନ୍ତି। ଧନ୍ୟ ପ୍ରଭୁ ତୁମର ମହିମା, ଧନ୍ୟ ତୁମାର ମାୟା।

ଭକ୍ତଙ୍କୁ ଦର୍ଶନ ଦେଲେ। ନିଜେ ବି ଝୁଲିଝୁଲି ମାଉସୀଘର, ଜନ୍ମବେଦୀକୁ ଗଲେ। ଧନ୍ୟ ସେ ଲୀଳା। ଭକ୍ତ ସାଲବେଗ ହୁଅନ୍ତୁ କି ଦାସିଆ ବାଉରି। ବନ୍ଧୁ ମହାନ୍ତି କଥା କୁହନ୍ତୁ କି ଘୋର ବନସ୍ତରେ ମୃଗୁଣୀ। ଅଥଳ ଜଳରେ ହାତୀ କଥା କୁହନ୍ତୁ କି ଅଜାମିଳଙ୍କ କଥା। ବାଲି ରଥ କଥା କୁହନ୍ତୁ କି ରଘୁ ଅରକ୍ଷିତଙ୍କ କଥା। କାଞ୍ଚି ଅଭିଯାନର ମାଣିକ ଗଉଡୁଣୀ କଥା ହେଉକି କଳାଧଳା ଘୋଡ଼ା ଚଢ଼ି ଜୟଯାତ୍ରାର ଜତ୍ର ଉଡ଼ାଇବାକୁ ହେଉ। ସବୁ ତାଙ୍କର ମାୟା। ମନୁଷ୍ୟ ଅଳିକ ମାତ୍ର। ମହାଭାରତ ଯୁଦ୍ଧର ଦ୍ରୌପଦୀ ବସ୍ତ୍ରହରଣ ବେଳେ କୋଟିବସ୍ତ୍ର ପ୍ରଦାନ କରି ଲଜ୍ଜା ନିବାରଣ କରିବା ସବୁ ସେହି କୃଷ୍ଣଙ୍କ ମାୟା। ଯାହା ହେଉଛି ତାଙ୍କରି ଇଚ୍ଛାରେ। କେବଳ ସମର୍ପଣ ଏବଂ ଭକ୍ତି ହିଁ ଏକମାତ୍ର ଆୟୁଧ। ଜଗତର ନାଥଙ୍କୁ ଛଳିଆ କହିଲେ ଠିକ୍, ମାୟାବୀ କହିଲେ ବି ଠିକ୍। କପଟିଆ କହିଲେ ମଧ୍ୟ ଠିକ୍! ସର୍ବଦା ବୁଝିନେବାକୁ ହେବ 'କରି କରାଉ ଥାଇ ତୁହି ତୋ ବିନୁ ଅନ୍ୟଗତି ନାହିଁ।' ହେ କାଳିଆ ଠାକୁର! ସବୁ ଯଦି ତୋରି ଲୀଳା, ସବୁ ଯଦି ତୋରି ମାୟା, ତୋ ମାୟା ତୋତେ ଅଗୋଚର। ତେବେ ଏ ଜଗତଜନର ମଙ୍ଗଳ ପାଇଁ କୋଟି ଆଶୀର୍ବାଦ ହିଁ ଏକମାତ୍ର କାମନା। ପ୍ରଭୁ ସମସ୍ତଙ୍କୁ ଶୁଭାର୍ଶୀବାଦ ପ୍ରଦାନ କରନ୍ତୁ ●

ସିମିନଈ(ଢେଙ୍କାନାଳ) ମୋ: ୯୪୩୭୨୯୦୧୮୧

## ସେ ଯେ କମ୍ବୁ କଟକର ରାଜା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଡ. କିଶୋର ମହାନ୍ତି

ଚାରିଧାମ ଭିତରେ ଅନ୍ୟତମ ତୀର୍ଥଧାମ ହେଉଛି ପୁରୀ ଧାମ। ପୁରୁଷୋତ୍ତମ ଧାମ, ଶଙ୍ଖକ୍ଷେତ୍ର ଓ ଶ୍ରୀକ୍ଷେତ୍ର। ଏହା ପ୍ରଭୁଙ୍କର ନିତ୍ୟଲୀଳା ସ୍ଥଳୀ। ଭାରତର ଉତ୍ତର ଦିଗରେ ବଦ୍ରିନାଥ-ସ୍ନାନପୀଠ, ପଶ୍ଚିମରେ ଦ୍ୱାରିକା-ବେଶଭୂଷା ପୀଠ, ଦକ୍ଷିଣରେ ରାମେଶ୍ୱର-ଶୟନପୀଠ ଓ ପୂର୍ବରେ ପୁରୁଷୋତ୍ତମ-ଭୋଜନପୀଠ ରୂପେ ବିରାଜିତ। ସ୍କନ୍ଦପୁରାଣରେ ଉଲ୍ଲେଖ ଅନୁଯାୟୀ-ସ୍ୱୟଂ ଭଗବାନ ଏହି କ୍ଷେତ୍ରରେ ଦଶାବତାର ହୋଇଥିଲେ। ଜଗନ୍ନାଥ ଧାମରେ ଜାତି ଭେଦ ନାହିଁ। ବିଶ୍ୱର ସକଳ ଧର୍ମ ଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ। କିନ୍ତୁ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଏଥିରେ କୌଣସି ଆଞ୍ଚଳିକତାର ସଂକୀର୍ଣ୍ଣତା ନାହିଁ।

ବ୍ରହ୍ମ ପୁରାଣ ମତରେ ଏହି ପରମ ରମଣୀୟ କ୍ଷେତ୍ରଟି ଥିଲା ଚତୁର୍ବର୍ଣ୍ଣ ଓ ଚତୁରାଶ୍ରମମାନଙ୍କର ପ୍ରିୟତମ ବିଜୟ ଭୂଇଁ, ଯେଉଁଠାରେ ଚଉବର୍ଗ ଫଳଦାତା ଚଉବାହା ବିରାଜିତ, ସେଠାରେ ଚତୁବର୍ଗ ଫଳପ୍ରାପ୍ତି ହୋଇଥାଏ।

ଶ୍ରୀକ୍ଷେତ୍ରର ମହତ୍ତ୍ୱ ହେଉଛି ସର୍ବଗୁଣ, ସର୍ବଧର୍ମ, ସର୍ବବିଦ୍ୟା ଚର୍ଚ୍ଚାର ପବିତ୍ର ଭୂଇଁ। ଏଠାରେ ଗୃହସ୍ଥ, ବ୍ରହ୍ମଚାରୀ, ବାନପ୍ରସ୍ଥୀ ସକଳ ମଣିଷର ସମାନ ଅଧିକାର।

ପ୍ରଭୁଙ୍କର ଦର୍ଶନାଭିଳାଷ ନେଇ ଏଠିକି ଆସିଲେ ଶଙ୍କର, ନିମ୍ବାର୍କ, ରାମାନୁଜ, ମାଧ୍ୱାଚାର୍ଯ୍ୟ ଆଉ ଚୈତନ୍ୟ ପ୍ରମୁଖ କେତେ ଭକ୍ତ କେତେ ସନ୍ଥ, କେତେ ବିଦ୍ୱାନ, ଦାର୍ଶନିକ, ପଣ୍ଡିତ, ତାନ୍ତ୍ରିକ, ନାୟିକ ଓ ମୀମାଂସିକ। ଏଠାରେ ସନ୍ଥମାନେ ଜଗତନାଥଙ୍କର ଅପାର ମହିମା, ନିତ୍ୟଲୀଳା ଦର୍ଶନ ନିମନ୍ତେ ମଠ ସ୍ଥାପନ କରି ଅବସ୍ଥାନ କଲେ। ମଠ ସହ ମନ୍ଦିର ଯୋଡ଼ି ହୋଇଗଲା। ଜଗନ୍ନାଥଙ୍କ ଦର୍ଶନ କେବଳ ସେମାନଙ୍କ ଲକ୍ଷ୍ୟ ନଥିଲା। ସେମାନେ ସେଠାରେ ରହି ତତ୍ତ୍ୱ ସମ୍ବନ୍ଧରେ ଅଧିକ ଗବେଷଣା ଓ ପ୍ରଚାରରେ ଲାଗିପଡ଼ିଲେ। ମଠ ଥିଲା ଧର୍ମ ଆଲୋଚନା, ଜଗନ୍ନାଥ ସଂସ୍କୃତି ଧର୍ମ ସଂପର୍କୀୟ ଏକ ସ୍ୱତନ୍ତ୍ର ଗବେଷଣା ଗାର। ଭଜନ, କୀର୍ତ୍ତନରେ ମୁଖରିତ ହୋଇଉଠୁଥିଲା ମଠଗୁଡ଼ିକ।



କେତେକ ଧର୍ମସମ୍ପ୍ରଦାୟ ସହିତ କେତେକ ରାଜ୍ୟର ରାଜାମାନେ ମଧ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ ନିମନ୍ତେ ମଠ ନିର୍ମାଣ କରିଥିଲେ। ସେମାନେ ଦରିଦ୍ର ନାରାୟଣଙ୍କ ସେବାରେ ମନୋନିବେଶ କଲେ। ମଠର ବ୍ୟୟ ଭାର ନିମନ୍ତେ କେତେକ ରାଜ୍ୟର ରାଜା ଆକୃଷ୍ଟଚିତ୍ତରେ ଭୂମି ଓ ଅର୍ଥ ଦାନ କଲେ। ମଠଗୁଡ଼ିକ ତେଣୁ କରି ଶିକ୍ଷା ପ୍ରସାରଣ କ୍ଷେତ୍ର, ସଂସ୍କୃତିର ସଂବାହନ ଭୂମି ଏବଂ ଧର୍ମ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ର ପାଲଟିଗଲା।

ପ୍ରତ୍ୟେକ ମଠରେ ସଂପୃକ୍ତ ସଂପ୍ରଦାୟର ଇଷ୍ଟଦେବ ଉପାସିତ ହେଲେ। ସେମାନଙ୍କର ପୂଜାର୍ଚ୍ଚନା, ସ୍ନାନମାର୍ଜନା, ଭୋଗଧୂପ ଯାନିଯାତ୍ରାର ବ୍ୟୟ ଭାର ଭୂ-ସଂପତ୍ତିରୁ ଭରଣା କରାଗଲା। କେତେକ ମଠର ନିଜସ୍ୱ ଚଳଣୀ ମନ୍ଦିରର ଦିନଚର୍ଯ୍ୟା ସହ ସଂପର୍କ ରକ୍ଷା କଲେ। କେତେକ ମଠରୁ ସଞ୍ଜଧୂପ ମନ୍ଦିରକୁ ଯାଏ। ଜୀଉଙ୍କର ମେଲଣ, ଝୁଲଣ ପ୍ରଭୃତି ଅନେକ ଯାନିଯାତ୍ରା ମଠମାନଙ୍କରେ ନିଷ୍ଠା ଓ ଶ୍ରଦ୍ଧାର ସହିତ ପାଳିତ ହୋଇଥାଏ। ପୂଜା, ଉପାସନା, ଶାସ୍ତ୍ରଚର୍ଚ୍ଚା, ପୁରାଣ ପାଠ, ସଂକୀର୍ତ୍ତନ, ପ୍ରବଚନ ପ୍ରଭୃତି ସଂପାଦିତ ହୁଏ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମଠର ଭୂମିକା ଅନସ୍ୱୀକାର୍ଯ୍ୟ। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ରାଘବ ଦାସ ମଠ ପ୍ରଭୁଙ୍କର ଟାହିଆ ଦେଇଥା'ନ୍ତି। ଚୈତନ୍ୟ ମଠ ତରଫରୁ ଖଜା ଓ ମଗଜଲଡୁ ଏବଂ ଆଚାର୍ଯ୍ୟ ଶଙ୍କରଙ୍କର ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠରୁ ତୁଳସୀମାଳ ପ୍ରେରିତ ହୋଇଥାଏ। ପ୍ରତ୍ୟେକ ମଠ ପ୍ରଭୁଙ୍କ ନିମିତ୍ତ ଫୁଲ, ତୁଳସୀ, ଦୟଣା, ଟାହିଆ, ଚାନ୍ଦୁଆ, ପାଟବସ୍ତ୍ର, ଭୋଗ, ଧୂପ ପ୍ରଭୃତି ଯୋଗାଇ ଦେଇଥା'ନ୍ତି। ମଠକୁ ଛାଡ଼ି ଶ୍ରୀମନ୍ଦିରର ଐତିହ୍ୟ ସଂପର୍କରେ ଆଲୋଚନା କରିବା ନିରର୍ଥକ। ଏବେ ସୁଦ୍ଧା ଗ୍ରାମାଞ୍ଚଳରେ ମଠବାଡ଼ି ତିଷ୍ଠି ରହିଛି ଏ ମାଟିରେ ଆଧ୍ୟାତ୍ମିକତାର ପବିତ୍ର ବାତାବରଣ ସୃଷ୍ଟି କରିବା ପାଇଁ। ●

କଟକ, ମୋ: ୯୪୩୭୭୨୮୯୭୫

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗୋ-ଚାଲାଣ ମାମଲା: ଗୋରୁଙ୍କ ଲାଳନପାଳନ ଖର୍ଚ୍ଚଦେଇ ଗାଡ଼ି ନେଇପାରିବେ ମାଲିକ

କଟକ,୧୫ ।୭ (ସମିସ): ଗୋ-ଚାଲାଣ ଅଭିଯୋଗରେ ଜବତ ହୋଇଥିବା ଏକ ଗାଡ଼ିକୁ ମୁକ୍ତ ଆବେଦନ ପ୍ରସଂଗରେ ହାଇକୋର୍ଟ କଠୋର ସର୍ତ୍ତ ରଖିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବିସ୍ରା ଅଞ୍ଚଳରୁ ଜବତ ହୋଇଥିବା ଗାଡ଼ିକୁ କିଛି ନିର୍ଦ୍ଦିଷ୍ଟ ଆର୍ଥିକ ସର୍ତ୍ତ ଏବଂ ଜରିମାନା ସହ ଛାଡ଼ିବାକୁ ଜଷ୍ଟିସ ଭି. ନରସିଂହ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ୫ଲକ୍ଷ ଟଙ୍କାର ସମ୍ପତ୍ତି ସିକ୍ୟୁରିଟି ଦାଖଲ ସହ ଗାଡ଼ି ମୁକ୍ତ ହେବା ପୂର୍ବରୁ ୧ ଲକ୍ଷ ଟଙ୍କା ନଗଦ ଜମା କରିବାକୁ ପଡ଼ିବ। ସ୍ଥାନୀୟ ଅଞ୍ଚଳରେ କୌଣସି ଗୋଶାଳା ନଥିବାରୁ ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ନାରାୟଣ ମହାତୋ ନାମକ ଜଣେ ସମାଜସେବୀଙ୍କ ଜିମାରେ ଦିଆଯାଇଥିଲା। ଯିଏ କି ସେମାନଙ୍କ ଲାଳନପାଳନ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀଙ୍କୁ ଏହି ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥାତ୍ ଦେଢ଼ ଲକ୍ଷ ଟଙ୍କା ବହନ କରିବାକୁ ହେବ। ଏହାସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାସକୁ ଥରେ ଗୋରୁମାନଙ୍କ ସ୍ୱାସ୍ଥ୍ୟ ଓ ସ୍ଥିତି ଯାଞ୍ଚ କରି ନିମ୍ନ ଅଦାଳତଙ୍କୁ ରିପୋର୍ଟ ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇ ଏହି ମାମଲାର ସମାପ୍ତ କରିଛନ୍ତି।

## ଅବଶିଷ୍ଟାଂଶ

### ଆଜି ଶ୍ରୀଗୁଣ୍ଡିଚା...

ବୁଧବାର ଭୋର୍ ୪ଟା ୩୫ରେ ବନକଲାଗି ନିମନ୍ତେ ଦତ୍ତମହାପାତ୍ର ସେବକ ପ୍ରବେଶ କରିଥିଲେ। ଭିତରେ କମାଣ୍ଡରଙ୍କ ସହ ଦତ୍ତମହାପାତ୍ରଙ୍କ ବିବାଦ ଯୋଗୁଁ ଏହି ନୀତି ବିଳମ୍ବ ହୋଇଥିଲା। ବିବାଦର ସମାଧାନ ପରେ ସକାଳ ୯ ଟାରେ ସରିଥିଲା ବନକଲାଗି। ସେହିଠାରୁ ନୀତି ବିଳମ୍ବରେ ଚାଲିଥିଲା। ସକାଳ ୯ଟା ୨୫ରେ ମଙ୍ଗଳ ଆଳତି, ପୂର୍ବାହ୍ଣ ୧୦ଟା ୫ଟାରେ ଅବକାଶ ପୂଜା ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଧ୍ୟାହ୍ନ ୧୨ଟା ୪୫ରେ ସକାଳ ଧୂପ ଶେଷ ହେବା ପରେ ଅପରାହ୍ଣ ୧ଟା ୧୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟ, ଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ୧ଟା ୨୦ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା। ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ। ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ। ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ଅପରାହ୍ଣ ସାଢ଼େ ୪ଟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଯାଇଥିଲା। ଏହାପରେ ତିନିରଥକୁ ଫୁଲରେ ସଜ୍ଜିତ କରାଯାଇଥିବା ବେଳେ ଚାର ବନ୍ଧାଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା।

ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ଓ ଏହାପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟି ଏବଂ ସେନାପଟା କରିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଗୁରୁବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ଣ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ। ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ। ରଥଯାତ୍ରାରେ ୧୩ ହଜାର ପୁଲିସ କର୍ମଚାରୀ ମୁତୟନ ଥିବାବେଳେ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ପରିଚାଳନା କରୁଛନ୍ତି। ସମୁଦ୍ର ପଥରେ ମେରାଇନ୍ ପୁଲିସ ଏବଂ କୋଷ୍ଟଗାର୍ଡ କଡ଼ା ନଜର ରଖିଛନ୍ତି। ଓଡ଼ିଶା ପୁଲିସ ସହିତ ବିଏସ୍ଏଫ୍, ସିଆର୍ପିଏଫ୍, ଏନ୍ଏସ୍ଜି, ରାପିଡ୍ ଆକ୍ସନ ଫୋର୍ସ, ଓଡ଼ିଶା ପୁଲିସର ଏସ୍ଟିୟୁ କମାଣ୍ଡୋ, ଡଗ୍ ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଆକାଶ ମାର୍ଗରୁ ଡ୍ରୋନ୍ ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଉପରେ ନଜର ରହିଛି। ମୋଟ୍ ୪୭୦ଟି ସିସିଟିଭି କ୍ୟାମେରା ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଏବଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ କଡ଼ା ନଜର ରଖିଛି।

### ୧୭ ପର୍ଯ୍ୟନ୍ତ...

ବଢ଼ିବା ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରଥଯାତ୍ରାରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ପାଇଁ ପୁରୀ, ଖୋରଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟାରେ ଲଘୁଚାପ ପ୍ରଭାବରେ ପୁରୀ ସହରରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ଆଜି ସକାଳ ୫ଟା ୩୦ରୁ ସକାଳ ୮ଟା ୩୦ ମଧ୍ୟରେ ପାଖାପାଖି ୬୧ମିମି ବର୍ଷା ରେକର୍ଡ ହୋଇ ଥିବାବେଳେ ଗତ ୨୪ ଘଣ୍ଟାରେ ୧୪୩.୮ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଭଦ୍ରକରେ ୧୨୩ ମିମି ବର୍ଷା ହୋଇଥିବା ବେଳେ ଚାନ୍ଦବାଲିରେ ୬୦, ବାଲେଶ୍ୱରରେ ୩୦, ଭୁବନେଶ୍ୱରରେ ୨୬, ବାରିପଦାରେ ୪୦, ଯାଜପୁର ୯୦ ଓ କେନ୍ଦ୍ରାପଡ଼ାରେ ୭୨ ମିମି ବର୍ଷା ରେକର୍ଡ ହୋଇଛି। ବର୍ଷା ସ୍ଥିତି ୧୭ ତାରିଖ ଯାଏଁ ଜାରି ରହିବ। ଓଡିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୦ କିମି ପବନ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନାକୁ ନେଇ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ୧୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଜୁନ ୧ରୁ ଏଯାବତ ୩୫୪.୭ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୩୪୫.୫ ତୁଳନାରେ ବର୍ଷାର ପରିମାଣ ୪ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡା ରାଜନଗରରେ ସର୍ବାଧିକ ୧୫୫ ମିମି ବର୍ଷା ରେକର୍ଡ କରାଯାଇଛି।

### ବାବୁ ଅଫିସର...

ଉପ-ନିର୍ଦ୍ଦେଶକ ଶୁଭ୍ରଜିତ୍ ନାୟକ ରହିଛନ୍ତି। ମାତ୍ର ସମ୍ପୃକ୍ତ ବାବୁ ନିଜ ପତ୍ନୀଙ୍କ ନାମରେ ଏକ ଯୋଗାଣ ସଂସ୍ଥା ପଞ୍ଜିକରଣ କରି ନିଜ ପୁତ୍ରଙ୍କ ନାମରେ ସଂସ୍ଥାର ନାମକରଣ କରି ମୁଦ୍ରଣ ସାମଗ୍ରୀ ଯୋଗାଉଛନ୍ତି। କ୍ଷମତାରେ ଥିବାରୁ ତଞ୍ଚକତା କରି ଦୀର୍ଘ ବର୍ଷରୁ ଏପରି ବ୍ୟବସାୟ କରୁଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ବାବୁଙ୍କ ଜଣେ ସମ୍ପର୍କୀୟ କଟକର ସରକାରୀ ପ୍ରେସ୍‌ରେ ଝାଡ଼ୁଦାର ଥିବାବେଳେ ସେ ସଚିବାଳୟରେ କିରାଣି କାର୍ଯ୍ୟ କରୁଛନ୍ତି। ଫଳରେ ବାଣିଜ୍ୟ ବିଭାଗର ସଚିବଙ୍କ ଭୂମିକା ମଧ୍ୟ ସନ୍ଦେହଘେରକୁ ଆସିଛି।

ଟେକ୍ସଟ୍ ବୁକ୍ ପ୍ରେସ୍‌ର ଦାୟିତ୍ୱରେ ଥିବା ଶୁଭ୍ରଜିତ ନାୟକଙ୍କ ଆଉ ଏକ ପ୍ରମୁଖ କାର୍ଯ୍ୟ ହେଲା ବହି ଛପା ହେବା ପୂର୍ବରୁ ବା ସେହି ସମୟରେ ପ୍ରୁଫ୍ କରେକସନ୍ କରିବା। ଅର୍ଥାତ୍ କୌଣସି ତ୍ରୁଟି ରହିଛି ନା ନାହିଁ ତାହା ପରଖିବା ସହ, ତ୍ରୁଟି ଥିଲେ ତାକୁ ସୁଧାରିବା ତାଙ୍କର ପ୍ରମୁଖ ଦାୟିତ୍ୱ। ମାତ୍ର ଉଭୟ ପ୍ରେସ୍ ଦାୟିତ୍ୱରେ ଥିବା ଏହି ବାବୁ ସଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରି ନାହାନ୍ତି। ସମ୍ପ୍ରତି ପୁସ୍ତକ ତ୍ରୁଟି ପାଇଁ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଥିବାବେଳେ ଏହି ବାବୁଙ୍କୁ କାହିଁକି ଅନୁକମ୍ପା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ବିଭାଗର ଅଧିକାରୀ ହୋଇ ଦୁଇଟି ବିଭାଗରେ କିପରି କାର୍ଯ୍ୟ କରୁଛନ୍ତି, ନିଜେ ଅଧିକାରୀ ହୋଇ ପତ୍ନୀଙ୍କ ନାମରେ କିପରି ବେପାର କରୁଛନ୍ତି ତାହାର ତଦନ୍ତ କରାଯିବା ସହ ପାଠ୍ୟପୁସ୍ତକ ମୁଦ୍ରଣ ଦାୟିତ୍ୱରେ ଅବହେଳା ପାଇଁ ତାଙ୍କୁ କ୍ରାଇବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି।

### ବଢ଼ିବ ରାଜ୍ୟର...

ଦୁଇଟି ରେଳ ଲାଇନ୍‌ର ଉନ୍ନତିକରଣ ଦ୍ୱାରା ଟ୍ରେନ ଚଳାଚଳ ଯଥେଷ୍ଟ ଉନ୍ନତ ହେବ। ଏହାଫଳରେ ଭାରତୀୟ ରେଳବାଇର ପରିଚାଳନାଗତ ଦକ୍ଷତା ଏବଂ ସେବା କ୍ଷମତା ବୃଦ୍ଧି ପାଇବ। ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବ ଟ୍ରେନ୍ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବାରେ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ ଭାବେ ଏହି ପ୍ରକଳ୍ପଗୁଡ଼ିକର ପରିକଳ୍ପନା କରାଯାଇଛି। ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ଏହାର ଲକ୍ଷ୍ୟ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ ହେବ। ଏହି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର, ଜିପସମ୍ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗରେ ଆସୁଛି। କାମ ସରିବା ପରେ, ଏହି ପ୍ରକଳ୍ପଗୁଡ଼ିକ ପ୍ରତିବର୍ଷ ୪୪ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ପ୍ରଦାନ କରିବ।

## ପଢ଼ା ବହିରେ ହଜାର ହଜାର ତ୍ରୁଟି: ବିଜେପିକୁ ଘେରିଲା ବିଜେଡି

ଭୁବନେଶ୍ୱର,୧୫।୭ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀର ବହିରେ ବ୍ୟାପକ ତ୍ରୁଟି ହେବାକୁ ନେଇ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ କରିବାକୁ ଦେଇଥିବା ବେଳେ ବିଜେପି ପକ୍ଷାନ୍ତରେ ବହିରେ ତ୍ରୁଟି ଥିବା କଥା ସ୍ୱୀକାର କରିଛି। ଏହି ଘଟଣା ପ୍ରାୟ ଏକମାସ ହୋଇ ଯାଇଥିବା ବେଳେ ବିଜେପି ପକ୍ଷରୁ ପ୍ରଥମ ଥର ପାଇଁ ଆଜି ପ୍ରତିକ୍ରିୟାରେ ପ୍ରକାଶିତ ବହିରେ ତ୍ରୁଟି ଥିବା କଥା ସ୍ୱୀକାର କରାଯାଇଛି। ବିଜେପିର ଏହି ପ୍ରତିକ୍ରିୟା ଉପରେ ବିଜୁ ଜନତା ଦଳ ବିଜେପି ଓ ରାଜ୍ୟ ସରକାରକୁ ଘେରିଛି। ତ୍ରୁଟିଶୂନ୍ୟ ବହି ଛାତ୍ରଛାତ୍ରୀମାନଙ୍କୁ କେବେ ପ୍ରଦାନ କରାଯିବ ତାର ସ୍ପଷ୍ଟୀକରଣ ଦେବାକୁ ଦାବି କରିଛି ବିଜେଡି।




- ତ୍ରୁଟିଶୂନ୍ୟ ବହି ଛାତ୍ରଛାତ୍ରୀ ମାନଙ୍କୁ କେବେ ପ୍ରଦାନ କରାଯିବ ତାର ସ୍ପଷ୍ଟୀକରଣ ଦିଅ
- କେବଳ ବାବୁଙ୍କୁ ନୁହେଁ, କୋର କମିଟିର ସଦସ୍ୟଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ
- ରାଜ୍ୟ ବାହାରର ସଂସ୍ଥାକୁ ବହି ମୁଦ୍ରଣ କାର୍ଯ୍ୟ ପ୍ରଦାନ ରହସ୍ୟ ଉନ୍ମୋଚନ କରାଯାଉ

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ପିଲାମାନଙ୍କ ବହିରେ ବ୍ୟାପକ ତ୍ରୁଟି ଥିବା କଥାକୁ ବିଜେପି ପ୍ରବକ୍ତା ବିଳମ୍ବରେ ହେଲେ ମଧ୍ୟ ସ୍ୱୀକାର କରିଥିବାରୁ ଆମେ ତାଙ୍କୁ ସାଧୁବାଦ ଦେଉଛୁ। କିନ୍ତୁ ତ୍ରୁଟି ସଂଶୋଧନ କରି ନୂତନ ପୁସ୍ତକ ପିଲା ମାନଙ୍କୁ କେବେ ପ୍ରଦାନ କରାଯିବ, ସେନେଇ ପ୍ରବକ୍ତା କୌଣସି ସୂଚନା ଦେଇ ନାହାନ୍ତି। ତେଣୁ ପିଲା ମାନଙ୍କୁ କେବେ ତ୍ରୁଟିଶୂନ୍ୟ ବହି ଯୋଗାଇ ଦିଆଯିବ ତାର ସୂଚନା ତୁରନ୍ତ ପ୍ରବକ୍ତା ଦିଅନ୍ତୁ ବୋଲି ଡ.ମହାନ୍ତି ଦାବି କରିଛନ୍ତି। ବିଜେପି ପ୍ରବକ୍ତା ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି ଓ ଏଥିରେ ସମ୍ପୃକ୍ତ ବାବୁ ମାନଙ୍କୁ ଛଡ଼ାଯିବ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯେ କେବଳ ବାବୁ ମାନେ କାହିଁକି, ଏଥିପାଇଁ ଦାୟୀ ଅଣ ବାବୁ ତଥା କୋର କମିଟି ସଦସ୍ୟଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯିବନାହିଁ। ସେହିପରି ବହି ଓଡ଼ିଶାରେ ନା ଓଡ଼ିଶା ବାହାରେ ପ୍ରିଣ୍ଟ କରାଯାଇଛି ତାର ମଧ୍ୟ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ରହିଛି। ଯଦି ଏହା ଓଡିଶା ବାହାରେ ପ୍ରିଣ୍ଟ କରାଯାଇଛି, ତାହେଲେ ପ୍ରଶ୍ନ ଉଠୁଛି ଯେ ଓଡ଼ିଶାରେ କଣ ପ୍ରିଣ୍ଟିଂ ବ୍ୟବସ୍ଥା ନଥିଲା କି? ରାଜ୍ୟ ସରକାରଙ୍କ ପ୍ରିଣ୍ଟିଂ ହାଉସରେ ପ୍ରିଣ୍ଟ ନ କରି ରାଜ୍ୟ ବାହାରର ଯଥା ଏକ ଗୁଜୁରାଟି ସଂସ୍ଥାକୁ ପ୍ରଦାନ କରିବା କାହା ନିର୍ଦ୍ଦେଶରେ ହୋଇଥିଲା, ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। ବିଜେପି ବିରୋଧୀ ଦଳରେ ଥିବା ସମୟରେ ସମସ୍ତ ପ୍ରସଙ୍ଗରେ ସିବିଆଇ ତଦନ୍ତ ପାଇଁ ଦାବି କରୁଥିଲା। କିନ୍ତୁ ଏବେ ସିବିଆଇ ଅପେକ୍ଷା କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଅଧିକ ଭରସା କରୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଗତ ଦୁଇ ବର୍ଷରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର ଦେଇଥିବା ତଦନ୍ତ ନିର୍ଦ୍ଦେଶ ମଧ୍ୟରୁ କୌଣସି ଗୋଟିଏ ମାମଲାରେ ଏପର୍ଯ୍ୟନ୍ତ ରିପୋର୍ଟ ଆସିପାରି ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ବ୍ରାହ୍ମଣୀଗାଁରେ ମୃଦୁ ଭୂମିକମ୍ପ

ବ୍ରାହ୍ମଣୀଗାଁ, ୧୫।୭ (ସମିସ): ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁ ସହରରେ ଗତ ରାତ୍ରି ସମୟ ୧୦ ଟାରୁ ୧୦ ଟା ୫ ମିନିଟ ମଧ୍ୟରେ ପ୍ରାୟ ୪ ସେକେଣ୍ଡ ପାଇଁ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ସମୟରେ ଘଡ଼ଘଡ଼ି ଶବ୍ଦ ପରି ପ୍ରଚଣ୍ଡ ଶବ୍ଦ ମଧ୍ୟ ଶୁଣା ଯାଇଥିଲା। ଘର ଭିତରେ ଥିବା ଲୋକମାନେ ପ୍ରଚଣ୍ଡ ଶବ୍ଦ ଶୁଣି ଭୟଭୀତ ହୋଇଯାଇଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Dharamgarh, Kalahandi.I, Dayanidhi Patra, S/o Biramani Patra, resident of Village Dengaguda, P.S. Koksara, District Kalahandi, Odisha, have changed the name of my minor daughter from Debashree Patra to Debishree Patra (new name ). Henceforth, she shall be known as **Debishree Patra** for all purposes.

**Dayanidhi Patra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1011, dated: 30-06-2026 I, KANCHANA GANDA, W/o - Late. Narayan Ganda, Permanent Resident of Village - Badakusumi, Po-Pujariguda, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from DEEPAMONI GANDA to DEEPAMONI PATRA. Henceforth, She shall be known as **DEEPAMONI PATRA** for all purposes.

**Sd/- Kanchana Ganda**

**AFFIDAVIT**

I, Radhika Agrawal, W/o- Mohan Kumar Agrawal, D/o- Sajan Kumar Agrawal resident of Ward no.18, Bhatli Chowk, Shiv Mandir Pada, Bargarh, Po./Ps./ Tah/Dist.- Bargarh, Odisha, PIN- 768028 state vide affidavit no. 357 dated 15.07.2026 that, I have changed my name from **Karishma Agrawal** to **Radhika Agrawal**. Henceforth I will be known as **Radhika Agrawal** for all future purposes.

**AFFIDAVIT**

I, Shruti Raghuwanshi, aged about 39 years, W/o- Akhileshvar Singh resident of Quarter No 5, Type-A,VIP Colony, CRP, Nayapalli, Bhubaneswar, 751015, declared by this Affidavit No.836/2026 Dated.14.07.2026, That now onwards I shall be known as **SHRUTI SINGH** that for all future purposes.


WORKS DEPARTMENT 34001/494/2627

**OFFICE OF THE SUPERINTENDING ENGINEER, BHADRAK (R&B) DIVISION**

e-mail: bhadrakrnbdivision@gmail.com

**Government of Odisha "e" Procurement Notice**

**Bid Identification No. SE (R&B) BDK-10/2026-27**

**No. 6380 / dt. 10-07-2026**

**Nature of work:** Civil & EI & PH Work
**Number of works:** 8 (Eight) Nos.
**Amount put to Tender:** Rs. 5.52 to 62.32 Lakhs
**Class of Contractor:** B, C & D & HT or MV with Authorised Dealer of OEM / Original Equipment Manufacturer / Manufacturer Company
**Date & Time of availability of bid document in the portal:** 21.07.2026 at 11.00 AM
**Last Date / Time of receipt of bid in the portal:** 31.07.2026 up to 05.00 PM
**Date of opening of bid:** 01.08.2026 at 11.30 AM
**Name & address of the Office inviting bid:** Superintending Engineer, Bhadrak (R&B) Division.
The bidders have to participate in **ONLINE** bidding only.
Further details can be seen from the e-procurement portal http://tendersodisha.gov.in.
All future corrigendum will be available on **ONLINE** mode only.

**Superintending Engineer**
**Bhadrak (R&B) Division**

OIPR-34001/34079/1/26-27/0004

GOVERNMENT OF ODISHA 34001/483/2627

**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

Phone: 06841-296119, Email: eeboudhrb@gmail.com

**INVITATIONS FOR BIDS (IFB)**

**e-Procurement Notice**

Letter No.: 3291, Dated: 10.07.2026

BID IDENTIFICATION No.: SE (R&B)-BDH 04/2026-27

| | | |
|---|---|---|
| 1 | Number of work | 03 (Three) Nos. of EI work (Single cover) |
| 2 | Estimated cost | As per the column No. 3 of the table |
| 3 | Period of completion | As per the column No. 8 of the table |
| 4 | Date & time of availability of Bid documents in the portal | From **17.07.2026, 10:00 AM** to **24.07.2026, 05:00 PM** |
| 5 | Last date/time for seeking of Tender clarification | **24.07.2026 up to 01:00 PM** |
| 6 | Last date/time for receipt of bids in the portal | **Up to 05:00 PM on 24.07.2026** |
| 7 | Date & time of opening of Tender/Bid | **27.07.2026 at 11:30 AM** |
| 8 | Name and address of the officer inviting bid | **Superintending Engineer, Boudh (R&B) Division, Boudh** |

**A.** Other details can be seen from detailed notice.
**B.** Inviting tenders are available on the website: www.tendersorissa.gov.in
**C.** Corrigendum, if any, shall only be published on the website: www.tendersorissa.gov.in

**Superintending Engineer**
Boudh (R&B) Division, Boudh

OIPR-34001/34134/1/26-27/0008


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1010, dated: 30-06-2026 I, KANCHANA GANDA, W/o - Late. Narayan Ganda, Permanent Resident of Village - Badakusumi, Po-Pujariguda, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from ANSUPA GANDA to ANSUPA PATRA. Henceforth, She shall be known as **ANSUPA PATRA** for all purposes.

**Sd/- Kanchana Ganda**

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2033/2026, dated: 02-07-2026 I, GOBARDHAN MAJHI, S/o - Balaram Majhi, Permanent Resident of Village - Chikalpadar, Po- Kottagam, Ps- Kodinga, Dist- Nabarangpur, Odisha, Pin - 764075, declare that I have changed the name of my Son from RAJINDRA MAJHI to RAJESH MAJHI. Henceforth, he shall be known as **RAJESH MAJHI** for all purposes.

**Sd/- Gobardhan Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1012, dated. 30.06.2026 I, KANCHANA PATRA, Wife of- Narayan Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764059, declare that I have changed my name from KANCHANA GANDA to KANCHANA PATRA. Henceforth, I shall be known as **KANCHANA PATRA** for all purposes.

**Sd/- Kanchana Patra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 732, dated: 08-07-2026 I, BIBEKANANDA HARIJAN, S/o - Krushna Chandra Harijan, Permanent Resident of Village - Sanakumuli, Po- Badakumuli, Ps- Papadahandi, Dist- Nabarangpur, Odisha, Pin - 764059, declare that I have changed the name of my Son from JEET HARIJAN to PRUTHBI RAJ HARIJAN. Henceforth, he shall be known as **PRUTHBI RAJ HARIJAN** for all purposes.

**Sd/- Bibekananda Harijan**


## ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

W/623/NIT/1, ତାରିଖ: 13.07.2026। କ୍ରମିକ ସଂଖ୍ୟା: 1। ଇ-ଟେଣ୍ଡର ନଂ.: RTM-2026-27-60। କାର୍ଯ୍ୟର ନାମ: ରତଲାମ ମଣ୍ଡଳର ଦାହୋଦ, MGN, COR, ଉଜ୍ଜୟିନ (UJN), SEH, ଇନ୍ଦୋର (IND) ଏବଂ DADN ସମେତ 7ଟି ଷ୍ଟେସନରେ ଥିବା ଜିଆରପି ଥାନା/ବ୍ୟାରାକର ଉନ୍ନତିକରଣ ଓ ମରାମତି କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: Rs. 52,45,620.57। ବଇନା ରାଶି (EMD): Rs. 1,04,900.00। ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ। କାର୍ଯ୍ୟ ସମାପ୍ତି ଅବଧି: 12 ମାସ। ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026। ଟେଣ୍ଡର ଖୋଲିବା ତାରିଖ: 05.08.2026। କ୍ରମିକ ସଂଖ୍ୟା: 2। ଇ-ଟେଣ୍ଡର ନଂ.: RTM-2026-27-61। କାର୍ଯ୍ୟର ନାମ: (1) ଚାନ୍ଦେରିଆ–ରତଲାମ ସେକ୍ସନର ଚିତ୍ତୌଡ଼ଗଡ଼, ନିମ୍ବାହେରା ଏବଂ ଶମ୍ଭୁପୁରା ଷ୍ଟେସନରେ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ ମେସିନ ସାଇଡିଂ ନିର୍ମାଣ। (2) ରତଲାମ–ଖଣ୍ଡୱା ସେକ୍ସନର ନୌଗାଁ, ବରନଗର ଏବଂ ପାଲିଆ ଷ୍ଟେସନରେ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ ମେସିନ ସାଇଡିଂ ନିର୍ମାଣ। (3) ଚାନ୍ଦେରିଆ–ରତଲାମ–ଖଣ୍ଡୱା ସେକ୍ସନରେ SSE (P/W) NMH, JAO, BNG, DADN ଓ KNW ଅଧୀନରେ ମୋଟ 11.0 TKM କ୍ୟାଜୁଆଲ ରେଳ ନବୀକରଣ କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: Rs. 10,50,91,357.46। ବଇନା ରାଶି: Rs. 21,01,800.00। ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ। କାର୍ଯ୍ୟ ସମାପ୍ତି ଅବଧି: 18 ମାସ। ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026। ଟେଣ୍ଡର ଖୋଲିବା ତାରିଖ: 05.08.2026। କ୍ରମିକ ସଂଖ୍ୟା: 3। ଇ-ଟେଣ୍ଡର ନଂ.: RTM-2026-27-71। କାର୍ଯ୍ୟର ନାମ: (1) ରତଲାମ ମଣ୍ଡଳରେ ପଏଣ୍ଟସମ୍ୟାନ/ଟ୍ରାଫିକ ଆସିଷ୍ଟାଣ୍ଟଙ୍କ ପାଇଁ ବିଦ୍ୟୁତ କାର୍ଯ୍ୟ ସମେତ HUT ନିର୍ମାଣ। (2) ରତଲାମ ମଣ୍ଡଳର 68ଟି ଷ୍ଟେସନରେ (ଦିବ୍ୟାଙ୍ଗଜନ ସୁବିଧା) ପ୍ଲାଟଫର୍ମ ଧାରରେ ପେଣ୍ଟିଂ ଏବଂ ଗଠନାତ୍ମକ ଉପାଦାନଗୁଡ଼ିକରେ ବିପରୀତ ରଙ୍ଗ ଯୋଜନା ପ୍ରଦାନ। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: Rs.5,81,45,063.08। ବଇନା ରାଶି: Rs. 11,62,900.00। ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ। କାର୍ଯ୍ୟ ସମାପ୍ତି ଅବଧି: 15 ମାସ। ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026। ଟେଣ୍ଡର ଖୋଲିବା ତାରିଖ: 12.08.2026। କ୍ରମିକ ସଂଖ୍ୟା: 4। ଇ-ଟେଣ୍ଡର ନଂ.: RTM-2026-27-72। କାର୍ଯ୍ୟର ନାମ: ଚାନ୍ଦେରିଆ ଷ୍ଟେସନର ପ୍ଲାଟଫର୍ମ ନଂ. 2 ଓ 3କୁ ଉଚ୍ଚ ସ୍ତର (High Level) କରିବା କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: Rs. 5,16,24,710.24। ବଇନା ରାଶି: Rs. 10,32,500.00। ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ। କାର୍ଯ୍ୟ ସମାପ୍ତି ଅବଧି: 15 ମାସ। ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026। ଟେଣ୍ଡର ଖୋଲିବା ତାରିଖ: 12.08.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-156

Like us on: facebook.com/WesternRly | Follow us on: x.com/WesternRly


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1007, dated. 30.06.2026 I, MANJULA PATRA, Wife of- Nilambar Ganda & Daughter of- Arjuna Kumajhariaa, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764063, declare that I have changed my name from MANJULA GANDA to MANJULA PATRA. Henceforth, I shall be known as **MANJULA PATRA** for all purposes.

**Sd/- Manjula Patra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1009, dated. 30.06.2026 I, NILAMBAR PATRA, Son of- Tankadhar Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764063, declare that I have changed my name from NILAMBAR GANDA to NILAMBAR PATRA. Henceforth, I shall be known as **NILAMBAR PATRA** for all purposes.

**Sd/- Nilambar Patra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 699, dated. 29.06.2026 I, PITABAS PATRA, Son of- Tankadhar Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764059, declare that I have changed my name from PITABAS GANDA to PITABAS PATRA. Henceforth, I shall be known as **PITABAS PATRA** for all purposes.

**Sd/- Pitabas Patra**

**AFFIDAVIT**

By virtue of an affidavit no 10819 the Executive Magistrate Jajpur on dtd- 01/11/2025. I Renubala Samal, D/O-Krutibas Mohanty, permanent resident of At- Diatikiri, Po-Talabandha,p.s- Alakund, Dist- Jajpur, Block- Binjharpur, Odisha, pin-755004. declared that I have changed my name from RENUPRABHA SAMAL (Old Name) to RENUBALA SAMAL(New Name), Henceforth she shall be known as **RENUBALA SAMAL** for all future purposes.

**RENUBALA SAMAL**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 929, dated. 10.06.2026 I, RISPA HARIJAN, Daughter of- Chandra Harijan, Permanent Resident of Village- Kanheimunda, Po.- Bejuguda, Ps.- Tentulikhunti, Dist- Nabarangpur, Odisha,Pin - 764070, declare that I have changed my name from RISWA HARIJAN to RISPA HARIJAN. Henceforth, I shall be known as **RISPA HARIJAN** for all purposes.

**Sd/- Rispa Harijan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1008, dated: 30-06-2026 I, NILAMBAR GANDA, S/o - Tankadhar Ganda, Permanent Resident of Village - Badakusumi, Po- Pujariguda, Ps- Nabarangpur, Dist- Nabarangpur, Odisha, Pin - 764063, declare that I have changed the name of my Daughter from SUHANA SHANAM GANDA to SUHANA SHANAM PATRA. Henceforth, She shall be known as **SUHANA SHANAM PATRA** for all purposes.

**Sd/- Nilambar Ganda**

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2015/26, dated: 02-07-2026 I, SUTAM BHATRA, S/o - Lakhmu Bhatra, Permanent Resident of Village - Bhaludangri, Po- Jhadkusumi, Ps- Kodinga, Dist- Nabarangpur, Odisha, Pin - 764075, declare that I have changed the name of my Son from DEBANANDA BHATRA to DEVA BHATRA. Henceforth, he shall be known as **DEVA BHATRA** for all purposes.

**Sd/- Sutam Bhatra**

**AFFIDAVIT**

I, L. Jyothi Babu & L. Sharada. At-E/103-B, Railway colony, Bhaskarganj-A, Near Hanuman Mandir, Po/Dist- Balasore, State- Odisha. Declare by this affidavit **No- 3293, Dtd- 02/05/2026**, that now onwards we shall be known as **LANKA JYOTHI BABU** & **LANKA SHARADA** all for all future purposes.

**AFFIDAVIT**

**(Above 18 years of Age)**

By virtue of an affidavit sworn before The Executive Magistrate, Khariar, Nuapada, dated- 10.07.2026. I, **Aniket Panda** (new name), S/o- Mrutyunjaya Panda, Address At- Kuligaon, P.O.- Badamaheswar, P.S.- Khariar, Tahasil- Khariar, Dist.- Nuapada, Odisha declare that I have changed my name from **Slok Ranjan Panda** (old name) to **Aniket Panda** (new name). Henceforth, I shall be known as **Aniket Panda** (new name) for all purposes.

**Aniket Panda**

**LOST**

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ସ୍ୱର୍ଗତ ନିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ଧରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100751** ତା- **10/06/2026** ର ହଜିବା ତାରିଖ- **01/05/2026** ରେ। ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257** & **9114320991** ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

I, Biswomber Sahoo, aged about 64 years, S/o- Bhrabarbar Sahoo, resident of At/Po- Haripur, Ps- Nirakarpur, Dist- Khurda, Odisha, Pin- 752021, do hereby declare by this affidavit No. 1401, dtd- 15.07.2026, that now onwards I shall be known as **BISWAMBAR SAHOO** for all future purposes.

**AFFIDAVIT**

I, Shyam Sunder Poddar, aged about 85 years, S/o- Mahadev Lal Poddar, resident of At- Puruna Station Road, Ps- Plantsite, Rourkela Dist- Sundargar, Odisha, Pin- 769001, do hereby declare by this affidavit No. 1402, dtd- 15/07/2026, that now onwards I shall be known as **SHYAM SUNDAR PODDAR** for all future purposes.


**BRAHMAPUR MUNICIPAL CORPORATION** 13001/1187/2627

Office of the Commissioner
Brahmapur, Odisha – 760001
No.: 12108 , Date: 14/07/26

**QUOTATION CALL NOTICE**

**FOR**

**Design, Manufacturing, Supply, Installation and Commissioning of FRP (Fibre Reinforced Plastic) Life-Size Statues of Former Prime Minister Lal Bahadur Shastri (8'-0" Height Each) including 03 (Three) Years Comprehensive Maintenance.**

The Commissioner, Brahmapur Municipal Corporation (BeMC), invites sealed quotations from reputed and experienced agencies/firms for the design, manufacturing, supply, installation and commissioning of FRP (Fibre Reinforced Plastic) life-size statues of the following eminent personality, including all materials, transportation, installation, finishing and 03 (Three) years comprehensive maintenance, in accordance with the terms and conditions specified in the quotation document.

| Sl. No. | Name of Personality | Height |
|---|---|---|
| 1 | Former Prime Minister Lal Bahadur Shastri | 8'-0" |

Interested agencies/firms fulfilling the prescribed eligibility criteria may download the quotation document from www.berhampur.gov.in from **11:30 A.M. on 15/07/2026 to 05:00 P.M. on 29/07/2026.**

The last date and time for submission of quotations shall be **03:30 P.M. on 30/07/2026.**

The quotations shall be opened at **11:00 A.M. on 31/07/2026** in the **OSWAN Hall, Brahmapur Municipal Corporation, Near Ramalingam Tank Road, Gandhi Nagar, Brahmapur, Odisha – 760001.**

Any addendum, corrigendum, clarification or cancellation relating to this quotation shall be published only on www.berhampur.gov.in. Agencies are advised to visit the website regularly for updates.

The Commissioner, Brahmapur Municipal Corporation reserves the right to accept or reject any or all quotations, wholly or partly, or to cancel the quotation process at any stage without assigning any reason thereof. The decision of the Commissioner shall be final and binding.

**Commissioner**
**Brahmapur Municipal Corporation**

OIPR-13001/13035/1/26-27/0011

କର୍ଦ୍ଦମାକ୍ତ ଖମାରପଦର ରାସ୍ତା

# ବିକାଶ ଅପେକ୍ଷାରେ ସୀମାନ୍ତ ଆଦିବାସୀ ଅଞ୍ଚଳ

**ଥୁଆମୂଳ ରାମପୁର, ୧୫ ।୭ (ସମିସ)**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ପାଡେପଦର ପଞ୍ଚାୟତ ଅଧୀନ ଖମାରପଦର ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ବର୍ଷା ଋତୁରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ଜମି ରହିଥିବାରୁ ଯାନବାହନ ଚଳାଚଳ ପ୍ରାୟ ଅସମ୍ଭବ ହୋଇପଡ଼ିଛି । ଏହାର ସବୁଠାରୁ ବଡ଼ ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଥିବାବେଳେ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚିପାରୁନାହିଁ । ଫଳରେ ସ୍ଥାନୀୟ ଲୋକଙ୍କ ଜୀବନ ଦୁର୍ବିସହ ହୋଇଯାଇଛି । ଖମାରପଦର ରାଜସ୍ୱ ଗ୍ରାମ ଅଧୀନରେ ଭାଟିପାସ ଓ ଭୂତଗୁଡ଼ା ନାମକ ଦୁଇଟି ଉପଗ୍ରାମ ରହିଛି । ଏହି ତିନୋଟି ଗାଁର ଲୋକେ ପ୍ରତିଦିନ ଯାତାୟାତ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ୱାଧୀନତାର ସାତ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବିକାଶର ଆଲୋକ ଏହି ସୀମାନ୍ତ ଆଦିବାସୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ପହଞ୍ଚିପାରି ନାହିଁ । କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାରେ ଅବସ୍ଥିତ ଏହି ଅଞ୍ଚଳ ଆଜି ମଧ୍ୟ ଏକ ପଛୁଆ ଅଞ୍ଚଳର ଚିତ୍ର ପ୍ରଦର୍ଶନ କରୁଛି । ସ୍ୱାସ୍ଥ୍ୟ ସେବା, ଉଚ୍ଚ ଶିକ୍ଷା ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧା ପାଇଁ ଏଠାକାର ଲୋକଙ୍କୁ ପ୍ରାୟତଃ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି । ୨୦୧୭ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଖମାରପଦରରୁ ମୁଣ୍ଡିଘାଟି ପର୍ଯ୍ୟନ୍ତ ରାସ୍ତା ବର୍ତ୍ତମାନ ଖାଲଖମାରେ ଭର୍ତ୍ତି ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ପରଠାରୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର କୌଣସି ମରାମତି କରାଯାଇ ନାହିଁ । ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି । ସେହିପରି ଦୁରେସପଦରରୁ ବେଣାଖମାର ମଧ୍ୟରେ ଥିବା ଡୁମନିନାଳ ରାସ୍ତାରେ ନୂତନ ମାଟି ପକାଯାଇଥିବାରୁ ବର୍ଷାରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ସୃଷ୍ଟି ହୋଇଛି । ଏହି କାଦୁଅ ଭିତରେ ଯାନବାହନ ଫସି ଯାଉଥିବା ସହ ସାଧାରଣ ଲୋକମାନେ ମଧ୍ୟ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ସୂଚନା ଅନୁସାରେ, ୨୦୦୮ରେ ମହୁଲପାଟଣାରୁ ପାଡେପଦର ଭାୟା ଖମାରପଦର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଏହି ରାସ୍ତା ପାଡେପଦର ସୀମାରେ ଅଟକି ଯାଇଥିବାରୁ ଖମାରପଦର ଅଞ୍ଚଳବାସୀ ଆଜି ମଧ୍ୟ ପକ୍କା ସଡ଼କ ସୁବିଧାରୁ ବଞ୍ଚିତ ରହିଛନ୍ତି । ପରବର୍ତ୍ତୀ ସମୟରେ ମହୁଲପାଟଣାରୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି ସୀମା ପର୍ଯ୍ୟନ୍ତ ଭାୟା ଖମାରପଦର ୨୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୪୯ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସୂଚନାଫଳକ ଅନୁଯାୟୀ, ୪୪ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୮ ଡିସେମ୍ବର ୨୦୨୩ରେ କାର୍ଯ୍ୟ ଆରମ୍ଭ ହୋଇ ୨୭ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଖମାରପଦର ନିକଟରେ ଲାଗିଥିବା ସୂଚନା ଫଳକରେ ଠିକା ସଂସ୍ଥାର ନାମ ଉଲ୍ଲେଖ ରହିଛି । ଏହି ପ୍ରକଳ୍ପ ତତ୍କାଳୀନ ବିଜେଡି ସରକାର ଅମଳରେ ଅନୁମୋଦିତ ହୋଇଥିଲା । କିନ୍ତୁ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ଅଟକିଛି । ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ନେଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିପାରିନି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ବର୍ଷା ଋତୁରେ ରୋଗୀଙ୍କୁ ଖଟିଆ କିମ୍ବା ଅନ୍ୟ ଉପାୟରେ ମୁଖ୍ୟ ରାସ୍ତାକୁ ଆଣିବାକୁ ପଡୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ଖମାରପଦର ଅଞ୍ଚଳର ଉନ୍ନତି ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ସହିତ ପୁରୁଣା ପ୍ରଧାନମନ୍ତ୍ରୀ ସଡକର ଜରୁରୀ ମରାମତି କରାଯାଉ । ଏହି ସଡକ ସମ୍ପୂର୍ଣ୍ଣ ହେଲେ କେବଳ ଖମାରପଦର ନୁହେଁ, ଭାଟିପାସ, ଭୂତଗୁଡ଼ା ସମେତ ସମଗ୍ର ସୀମାନ୍ତ ଅଞ୍ଚଳର ଯାତାୟାତ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆର୍ଥିକ ବିକାଶରେ ନୂଆ ଦିଗନ୍ତ ଉନ୍ମୋଚିତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି ।

## କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟ ନିମ୍ନମାନର

**ଭବାନୀପାଟଣା, ୧୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗାଁର ଜଣେ ବ୍ୟକ୍ତି ତାଙ୍କ ନିଜ ଚାଷ ଜମିରେ ତିନି ଲକ୍ଷ ଟଙ୍କା ଅଟକଳରେ କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନରୁ ଆରମ୍ଭ କରିଛନ୍ତି । ଉକ୍ତ ନିର୍ମାଣ କାର୍ଯ୍ୟଟି ଗାଁ ଲୋକଙ୍କ କୌଣସି କାର୍ଯ୍ୟରେ ଆସିବ ନାହିଁ, କାରଣ ନିର୍ମାଣାଧୀନ କାର୍ଯ୍ୟସ୍ଥଳକୁ ଯିବା ଆସିବା କରିବା ପାଇଁ ରାସ୍ତା ବ୍ୟବସ୍ଥା ନାହିଁ ଓ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ଗତ ମେ' ୧୧ ରେ କର୍ଲାମୁଣ୍ଡା ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଓ କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରୀଙ୍କୁ ମେ' ୨୨ରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ହେଲେ କାର୍ଯ୍ୟକୁ ବନ୍ଦ କରିବା ପରିବର୍ତ୍ତେ କାର୍ଯ୍ୟଟି ଚାଲୁ ରହିଛି ବୋଲି ଜଳନ୍ଧର ଭୋଇ, ସତ୍ୟ ନାରାୟଣ ସାହୁ, ଟିକେ ଲାଲ ସାହୁ, ତୁଳସୀ ଲାଲ ଭୋଇ, ହରି ସାହୁ, ହାରାଚନ ବାଗ, ଭାଗୀରଥି ବାଗ, ଶମ୍ଭୁ ସାହୁ, ଦୁର୍ଗା ମାଝୀ, ପଲସ୍ତି ସାହୁ, ଭୋଳା ସାହୁ ଅଭିଯୋଗ କରିଛନ୍ତି । ଏନେଇ ଗ୍ରାମବାସୀ ଏକ ଶୋଭଯାତ୍ରାରେ ବ୍ଲକ ସଦର ଶିବମନ୍ଦିର ଠାରୁ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଅରୁଣ କୁମାର ବର୍ଗେଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଅଭିଯୋଗଟି ତହସିଲଦାରଙ୍କ ଜରିଆରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ, କଳାହାଣ୍ଡି ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ତହସିଲଦାର ଅରୁଣ କୁମାର ବର୍ଗେଙ୍କୁ ପଚାରିବାରୁ ଆମେ ଗାଁ ଲୋକଙ୍କ ଅଭିଯୋଗ ପତ୍ରକୁ ମୁଖ୍ୟ ଶାସନ ସଚିବଙ୍କୁ ପଠେଇଦେବୁ ବୋଲି କହିଛନ୍ତି ।

## କାଉଡୋଲା ସ୍କୁଲ୍‌ରେ ସାମ୍ବାଦିକ ସଂଘର ଚାରାରୋପଣ



**କୋକସରା, ୧୫ ।୭ (ସମିସ):** ପରିବେଶର ସୁରକ୍ଷା ଏବଂ ସବୁଜିମା ବୃଦ୍ଧିକୁ ଏକ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ କୋକସରା ବ୍ଲକ ସାମ୍ବାଦିକ ସଂଘ (କେବିଏସ୍‌ଏସ୍) ପକ୍ଷରୁ ମଙ୍ଗଳବାର ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । କାଉଡୋଲାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଂଘ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଘର ସଭାପତି ଚକ୍ରଧର ବେଶ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଶଙ୍କର ପାଠୀ ଚାରା ରୋପଣର ଶୁଭାରମ୍ଭ କରିଥିଲେ । ସଂଘର ସମ୍ପାଦକ ସାମ୍ବାଦିକ ଜଗଦୀଶ ନାଏକ, ଉପ-ସଭାପତି ହିରଣ୍ୟ ବେହେରା, ସାଂଗଠନିକ ସମ୍ପାଦକ ପରେଶ ପଟ୍ଟନାୟକ, ସାମ୍ବାଦିକ ତୁଲାରାମ ବେହେରା ଓ ଗଜିନ୍ଦ୍ର ନାଗ ପ୍ରମୁଖ ଯୋଗଦେଇ ଥିଲେ ।

## ଘାସିରାମ ମାଝୀଙ୍କ ୧୨୪ ତମ ଜୟନ୍ତୀ



**ନୂଆପଡ଼ା, ୧୫ ।୭ (ସମିସ):** ନୂଆପଡ଼ା ଶିଳଦା ସ୍ଥିତ ନ୍ୟାସନାଲ କଲେଜ ଅଡିଟୋରିୟମଠାରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ୧୨୪ ତମ ଜନ୍ମ ଜୟନ୍ତୀ ପାଳନ ହୋଇଛି । ଏକତା ଛକରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ନୂଆପଡ଼ା ନିର୍ବାଚନ ମଣ୍ଡଳୀରୁ ସାତ ଥର ବିଧାୟକ ହେବା ସହିତ ତିନିଥର ମନ୍ତ୍ରୀ ହୋଇଥିବା ସ୍ୱର୍ଗତ ଘାସିରାମ ମାଝୀଙ୍କ ଅବଦାନ ଅତୁଳନୀୟ । ସେହିପରି ନୂଆପଡ଼ା ଜିଲ୍ଲା ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଞ୍ଚଳ ପାଇଁ କରିଯାଇଥିବା କାଳଜୟୀ କାର୍ଯ୍ୟ ସଦାସର୍ବଦା ମନେ ରହିବ । ଆଜି ତାଙ୍କର ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାସ, ବରିଷ୍ଠ ଆଇନଜୀବୀ ଏବଂ ବିଜେପି ନେତା ପ୍ରସନ୍ନ ପାଢ଼ୀ, ହୋମସିଂ ମାଝୀ, ଏବଂ ସ୍ୱର୍ଗତ ଘାସିରାମ ମାଝୀଙ୍କ ଝିଅ ସରୋଜିନୀ ମାଝୀ ଉପସ୍ଥିତ ଥିଲେ । ନୂଆପଡ଼ା ପାଇଁ ତାଙ୍କର କାମ ଅତୁଳନୀୟ ତେଣୁ ଜିଲ୍ଲା ବାସୀଙ୍କ ହୃଦୟରେ ସବୁବେଳେ ରହିବେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହାସହ ତାଙ୍କ ଜୀବନୀ ଉପରେ ଏକ ପୁସ୍ତକ ଉନ୍ମୋଚନ ପାଇଁ ଏକ କମିଟି ଆଜି ଗଠନ କରାଯାଇଛି ।

## ନୂଆପଡ଼ାରେ ଅବକାରୀ ବିଭାଗର ସମୀକ୍ଷା ବୈଠକ

**ନୂଆପଡ଼ା, ୧୫ ।୭ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ଆଇନ ପ୍ରବର୍ତ୍ତନ, ଅବୈଧ ମଦ ବିରୋଧୀ ଚଢ଼ଉ, ରାଜସ୍ୱ ଆଦାୟ ଓ ବିଭାଗୀୟ କାର୍ଯ୍ୟଦକ୍ଷତା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ସମୀକ୍ଷାରେ ଜଣାପଡ଼ିଥିଲା ଯେ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଶେଷ ସୁଦ୍ଧା ଜିଲ୍ଲାରେ ୫ କୋଟି ୨୪ ଲକ୍ଷ ୨୮ ହଜାର ୨୯୪ ଟଙ୍କା ଅବକାରୀ ରାଜସ୍ୱ ସଂଗ୍ରହ ହୋଇଛି, ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୮.୯୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଜୁନ୍ ମାସ ସୁଦ୍ଧା ୪୧୭ଟି ମାମଲା ରୁଜୁ କରାଯାଇ ୨୬୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯୫ଟି ମାମଲା ଅଦାଲତକୁ ପ୍ରେରଣ କରାଯାଇଛି । ଚଢ଼ଉ ବେଳେ ୪, ୩୬୯ ଲିଟର ଚୋରା ମଦ, ୯୭, ୭୨୦ ଲିଟର ଫରମେଣ୍ଟେଡ୍ ୱାଶ, ୨, ୩୭୨.୮ ବଲ୍କ ଲିଟର ଦେଶୀ ମଦ, ୨୨୭.୫୫ କ୍ୱିଣ୍ଟାଲ ମହୁଲ ଫୁଲ, ୨୬.୮ କିଲୋଗ୍ରାମ ଗଞ୍ଜେଇ, ଏକାଧିକ ମଦ୍ୟ ଓ ମାଦକଦ୍ରବ୍ୟ ସହ ୧୦ଟି ଚାରିଚକିଆ ଏବଂ ଗୋଟିଏ ଦୁଇଚକିଆ ଯାନ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା । ଜିଲ୍ଲାପାଳ ଚୋରା ମଦ ବିରୋଧରେ ନିୟମିତ ଚଢ଼ଉ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ସେକ୍ସନ ଅଫିସର ସୌମ୍ୟକାନ୍ତ ଓଝା, ଅବକାରୀ ଉପ-ନିରୀକ୍ଷକ ବୃନ୍ଦାବତୀ ଭୁଆ, ଅବକାରୀ ସହକାରୀ ଉପ-ନିରୀକ୍ଷକ ବଳଭଦ୍ର ରାଉତଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ଖଡ଼ିଆଳ ବନଖଣ୍ଡରେ ଅଢ଼େଇ ଲକ୍ଷ ଚାରା ବଣ୍ଟନ

**ଖଡ଼ିଆଳ, ୧୫ ।୭ (ସମିସ)** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ପକ୍ଷରୁ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଚଳିତବର୍ଷ ୧୦ ଲକ୍ଷ ଚାରା ବଣ୍ଟନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସରକାରଙ୍କ 'ମାଆଙ୍କ ନାମରେ ଗୋଟିଏ ଚାରା' ଅଭିଯାନକୁ ସଫଳ କରିବା ପାଇଁ ବନ ବିଭାଗ ବ୍ୟାପକ ସଚେତନତା ସହ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ଜୋରଦାର କରିଛି । ବନ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଢ଼େଇ ଲକ୍ଷ ଚାରା ବିଭିନ୍ନ ଗ୍ରାମ, ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସାଧାରଣଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ବର୍ଷା ଋତୁକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ଲୋକଙ୍କୁ ଚାରା ରୋପଣ ପାଇଁ ଉତ୍ସାହିତ କରାଯାଉଛି । ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ସୂଚନା ଯେ, ଚଳିତବର୍ଷ ୧୦ ଲକ୍ଷ ଚାରାବଣ୍ଟନର ଲକ୍ଷ୍ୟ ପୂରଣ ପାଇଁ ବନ ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛି । ସେ ସାଧାରଣ ଲୋକଙ୍କୁ 'ମାଆଙ୍କ ନାମରେ ଗୋଟିଏ ଚାରା' ରୋପଣ କରି ସୁସ୍ଥ ସୁନ୍ଦର ନୂଆପଡ଼ା ଓ ପରିବେଶ ସୁରକ୍ଷା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି । ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ସବୁଜ ଆବରଣ ବୃଦ୍ଧି ପାଇଁ ଚାରାରୋପଣ ଏକ ପ୍ରଭାବଶାଳୀ ପଦକ୍ଷେପ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଖଡ଼ିଆଳ ରେଞ୍ଜ ଅଫିସ ଠାରେ ଗଛଚାରା ବଣ୍ଟନ ପାଇଁ ଚାରା କେନ୍ଦ୍ର ଖୋଲି ଆଧାର କାର୍ଡରେ ଚାରା ବଣ୍ଟନ କରୁଛନ୍ତି ।

## ରାମପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ମ.ରାମପୁର, ୧୫ ।୭ (ସମିସ):** ରାମପୁର ଶ୍ରୀଜଗନ୍ନାଥଙ୍କ ଶାନ୍ତି ପୂର୍ଣ୍ଣ ରଥଯାତ୍ରା ଓ ବାହୁଡ଼ାଯାତ୍ରା ପାଇଁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁଙ୍କ ଆହ୍ୱାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ସତ୍ୟନାରାୟଣ ସାହୁ, ଯଜ୍ଞସେନ ପଣ୍ଡା, ମ.ରାମପୁର ଥାନା ଅଧିକାରୀ ସଂଯୁକ୍ତା ପ୍ରଧାନ, ଯୁବ ଉଦ୍ୟୋଗୀ ତଥା ସାମ୍ବାଦିକ ପ୍ରଶାନ୍ତ ସାମନ୍ତରାୟ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରଶାନ୍ତ ସାମନ୍ତରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମହାପ୍ରଭୁଙ୍କ ଦୁର୍ଲଭ ନବଯୌବନ ଦର୍ଶନ ପାଇଁ ଭକ୍ତ ମାନଙ୍କ ଭିଡ଼ ହୋଇଥିଲା ।

## 'ମେରା ଯୁବ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

**ଭବାନୀପାଟଣା, ୧୫ ।୭ (ସମିସ):** ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବଭାରତର ଜିଲ୍ଲା ପରାମର୍ଶଦାତା କମିଟିର ପ୍ରଥମ ବୈଠକ ଏବଂ ଜିଲ୍ଲା ସମନ୍ୱୟ କମିଟିର ବୈଠକ ଭବାନୀପାଟଣାସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ବଂଶ ଶର୍ମା ସ୍ୱାଗତଭାଷଣ ପ୍ରଦାନ କରିବା ସହ ବୈଠକର ଏଜେଣ୍ଡା ଉପସ୍ଥାପନ କରିଥିଲେ । ସେ ଏପ୍ରିଲରୁ ଜୁନ୍୨୦୨୬ ପର୍ଯ୍ୟନ୍ତ ଜିଲ୍ଲାରେ ଆୟୋଜିତ ମାଇ ଭାରତ୍ କାର୍ଯ୍ୟକ୍ରମର ସମୀକ୍ଷା, ୨୦୨୬-୨୭ ବାର୍ଷିକ କାର୍ଯ୍ୟ ଯୋଜନା, ବିଭିନ୍ନ ବିଭାଗ ସହ ସମନ୍ୱୟ ଏବଂ ଯୁବମାନଙ୍କ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଡିଇଓ କାର୍ଯ୍ୟାଳୟ ସାଧୁ ଶରଣ ପ୍ରସାଦ, ଜୟନ୍ତ ଏନ୍‌ଏସ୍‌ଏସ୍ ସଂଯୋଜକ କୁମାର ଦଣ୍ଡସେନା, ସୁବ୍ରତ କୁମାର ତ୍ରିପାଠୀ, ରୂପସିଂହ ରାଉତ, ଶମ୍ଭୁ ବିଶି, ଡି.ଆଇ. ପି.ଆର୍.ଓ ଦିନେଶ କୁମାର କହଁର, ଡ. ନିହାର ପଣ୍ଡା, ଅଂଶୁମାନ ବାବୁ, ଦୁତିଆ ବନ୍‌ଛୋରଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ଦକ୍ଷତା ବିକାଶ, ସୂଚନା ଓ ପ୍ରସାରଣ ସହ ବିଭିନ୍ନ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ରାଜପୁତ କ୍ଷତ୍ରୀୟ ପାଇକ ସମାଜ ପଶ୍ଚିମ ମଣ୍ଡଳର ନୂତନ ଭବନ ଉଦ୍‌ଘାଟିତ




**ଜୁନାଗଡ଼, ୧୫ ।୭ (ସମିସ):** ଜୁନାଗଡ଼ ବ୍ଲକ ଷ୍ଟେସନ୍‌ରୋଡ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଭାଇଁରୀଗୁଡା ରାଜପୁତ କ୍ଷତ୍ରୀୟ ପାଇକ ସମାଜ ପଶ୍ଚିମ ମଣ୍ଡଳର ନୂତନ ସମାଜ ଭବନର ଉଦ୍‌ଘାଟିତ ହୋଇଯାଇଛି । ସମାଜର କୁଳପତି ରଜନୀକାନ୍ତ ବିଷି ଓ ତାଙ୍କ ଧର୍ମପତ୍ନୀ ତୁଳସା ବିଷି ନୂତନ ଭବନକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମାଜର ଯୁବଗୋଷ୍ଠୀ ଖଣ୍ଡା, ଘଣ୍ଟ ଓ ଘୁମୁରା ବାଦ୍ୟ ସହ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ମାଣିକେଶ୍ୱରୀ ମହାବିଦ୍ୟାଳୟ ଥୁ.ରାମପୁରର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ବିଧାୟକ ପ୍ରତିନିଧି ତଥା ଏନ୍‌ଏସି ର ପୂର୍ବତନ ନଗରପାଳ ମହେଶ ସାହୁ, ପୂର୍ବତନ କୁଳପତି ଗୁଣନିଧି ମାଝୀ ଏବଂ ପୂର୍ବତନ କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେସନିଆ ପ୍ରମୁଖ ଉପସ୍ଥିତ ରହିଥିଲେ । ସମାଜର ସାଂସ୍କୃତିକ ବିକାଶ ଓ ସମାଜ ସେବା ଦିଗରେ ଏହି ନୂତନ ଭବନ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ କୃପାସିନ୍ଧୁ ନାଏକ ଓ ଲକ୍ଷ୍ମୀନାରାୟଣ ବଣ୍ଣୁଆ ମଞ୍ଚ ପରିଚାଳନା କରିଥିଲେ ।

## ରଥ ଯାତ୍ରା ପାଇଁ ସହର ସଫାକଲା ସଂକଳ୍ପ ସେବା ସଂଘ



**ସିନାପାଲି, ୧୫ ।୭ (ସମିସ):** ପବିତ୍ର ରଥ ଯାତ୍ରାକୁ ନେଇ ସଂକଳ୍ପ ସେବା ସଂଘ ପକ୍ଷରୁ ସିନାପାଲି ସହରର ବିଭିନ୍ନ ଛକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସିନାପାଲି ସହରର ଜଗନ୍ନାଥ ଛକ, ମାଉସୀ ମନ୍ଦିର ଛକ, ତ୍ରିବେଣୀ ଛକ, ରାବଣ ଛକ, ଗାୟତ୍ରୀ ଛକ, ତହସିଲ ଅଫିସ ଛକ, ଗୁଡ଼ିଆ ଛକ, ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆବର୍ଜନା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗୁଡ଼ିକୁ ସଫା କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ନରେନ୍ଦ୍ର ନାଏକ, ବୁଦ୍ଧଦେବ ମେହେର, ସୂରଜ ମେହେର, ସନୂର୍ଯ୍ୟ ମେହେର, ଦିନେଶ ମେହେର, ବିଦ୍ୟାଧର ସା, ଚିତ୍ତରଞ୍ଜନ ମେହେର, ଲିଳାକର ସା, ଗଣେଶ ମେହେର, ନରେଶ ମାଝୀ, କୁଞ୍ଜବିହାରୀ ବାରିକ, ଲିଙ୍ଗରାଜ ଜଗତ, ସମେତ ଅନେକ ସାମିଲ ଥିଲେ ।

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ନିର୍ଦ୍ଦେଶକଙ୍କ ନୂଆପଡ଼ା ଗସ୍ତ

# ଗୋଧାସ ଜଳପ୍ରପାତରେ ସ୍ପ୍ରିଙ୍ଗସେଡ୍ ବିକାଶ ଉପରେ ଗୁରୁତ୍ୱ

**ନୂଆପଡ଼ା, ୧୫ ।୭ (ସମିସ)**



ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ (ଏସ୍.ସି. ଆଣ୍ଡ ୱାଟରସେଡ୍ ଡେଭେଲପମେଣ୍ଟ) ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦୁଇଦିନିଆ ଗସ୍ତରେ ଆଜି ନୂଆପଡ଼ା ଜିଲ୍ଲାରେ ପହଞ୍ଚିଛନ୍ତି । ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ, ଜଳବିଭାଜିକା ବିକାଶ ଏବଂ ପ୍ରାକୃତିକ ସମ୍ପଦର ସ୍ଥାୟୀ ପରିଚାଳନା କ୍ଷେତ୍ରରେ ଚାଲିଥିବା କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଗସ୍ତ ଅବସରରେ ଉପନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ (ୱାଟରସେଡ୍), ନୂଆପଡ଼ା ସନ୍ତୋଷ କୁମାର ରଥଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ବିଭାଗ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା, ସମୟବଦ୍ଧ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରରେ ଅଧିକ ପ୍ରଭାବଶାଳୀ ଫଳାଫଳ ହାସଲ ପାଇଁ ନିର୍ଦ୍ଦେଶକ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଜିଲ୍ଲାପାଳ ମଧ୍ୟ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକୁ ଜନହିତଦୃଷ୍ଟିରୁ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକପରେ ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଓ ଜିଲ୍ଲାପାଳ ନୂଆପଡ଼ା ବ୍ଲକ ଅଧୀନ ସାରାବଙ୍ଗ ପଞ୍ଚାୟତର ଭୈଷିମୁଣ୍ଡି ଗ୍ରାମରେ କୃଷକ ଆନନ୍ଦରାମ ପଟେଲଙ୍କ ଆମ୍ବ ବଗିଚା ପରିଦର୍ଶନ କରିଥିଲେ । ସେଠାରେ ଆମ୍ବ ଚାରାରୋପଣ କରିବା ସହ ବଗିଚାର ବିକାଶ, ମୃତ୍ତିକା ସଂରକ୍ଷଣ ଓ ଜଳର ସୁପରିଚାଳନା ମାଧ୍ୟମରେ ଉଦ୍ୟାନ କୃଷିର ସମ୍ଭାବନାକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ । ଏହାପରେ ଶ୍ରୀ ପଣ୍ଡା ଓ ଜିଲ୍ଲାପାଳ ନୂଆପଡ଼ା ବ୍ଲକ ଅଧୀନ ଭରୁଆମୁଣ୍ଡା ପଞ୍ଚାୟତର ଲୋଦ୍ରା ଗ୍ରାମସ୍ଥିତ ଗୋଧାସ ଜଳପ୍ରପାତ ପରିଦର୍ଶନ କରି ସମ୍ଭାବ୍ୟ ସ୍ପ୍ରିଙ୍ଗସେଡ୍ ବିକାଶ ପ୍ରକଳ୍ପ ପାଇଁ ସ୍ଥଳ ଯାଞ୍ଚ କରିଥିଲେ । ପ୍ରାକୃତିକ ଜଳଉତ୍ସର ସଂରକ୍ଷଣ, ଭୂତଳଜଳର ପୁନଃଭରଣ ଏବଂ ସ୍ଥାୟୀ ଜଳ ପରିଚାଳନା ନିମନ୍ତେ ଉକ୍ତସ୍ଥାନରେ ସ୍ପ୍ରିଙ୍ଗସେଡ୍ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଜଳବିଭାଜିକା ନିର୍ଦ୍ଦେଶକଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା, ପ୍ରାକୃତିକ ସମ୍ପଦର ବୈଜ୍ଞାନିକ ପରିଚାଳନା ଏବଂ ଜଳବିଭାଜିକା ବିକାଶ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବାଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି ।

# ବିରାଟ କେଶରୀ ପ୍ରଧାନ ସ୍ମାରକୀ ଛାତ୍ରବୃତ୍ତି

**ବଲାଙ୍ଗିର,୧୫ ।୭ (ସମିସ):** ମନୋହରପୁରସ୍ଥିତ ପୁଲିସ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସ୍ମୃତିରେ ସ୍କୁଲ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବାଧିକ ସ୍କୋର କରିଥିବା ସ୍କୁଲର ସୁଶ୍ରୀ ମନୀଷା ମିଶ୍ର, କିରଣ ସାହୁ ଏବଂ ରିତିକ ରାଜୁ ମହାକୁଡଙ୍କୁ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କଲାରସିପ୍ ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ସରୋଜ ମାଝୀ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନଙ୍କ ସ୍ମୃତିଚାରଣ କରାଯାଇଥିଲା ।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକ

**ମୁରିବାହାଲ,୧୫ ।୭ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ସଦର ମହାକୁମାରେ ଗୋପବନ୍ଧୁ ଯୁବକ ସଙ୍ଘ ପକ୍ଷରୁ ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକୀ ଅତି ନିରାଡ଼ମ୍ବର ଭାବେ ପାଳନ କରାଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭ ସଙ୍ଘର ବରିଷ୍ଠ ସଦସ୍ୟ ଶାନ୍ତରାମ ପଧାନ ଓ ଶ୍ରୀପତି ସାଣ୍ଟ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ସଙ୍ଘର ସମ୍ପାଦକ ଜିତେନ୍ଦ୍ରିୟ ଭୋଇଙ୍କ ସମେତ ଯୁଧିଷ୍ଠିର ବଘାର, ଯଦୁପତି ଅଗସ୍ତି, ତପନ ବଘାର, କୁଞ୍ଜବିହାରୀ ଯୋଶୀ, ମକୁନ୍ଦ ପଧାନ, ଅନ୍ତରାମ ପଧାନ, ନିରାକାର ବଘାର, ଅଜିତ ତରିଆ, ପ୍ରଶାନ୍ତ ମାହାର, ଅବିନାଶ ଭୋଇ, ଲଳିତ ବଘାର, ବାଳଗୋପାଳ ବଘାର, ମଣ୍ଟୁ ପୁଟେଲ, ଉମାକାନ୍ତ କର୍ମୀ, ସ୍ୱାଧୀନ ବଘାର ଓ କୁନୁ ପଧାନ ପ୍ରମୁଖ ଉପସ୍ଥିତ ରହି ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଆଦର୍ଶ ଓ ସମାଜସେବାକୁ ସ୍ମରଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅନ୍ତରାମ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଆସ୍ଥା ନାଁରେ ରାଜନୀତି, ଭେଟି ନାଁରେ ଲୁଟ୍ କରୁଛି ବିଜେପି’

**ପାଟଣାଗଡ଼,୧୫ ।୭ (ସମିସ):** ରାମମନ୍ଦିରରେ ଚାନ୍ଦା ଚୋରି ଘଟଣାକୁ ନେଇ ବୁଧବାର ଜିଲ୍ଲା କଂଗ୍ରେସ ଉପସଭାପତି ଅଜିତ ପୁରୋହିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ ବର୍ଷିଛନ୍ତି । ବିଜେପି ଆସ୍ଥା ନାମରେ ରାଜନୀତି କରିବା ସହ ଭେଟି ନାମରେ ଲୁଟ୍ କରୁଛି । ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏହି ଟ୍ରଷ୍ଟ ଗଠନ ସତ୍ତ୍ୱେ ଏହି ଦୁର୍ନୀତି ପାଇଁ କିଏ ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ସବୁ ସ୍ୱଚ୍ଛ ଥିଲା ତେବେ ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା କାହିଁକି ଗ୍ରହଣ କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ ପାଇଁ ବିଜେପି ସରକାର କାହିଁକି ଭୟ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଘଟଣାରେ ପ୍ରଧାନମନ୍ତ୍ରୀ କାହିଁକି ନିରବ ରହିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି । ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଉ । ଶ୍ରୀ ରାମ ଜନ୍ମ ଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତୁରନ୍ତ ଭଙ୍ଗ କରାଯାଉ । ଦାନ ଓ ଭେଟିର ସମ୍ପୂର୍ଣ୍ଣ ଫରେନ୍ସିକ ଅଡିଟ କରାଯାଉ ବୋଲି ସେ ଦାବି କରିଛନ୍ତି । ଜିଲ୍ଲା ସମ୍ପାଦକ ଉମାକାନ୍ତ ବିଶି, ଜିଲ୍ଲା ସମ୍ପାଦକ ନରୋତ୍ତମ ସିଂ, ବ୍ଲକ ସାଧାରଣ ସମ୍ପାଦକ ବସୁଦେବ ଦେହୁରୀ, ନଗର ସଭାପତି ବିଦ୍ୟାଧର ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏଲ୍‌ଓ- ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ

**ବୌଦ୍ଧ,୧୫ ।୭ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଯାଇଛି । ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀର ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜରମାନଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅତିରିକ୍ତ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ବୌଦ୍ଧ ତହସିଲଦାର ଅନୀତା ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ମନସିତ ସ୍ୱରୂପ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ୮୫-କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜରମାନଙ୍କୁ ଉପଜିଲ୍ଲାପାଳ ବିନୟ ଭୋଇ ଏବଂ କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ହରଭଙ୍ଗା ବ୍ଲକ୍‌ରେ ମଧ୍ୟ ଏହି କର୍ମଶାଳା ଆୟୋଜିତ ହୋଇଥିଲା ।

# ପ୍ରେମିକାକୁ ମାରିବାକୁ ଆସି ନିଜେ ମଲା ପ୍ରେମିକ

**ବଲାଙ୍ଗିର,୧୫ ।୭ (ସମିସ):** ବେଲପଡାରେ ପ୍ରେମ ସଂପର୍କକୁ ନେଇ ଆକ୍ରମଣ ପ୍ରତିଆକ୍ରମଣ ହୋଇଛି । ପାଲଟା ଆକ୍ରମଣରେ ପ୍ରେମିକଙ୍କ ମୃତ୍ୟୁ ଘଟିଛି । ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିବା ଯୁବକ ନିଜେ ହତ୍ୟାର ଶିକାର ହୋଇଛି । ବେଲପଡା ଅଞ୍ଚଳର ଜଣେ ମହିଳା ୧୦ ବର୍ଷ ତଳେ ମୁରିବାହାଲ ବ୍ଲକ୍ ଅନ୍ତର୍ଲାରେ ବିବାହ କରିଥିଲେ । ବିବାହ ପରେ ତାଙ୍କ ସ୍ୱାମୀ ଗାଁର ମୁନା ବେହେରା ନାମକ ଜଣେ ଯୁବକଙ୍କ ସହ ମିଶି ଏକ କୁକୁଡା ଫାର୍ମ ଆରମ୍ଭ କରିଥିଲେ । ଏହି କୁକୁଡା ଫାର୍ମରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା । ତେବେ କୌଣସି କାରଣକୁ ନେଇ ଗତ କିଛି ମାସ ତଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ମୁନାଙ୍କ ଆକ୍ରମଣରେ ମହିଳା ଜଣକ ଆହତ ହୋଇଥିଲେ । ଏହି ଘଟଣା ପରେ ମହିଳା ଜଣକ ନିଜ ନାବାଳିକା ଝିଅକୁ ଧରି ବେଲପଡା ଚାଲିଆସିଥିଲେ । ଏହାର କିଛି ଦିନ ପରେ ମୁନା ୩ ଜଣ ସହଯୋଗୀଙ୍କ ସହ ମିଶି ବେଲପଡା ଆସିଥିଲେ । ସେ ମା’-ଝିଅଙ୍କୁ ନେବା ବାହାନାରେ ଆସିଥିବା ବେଳେ ମହିଳା ଜଣକ ଲୁଚିଯାଇଥିଲେ । ଝିଅକୁ ନେଇ ସେ ପଳାଉଥିବା ବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରିଥିଲେ । ଏହି ଘଟଣାରେ ଜଣେ ଗିରଫ ହୋଇଥିବା ବେଳେ ମୁନା ଫେରାର ହୋଇଯାଇଥିଲା । ଏହାପରେ ମୁନା ମହିଳାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ କରିଥିଲା । ଏଥିସହ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲା । ତେବେ ବୁଧବାର ମୁନା ପୁଣି ବେଲପଡା ଆସି ମହିଳା ଓ ତାଙ୍କ ନାବାଳିକା ଝିଅକୁ ଛୁରାରେ ଆକ୍ରମଣ କରିଥଲା । ଏହାକୁ ନେଇ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ମୁନା ଧରିଥିବା ଛୁରାରେ ମହିଳା ଜଣକ ପାଲଟା ଆକ୍ରମଣ କରିଥିବା ଆଲୋଚନା ହେଉଛି । ଏହି ଘଟଣାରେ ୩ ଜଣ ଆହତ ହୋଇଥିଲେ । ଆହତ ମୁନା, ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଗୁରୁତର ଅବସ୍ଥାରେ ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଅଣାଯାଇଥିଲା । ଡାକ୍ତରଖାନାରେ ମୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଦେଶୀ ପିସ୍ତଲ୍ ସହ ଯୁବକ ଗିରଫ

**ଜହ୍ନାପଙ୍କ,୧୫ ।୭ (ସମିସ):** ବୌଦ୍ଧ ଥାନା ପୁଲିସ ଖଲିଆପାଲି ଛକ ନିକଟରେ ଯାନବାହନ ଯାଞ୍ଚ କରିବା ସମୟରେ ଏକ ଦେଶୀ ପିସ୍ତଲ୍ ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଅନୁଗୋଳ ଜିଲ୍ଲା କିଆକଟା ଥାନା ଅଧୀନ ବାରେଣୀ ଗାଁର ଯଶବନ୍ତ କହଁର (୨୪) । ସେ ଏକ ବାଇକ୍‌ରେ ଯାଉଥିବାବେଳେ ପୁଲିସ ଅଟକାଇ ଥିଲା; ହେଲେ ସେ ଖସି ପଳାଇବାକୁ ଚେଷ୍ଟା କରିଥିଲା । ଏଣୁ ପୁଲିସର ସନ୍ଦେହ ବଢିଥିଲା । କାବୁ କରିବା ପରେ ପୁଲିସ ଯାଞ୍ଚ କରିଥିଲା । ଏହି ସମୟରେ ତା’ ପାଖରୁ ଦେଶୀ ପିସ୍ତଲ ମିଳିଥିଲା । ପୁଲିସ ତାକୁ ଗିରଫ କରିବା ସହ ବାଇକ୍ ଓ ପିସ୍ତଲ ଜବତ କରିଛି ।

# ଘଣ୍ଟାପଡ଼ାରେ ଆପ୍‌ର ସାଂଗଠନିକ ବୈଠକ

**ଶଗଡ଼ା/କନ୍ଧମାଳ,୧୫ ।୭ (ସମିସ):** ଦିଲ୍ଲୀରୁ ପଲ୍ଲୀ ସାଂଗଠନିକ ଅଭିଯାନ ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲା କନ୍ଧମାଳ ନିର୍ବାଚନ ମଣ୍ଡଳୀକୁ ଆମ ଆଦମୀ ପାର୍ଟି ପ୍ରବେଶ କରିଛି । ବୁଧବାର ଆପ୍ କନ୍ଧମାଳ ବିଧାନସଭାର ସଭାପତି ପାଣ୍ଡବ କହଁରଙ୍କ ନେତୃତ୍ୱରେ ଘଣ୍ଟାପଡ଼ାରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କୁ ସ୍ୱାଗତ କରି ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀ ମହାପାତ୍ର ଯୋଗଦେଇ ତୃଣମୂଳ ସ୍ତରରୁ ଦୁର୍ନୀତି, ଭ୍ରଷ୍ଟାଚାର ମୁକ୍ତ କରିବାକୁ ପଡିବ ବୋଲି ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଗାଁ ଗାଁର ସମସ୍ୟା ସମାଧାନ କରିବାକୁ ପ୍ରୟାସ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଲୋକଙ୍କ ଭାବନାରେ କେବଳ ଆପ୍ ହିଁ ବିକଳ୍ପ ସରକାର ବୋଲି ଉପସ୍ଥିତ ଲୋକଙ୍କୁ ଆହ୍‌ୱାନ ଦେଇଥିଲେ । ସେହିପରି ରାଜ୍ୟ ସଂପାଦକ କଲ୍ୟାଣ ଆନନ୍ଦ, ବଲାଙ୍ଗିର ଲୋକସଭା ପ୍ରଭାରୀ ଆଶିଷ ପାଣ୍ଡେ, କନ୍ଧମାଳ ଲୋକସଭା ପ୍ରଭାରୀ ଜର୍ବାସ ଦିଗାଳ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଉପରେ ବର୍ଷିଥିଲେ ।

# ବିଜେଡ଼ି ନେତାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି,୧୫ ।୭ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ଜନ୍ମ ଦିନ ବୁଧବାର ନିଆରା ଢଙ୍ଗରେ ପାଳନ କରାଯାଇଛି । ତାଙ୍କ ସମର୍ଥକ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ପରିସରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଶ୍ରୀ ମାଝୀ ଓ ତାଙ୍କ ପତ୍ନୀ ବିଜେଡ଼ି ନେତ୍ରୀ ନିରୁପମା ମାଝୀ ଶିବିରକୁ ଉଦ୍‌ଘାଟନ କରିଥିଲେ । ପରେ ଶ୍ରୀ ମାଝୀ କଣ୍ଟାବାଞ୍ଜି ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଏହା ସହ ସହରର ଅନେକ ସ୍ଥାନରେ ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ବରିଷ୍ଠ ନେତା ଶ୍ରୀଧର ମାଝି, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ଦେବାର ବାରିକ, ଅନୁପ ଖୁରା, ଯୁବ ସାମ୍ବାଦିକ ମୋହନ ସୁନା, ବିଜେଡ଼ି ନେତ୍ରୀ ପିଙ୍କି ଖର୍ସେଲ, ସଚିନ୍ ହଂସ, ଦୀପକ ଗିଭେଲା, ଦେବରାଜ ଯାଦବ, ଆଶାଦୁଲା ଖାଁ, ବିଷ୍ଣୁ ଜୁଏଡ, ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# ୬୬ତମ ରାଜ୍ୟ ସବ ଜୁନିଅର ଏବଂ ଜୁନିଅର ସନ୍ତରଣ ପ୍ରତିଯୋଗିତା ପାଇଁ ୧୯ ଖେଳାଳି ମନୋନୀତ

**ବଲାଙ୍ଗିର,୧୫ ।୭ (ସମିସ):** ୬୬ତମ ରାଜ୍ୟ ସବ ଜୁନିଅର ଏବଂ ଜୁନିଅର ସନ୍ତରଣ ପ୍ରତିଯୋଗିତା ପାଇଁ ବଲାଙ୍ଗିରର ୧୯ ଖେଳାଳି ମନୋନୀତ ହୋଇଛନ୍ତି । ଏମାନେ ହେଲେ ଦୟାସାଗର କଠାର, ସୋମନାଥ ପୁଟେଲ, ଆୟୁଷରଞ୍ଜନ ଭୁକ୍ତା, ପ୍ରିୟାଂଶୁ ପ୍ରିତମ ପୁରୋହିତ, ସ୍ୱାଗତ ସେଠ, ସମ୍ରାଟ ଗଡତିଆ, ଶ୍ରାବଣ ସେଠ, ମାଣିକେଶ ନାଏକ, ଆଦ୍ୟାଂଶ ପଣ୍ଡା, ରବୀନ୍ଦ୍ର ବେହେରା, ରାଜକୁମାର ସେଠି, ରାଜଦୀପ ଶାଣ୍ଡେ, ଶକ୍ତିରାଜ ଗଡତିଆ, ଅକ୍ଷିତା ରାଣୀ ସାହୁ, ନୀଳାଦ୍ରି ସାହୁ, ସୌରଭ ପୁଟେଲ, ପ୍ରେମ ପ୍ରକାଶ ପ୍ରଧାନ, ଡୋଲାମଣୀ ଗଡତିଆ, ସୌମ୍ୟ ରଞ୍ଜନ ବିଶ୍ୱାଳ । ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ସନ୍ତରଣ ଗାରରେ ଅନୁଷ୍ଠିତ ଜିଲ୍ଲା ସନ୍ତରଣ ପ୍ରତିଯୋଗିତାର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଏହି ୧୯ ଜଣ ଖେଳାଳି ୬୬ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ୨୦ରୁ ୨୨ ଜୁଲାଇ ଯାଏ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୬୬ତମ ରାଜ୍ୟ ସବ ଜୁନିଅର ଏବଂ ଜୁନିଅର ସନ୍ତରଣ ପ୍ରତିଯୋଗିତାରେ ଏମାନେ ସାମିଲ ହେବେ । ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପରାଶର ବାଗ, ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ନରେଶ ପ୍ରଧାନ, ସୁରେଶ ପ୍ରଧାନ, ଶୈଳେନ୍ଦ୍ରି ବର୍ଗତି, ସୀମା ରାଉତ ତରୁଣ ସେଠ, ଦେବୀଦତ୍ତ ଘିବେଲା, ପୂର୍ଣ୍ଣଚନ୍ଦ୍ର ବିଶି ଏମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।






# ୧୫ଦିନ ହେଲା ଅନ୍ଧାରରେ ୧୫ ପରିବାର

**ଶଗଡା,୧୫ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗୋଛା ପଞ୍ଚାୟତ ଚିଙ୍ଗରାପାଲି ଗ୍ରାମରେ ୧୫ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଛି । ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଗଳି ପଡିଛି । ଏଣୁ ବିଦ୍ୟୁତ୍ ନ ଥିବାରୁ ଗାଁ ରେ ୧୫ପରିବାର ଅନ୍ଧାରରେ ରହୁଛନ୍ତି । ଗରମ ସହ ବିନା ବିଦ୍ୟୁତରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ବିଦ୍ୟୁତ୍ ନ ଥିବାରୁ ଛାତ୍ର ଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି । ରାତିରେ ବିଦ୍ୟୁତ୍ ନ ଥିବାରୁ ଗରମ ସହ ମଶା କାମୁଡାରେ ଲୋକେ ଅତିଷ୍ଠ ହେଉଛନ୍ତି । ରାତିରେ ଚୋରି, ଡକାୟତିର ମଧ୍ୟ ଆଶଙ୍କା ଦେଖାଦେଇଛି । ନୂଆ ଟ୍ରାନ୍ସଫର୍ମ ଲଗାଇବା ପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# କୁଖ୍ୟାତ ଅପରାଧୀ ବିଦେଶୀ ମହଲା ଗିରଫ


## ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ

**ବଲାଙ୍ଗିର,୧୫ ।୭ (ସମିସ):** ବଲାଙ୍ଗିର ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ଚାଲିଥିବା ପାଟ୍ରୋଲିଂ ସମୟରେ ଲକ୍ଷ୍ମୀପୋର ଥାନା ପୁଲିସ ଜଣେ କୁଖ୍ୟାତ ଅପରାଧୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀପୋର ଥାନା ଅଧୀନ ଚଟିଆପାଲି ଅଞ୍ଚଳର ବିଦେଶୀ ମହଲା (୫୦) । ବଲାଙ୍ଗିର ସଦାଇପାଲି ରାସ୍ତାର ସରକାରୀ ଆଇଟିଆଇ ନିକଟରୁ ପୁଲିସ ତାକୁ କାବୁ କରିଛି । ତା’ ନିକଟରୁ ଏକ ବେଆଇନ ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି । ମଙ୍ଗଳବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ବୁଲୁଥିବା ବିଦେଶୀକୁ ଅଟକାଇ ଯାଞ୍ଚ କରାଯାଇଥିଲା । ତଲାସି ବେଳେ ତା’ ନିକଟରୁ ବେଆଇନ ପିସ୍ତଲ ସହ ଦୁଇ ରାଉଣ୍ଡ ଗୁଳି ମିଳିଥିଲା । ପରେ ପୁଲିସ ଅଭିଯୁକ୍ତକୁ ଥାନାକୁ ନେଇ ପଚରାଉଚରା କରିଥିଲା । ବିଦେଶୀ ବିରୋଧରେ ବିଭିନ୍ନ ଥାନାରେ ୫ଟି ଆପରାଧିକ ମାମଲା ରହିଛି । ସେଥିମଧ୍ୟରୁ ବଲାଙ୍ଗିର ଟାଉନ ଥାନାରେ ହତ୍ୟା ଉଦ୍ୟମ ଓ ଲୁଟ୍ ସମ୍ବନ୍ଧୀୟ ୩ଟି ମାମଲା ଥିବାବେଳେ ପୁଇଁନ୍ତଲା ଓ ଲୋଇସିଂହା ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି । ତେବେ ଏହି ଘଟଣାକୁ ନେଇ ଲକ୍ଷ୍ମୀପୋର ଥାନାରେ ଅସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ବେଆଇନ ଅସ୍ତ୍ରର ଉତ୍ସ ଓ ଅନ୍ୟାନ୍ୟ ସମ୍ପୃକ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ଲକ୍ଷ୍ମୀପୋର ଥାନାଧିକାରୀ ସୂଚନା ଦେଇଛନ୍ତି ।


















# ଇରାନ ଉପରେ ୯୦ ମିନିଟ୍ ଧରି ବୋମାମାଡ଼

ତେହେରାନ, ୧୫।୭ (ଏଜେନ୍ସି): ଆମେରିକା-ଇରାନ ମଧ୍ୟରେ ସାମରିକ ସଂଘର୍ଷ ମଧ୍ୟରେ ବୁଧବାର ଆମେରିକା ସେନା ଇରାନର ବିଭିନ୍ନ ସାମରିକ ଘାଟି ଉପରେ ୯୦ ମିନିଟ୍ ଧରି ପ୍ରଚଣ୍ଡ ବିମାନ ଆକ୍ରମଣ କରିଥିବା ସୂଚନା ମିଳିଛି। ଏହାପରେ ଆମେରିକା ପକ୍ଷରୁ ଇରାନ ଉପରେ ପୁଣି ଥରେ ନୌସେନା ଅବରୋଧ ଜାରି କରାଯାଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ବୁଧବାର ଅପରାହ୍ଣରେ ଏହି ନୂତନ ପର୍ଯ୍ୟାୟ ଆକ୍ରମଣ ହୋଇଥିଲା। ଆମେରିକା ସେନା ବିଶେଷ କରି ଗ୍ରେଟର ଟୁନ୍ବ ଦ୍ୱୀପରେ ଥିବା ଇରାନର ଉପକୂଳ ପ୍ରତିରକ୍ଷା ବ୍ୟବସ୍ଥା ଏବଂ କ୍ରୁଜ୍ ମିସାଇଲ୍ ସଂରକ୍ଷଣ କେନ୍ଦ୍ରଗୁଡ଼ିକ ଉପରେ ନିର୍ଭୁଲ ଭାବେ ମିସାଇଲ ମାଡ଼ କରିଛି। ହର୍ମୁଜ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଇରାନର ଆକ୍ରମଣ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି। ଗତ ୪ ରାତି ଧରି ଆମେରିକା କ୍ରମାଗତ ଭାବେ ଇରାନ ଉପରେ ଆକ୍ରମଣ ଜାରି ରଖିଛି। ଏହି ଉତ୍ତେଜନା ପରେ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ୧୪ ସୂତ୍ରୀ ଶାନ୍ତି ବୁଝାମଣା ଏବେ ପ୍ରଭାବହୀନ ହୋଇପଡ଼ିଛି। ଇରାନ ପକ୍ଷରୁ ଦାବି କରାଯାଇଛି ଯେ, ଆମେରିକାର ଏହି ଆକ୍ରମଣରେ ୩୦ରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ, ଇରାନର ରିଭୋଲ୍ୟୁସ୍ନାରୀ ଗାର୍ଡ (ଆଇଆର୍‌ଜିସି) କୁଏତ ଏବଂ ବାହାରିନରେ ଥିବା ଆମେରିକା ଘାଟିକୁ ଲକ୍ଷ୍ୟ କରି ମିସାଇଲ୍ ମାଡ଼ କରିଥିବା ସୂଚନା ମିଳିଛି।

# ପୁଲିସର ଅମାନୁଷିକତା: ସାହାଯ୍ୟ ପାଇଁ ଚିତ୍କାର କରୁକରୁ ଚାଲିଗଲା ପ୍ରାଣ

ଗାଜିଆବାଦ, ୧୫।୭ (ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦରୁ ପୁଲିସର ଚରମ ଅବହେଳା ଓ ଅମାନୁଷିକତାର ଏକ ଦୁଃଖଦାୟକ ଖବର ସାମ୍ନାକୁ ଆସିଛି। ଜଣେ ୨୨ ବର୍ଷୀୟ ଯୁବକ ପୁଲିସ ବୁଥ୍ ସମ୍ମୁଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାହାଯ୍ୟ ପାଇଁ ପ୍ରାୟ ୪୦ ମିନିଟ୍ ଧରି ନେହୁରା ହେବା ପରେ ଶେଷରେ ପ୍ରାଣ ହରାଇଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଯୁବକ ଜଣକ ଛଟପଟ ହେଉଥିବା ବେଳେ ବୁଥ୍‌ରେ ଥିବା ମହିଳା ପୁଲିସ କର୍ମଚାରୀମାନେ ଭୟରେ ନିଜକୁ ଭିତରେ ବନ୍ଦ କରି ରଖିଥିଲେ। ମୃତ ଯୁବକଙ୍କ ନାମ ରାଜକୁମାର ଏବଂ ସେ ଜଣେ ଗାଡ଼ି ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ଅଟୋ ଚାଳକ ସହ ମାତ୍ର କୋଡ଼ିଏ ଟଙ୍କାର ଭଡ଼ାକୁ ନେଇ ବିବାଦ ହେବା ପରେ ସେ ସ୍ଥାନୀୟ ପୁଲିସ ବୁଥ୍‌କୁ ଯାଇଥିଲେ। ସେଠାରେ ଉତ୍ତେଜିତ ଅବସ୍ଥାରେ ବୁଥ୍‌ର କବାଟ ବାଡ଼େଇବା ବେଳେ କାଚ ଭାଙ୍ଗିଯାଇ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ସେଠାରେ ରକ୍ତ ଭିତରେ ପଡ଼ି ରହିଥିଲେ ମଧ୍ୟ ପୁଲିସ ତାଙ୍କୁ ଡାକ୍ତରଖାନା ନେବାକୁ କୌଣସି ସାହାଯ୍ୟ କରିନଥିଲା। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣା ପରେ ମୃତକଙ୍କ ପରିବାର ଏବଂ ଗର୍ଭବତୀ ପତ୍ନୀ ଗଭୀର ଶୋକରେ ଭାଙ୍ଗି ପଡ଼ିଛନ୍ତି। ପୁଲିସର ଏଭଳି ଅମାନୁଷିକ ଆଚରଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି ଏବଂ ପରିବାର ପକ୍ଷରୁ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବି କରାଯାଇଛି।

# ଇଭି ଗାଡ଼ି ଚାର୍ଜିଂ ବେଳେ ଅଗ୍ନିକାଣ୍ଡ; ୨ ମୃତ

ନୋଏଡା, ୧୫।୭ (ଏଜେନ୍ସି): ଉତ୍ତର ପ୍ରଦେଶର ନୋଏଡାସ୍ଥିତ ମାମୁରା ଗ୍ରାମର ଏକ ଆବାସିକ ବିଲ୍ଡିଂରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ବୈଦ୍ୟୁତିକ ଗାଡ଼ି ଚାର୍ଜ ହେଉଥିବା ସମୟରେ ସ୍ପାର୍କ ହେବାରୁ ଏହି ନିଆଁ ଲାଗିଥିବା ପୁଲିସ୍ ସୂଚନା ଦେଇଛି। ଏହି ଦୁର୍ଘଟଣାରେ ଧୂଆଁ ଯୋଗୁଁ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ଗୌତମବୁଦ୍ଧ ନଗରର ଯୁଗ୍ମ ପୁଲିସ କମିଶନର ରାଜୀବ ନାରାୟଣଙ୍କ ସୂଚନା ଅନୁଯାୟୀ, ସେକ୍ଟର ୬୬ ଅନ୍ତର୍ଗତ ଏହି ଚାରି ମହଲା ବିଶିଷ୍ଟ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରର ପାର୍କିଂରେ ପ୍ରଥମେ ନିଆଁ ଲାଗିଥିଲା। ଏହା ପରେ ନିଆଁ ପାର୍କିଂରେ ଥିବା ଅନ୍ୟ ପେଟ୍ରୋଲ ଗାଡ଼ିଗୁଡ଼ିକୁ ବ୍ୟାପିଯାଇଥିଲା ଏବଂ ସମଗ୍ର ବିଲ୍ଡିଂ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଦମକଳ ବାହିନୀର ୭ଟି ଗାଡ଼ି ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୫୦ଟି ପରିବାରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ପ୍ରବଳ ଧୂଆଁ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା ୨ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ବିଲ୍ଡିଂ ମାଲିକ ଓ ଲିଜ୍‌ଧାରୀଙ୍କୁ ଗିରଫ କରିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ପ୍ରଭାବିତଙ୍କୁ ତୁରନ୍ତ ଚିକିତ୍ସା ଓ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଦ୍ୟୁତିକ ଗାଡ଼ି ଚାର୍ଜିଂ ସମୟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଅବହେଳା ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣାର ଅଧିକ ସେସବୁ ତଦନ୍ତ ଜାରି ରହିଛି।

# କେରଳରେ ୩୦ ଲକ୍ଷ ଟଙ୍କାର ନିଶା ଔଷଧ ସହ ଯୁବକ ଗିରଫ

ଥିରୁବନନ୍ତପୁରମ, ୧୫।୭ (ଏଜେନ୍ସି): କେରଳର କୋଲ୍ଲାମ ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଏକ ସ୍ୱତନ୍ତ୍ର ନିଶା ନିରୋଧୀ ଅଭିଯାନରେ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ୬, ୪୦୦ଟି ନିଶାଦାୟକ ପେନ୍‌କିଲର୍ ବଟିକା ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ତିନ୍ତୁ ଜାଭିୟର ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ରାଜ୍ୟରେ ନିଶା କାରବାର ବିରୋଧରେ କେରଳ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ୍ ଥଣ୍ଡର୍' ଅଧୀନରେ ଏହି ଚଢ଼ାଉ କରାଯାଇଥିଲା। ଜବତ କରାଯାଇଥିବା ବଟିକାଗୁଡ଼ିକ ମଧ୍ୟରେ ଥାଇଡଲ୍ ଏବଂ ନାଇଟ୍ରାଜେପାମ୍ ଭଳି ପ୍ରେସକ୍ରିପସନ୍ ଔଷଧ ରହିଛି, ଯାହା ଡାକ୍ତରଙ୍କ ବିନା ପରାମର୍ଶରେ ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। ତଦନ୍ତକାରୀଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ବାହାର ରାଜ୍ୟରୁ ଶସ୍ତାରେ ଏହି ସବୁ ବଟିକା ଆଣି କେରଳରେ ଚଢ଼ା ଦରରେ ବିକ୍ରି କରୁଥିଲା। ଏହି ଘଟଣାରେ ଏକ ଆନ୍ତଃରାଜ୍ୟ ନିଶା କାରବାର ର୍‌ୟାକେଟ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରି ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

# ଇଡି ଭୟରେ ମମତାଙ୍କ ହାତ ଛାଡ଼ିଲେ ମଦନ ମିତ୍ର




କୋଲକାତା, ୧୫।୭ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ବିଶ୍ୱସ୍ତ ତଥା ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ମଦନ ମିତ୍ର ଆଜି ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ବଦ୍ରୋହୀ ଶିବିରରେ ସାମିଲ ହୋଇଛନ୍ତି। ଟିଏମସି ବିଧାୟକ ତଥା ପୂର୍ବତନ ପରିବହନ ମନ୍ତ୍ରୀ ମଦନ ମିତ୍ର ୧୯୯୮ ମସିହାରୁ ଦଳ ଗଠନ ବେଳଠାରୁ ମମତା ବାନାର୍ଜୀଙ୍କ ସହ ରହିଥିଲେ। ତେବେ ପୌରସଂସ୍ଥା ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କ ପରିବାରକୁ ସମନ କରାଯିବାର ଦିନକ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ହାଜର ହେବା ଲାଗି ଇଡି ମଦନଙ୍କ ପତ୍ନୀ ଓ ଦୁଇ ପୁଅଙ୍କୁ ସମନ୍ କରିଥିଲେ।

ତେବେ ମଦନ ମିତ୍ର ଗଣମାଧ୍ୟମକୁ ସୂଚନା ଦେଇ ଦଳର ଏହି ଦୁର୍ଦ୍ଦଶା ପାଇଁ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଦଳ କେବଳ ଅଭିଷେକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି।। ଇଡି ଠାରୁ ମଧ୍ୟ ଅଭି।।ଷେକ ଭୟଙ୍କର ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିର୍ବାଚନରେ ପରାଜୟ ପରେ ଦଳର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ପ୍ରାୟ ୬୦ ଜଣ ବିଦ୍ରୋହୀ ଦଳ ଗଠନ କରିଥିବା ବେଳେ ୨୦ ଜଣ ସାଂସଦ ଅନ୍ୟ ଦଳରେ ସାମିଲ ହୋଇ ଶାସକ ମେଣ୍ଟକୁ ସମର୍ଥନ କରିସାରିଛନ୍ତି।

ଏସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ଇଡି, ସିବିଆଇ ଏବଂ ପୁଲିସ ଭୟ ଦେଖାଇ ତାଙ୍କ ଦଳରେ ବିଭାଜନ ସୃଷ୍ଟି କରୁଛି ବିଜେପି। ଇଡି ଭୟରେ ମଦନ ଏଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଭଳି ବିଭାଜନ କରି ବିଜେପି ଚାହୁଁଛି ତାଙ୍କୁ ହାର୍ଟ ଆଟାକ୍ ହେଉ। କିନ୍ତୁ ବିଜେପି ବିପର୍ଯ୍ୟୟ ଦେଖିବା ପର୍ଯ୍ୟନ୍ତ ସେ ବଞ୍ଚିରହିବେ। ପୁତୁରା ଅଭିଷେକଙ୍କ ସପକ୍ଷରେ ଯୁକ୍ତି କରି ସେ କହିଛନ୍ତି ଯେ କୌଣସି ଧମକ ଆଗରେ ମୁଣ୍ଡ ନୁଆଁଇ ସେ ପରିସ୍ଥିତିର ମୁକାବିଲା କରୁଛନ୍ତି। ଇଡି ଭୟରେ ତାଙ୍କୁ ଛାଡୁଥିବା ନେତାମାନଙ୍କ ପାଇଁ ଅଭିଷେକ କେବଳ ଏକ ବାହାନା। ଅଭିଷେକ କୌଣସି ଭୁଲ କରି ନାହାନ୍ତି ବୋଲି ମମତା କହିଛନ୍ତି।

# ବିଭାଜନ ଭୟ: ଏନ୍‌ଡିଏ ସହ ହାତ ମିଳାଇବେ ପାୱାର



ମୁମ୍ବାଇ, ୧୫।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ସମୀକରଣ ବଦଳିବାକୁ ଯାଉଥିବା ଚର୍ଚ୍ଚା ହେଉଛି। ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି, ଶରଦ ପାୱାର) କେନ୍ଦ୍ର ସରକାରଙ୍କ ବିବାଦୀୟ ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିପାରେ ବୋଲି ସୂତ୍ରରୁ ସୂଚନା ମିଳିଛି। ଗତ ସଂସଦ ଅଧିବେଶନରେ ସମସ୍ତ ବିରୋଧୀ ଦଳ ଏକଜୁଟ ହୋଇ ଏହି ବିଲ୍ ବିରୋଧରେ ତାଙ୍କ ସାଂସଦ ଭୋଟ୍ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଶରଦ ପାୱାରଙ୍କ ଦଳର ବରିଷ୍ଠ ନେତାମାନେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସହ ଏକ ଗୁପ୍ତ ବୈଠକ କରିଛନ୍ତି। ଏହାପରେ ଦଳର ନୂତନ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ଶରଦ ପାୱାରଙ୍କ ଝିଅ ତଥା ସାଂସଦ ସୁପ୍ରିୟା ସୁଲେ କହିଛନ୍ତି ଯେ, ଯଦି କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ସମାନ ଭାବରେ ଶତକଡ଼ା ପଚାଶ ଭାଗ ସଂସଦୀୟ ଆସନ ବୃଦ୍ଧି କରିବାର ଗ୍ୟାରେଣ୍ଟି ଦିଅନ୍ତି, ତେବେ ତାଙ୍କ ଦଳ ଏହି ବିଲ୍‌କୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି।

ନିର୍ଭରଯୋଗ୍ୟ ସତ୍ରରୁ ପ୍ରକାଶ ଯେ ଗତକାଲି ରାତିରେ ଏନସିପିର ଦୁଇ ଗୋଷ୍ଠୀର ନେତା ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି। ଦୁଇ ଗୋଷ୍ଠୀ ଏକାଠି ହେବାକୁ ଯାଉଥିବା ନେଇ ମଧ୍ୟ ଏହି ଘଟଣା ପରେ ଚର୍ଚ୍ଚା ଜୋର ଧରିଛି। ଶରଦଙ୍କ ଗୋଷ୍ଠୀରେ ଲୋକସଭାର ୮ ଏବଂ ରାଜ୍ୟସଭାର ଦୁଇ ଜଣ ସାଂସଦ ଅଛନ୍ତି। ଉଦ୍ଧବ ସେନାର ଜଣେ ନେତା କହିଛନ୍ତି ଯେ ଦିଜ ଦଳରେ ବିଭାଜନ ଭୟରେ ଶରଦ ପାୱାର ଏନଡିଏ ସହିତ ହାତ ମିଳାଇବାକୁ ଯାଉଛନ୍ତି।

ସୂଚନାଯୋଗ୍ୟ ଯେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ଗତ ଅପ୍ରେଲ ମାସରେ ଦୁଇ-ତୃତୀୟାଂଶ ବହୁମତ ନମିଳିବା କାରଣରୁ ଗୃହରେ କାଟ୍ ଖାଇଯାଇଥିଲା। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ସରକାର ପୁନର୍ବାର ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଯାଉଛନ୍ତି।

# କୁଡାନ୍‌କୁଲମ୍ ଆଣବିକ କେନ୍ଦ୍ରରୁ ଗୁପ୍ତ ତଥ୍ୟ ଚୋରି



ଡାର୍କ ୱେବ୍‌ରେ ୧୯ ହଜାରରୁ ଅଧିକ ଫାଇଲ୍ ଲିକ୍!

ଚେନ୍ନାଇ, ୧୫।୭ (ଏଜେନ୍ସି): ଭାରତର ସବୁଠାରୁ ବଡ଼ ଆଣବିକ ବିଦ୍ୟୁତ ପ୍ରକଳ୍ପ 'କୁଡାନକୁଲମ ଆଣବିକ ପାୱାର ପ୍ଲାଣ୍ଟ' ସହ ଜଡ଼ିତ ହଜାର ହଜାର ଗୁପ୍ତ ଫାଇଲ୍ ଚୋରି ହୋଇ ଡାର୍କ ୱେବ୍‌ରେ ପ୍ରକାଶ ପାଇଛି। ଏକ ଆନ୍ତର୍ଜାତୀୟ ସାଇବର ଅପରାଧୀ ଗୋଷ୍ଠୀ ଦ୍ୱାରା ଏହି ବଡ଼ ଧରଣର ଡାଟା ଲିକ୍ କରାଯାଇଥିବା ସୂଚନା ମିଳିଛି, ଯାହା ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ସୂତ୍ର ଅନୁଯାୟୀ, 'ୱାର୍ଲ୍ଡ ଲିକ୍ସ' ନାମକ ଏକ ରାନସମୱେର ଗୋଷ୍ଠୀ ଏହି ତଥ୍ୟଗୁଡ଼ିକୁ ଇଣ୍ଟରନେଟ୍‌ର ଗୋପନୀୟ ଦୁନିଆ ବା ଡାର୍କ ୱେବ୍‌ରେ ପୋଷ୍ଟ କରିଛି। ଲିକ୍ ହୋଇଥିବା ପ୍ରାୟ ୧୯, ୦୦୦ ଫାଇଲ୍ ମଧ୍ୟରେ ପ୍ରକଳ୍ପର କାର୍ଯ୍ୟକାରୀ ନକ୍ସା (ବ୍ଲୁ ପ୍ରିଣ୍ଟ), ଭେଣ୍ଟିଲେସନ୍ ଏବଂ କୁଲିଂ ସିଷ୍ଟମର ବିବରଣୀ, ନିୟନ୍ତ୍ରଣ କକ୍ଷର ଚିତ୍ର, ଯୋଗାଣକାରୀଙ୍କ ତାଲିକା ଏବଂ ଗୁରୁତ୍ୱପୂର୍ଣ୍ଣ ବୈଠକର ବିବରଣୀ ରହିଛି। ଏହି ପ୍ରକଳ୍ପର ଅନ୍ୟତମ ଠିକାଦାର ସଂସ୍ଥା ରିଲାଏନ୍ସ ଗ୍ରୁପ୍ ଏକ ତୃତୀୟ ପକ୍ଷ ଡାଟା ସେଣ୍ଟର ସର୍ଭରରୁ ତଥ୍ୟ ଚୋରି ହୋଇଥିବା କଥା ସ୍ୱୀକାର କରିଛି। ଭାରତୀୟ ସାଇବର ସୁରକ୍ଷା ସଂସ୍ଥା 'ସାର୍ଟ-ଇନ୍' ବର୍ତ୍ତମାନ ଏହି ଘଟଣାର ଗଭୀର ତଦନ୍ତ କରୁଛି। ତେବେ ପରମାଣୁ ରିଆକ୍ଟରର ମୁଖ୍ୟ ବୈଷୟିକ ପ୍ରଣାଳୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସାଇବର ବିଶେଷଜ୍ଞଙ୍କ ଅନୁଯାୟୀ, ଏଭଳି ଗୋପନୀୟ ତଥ୍ୟ ପ୍ରକାଶ ପାଇବା ଦ୍ୱାରା ଶତ୍ରୁପକ୍ଷ ପ୍ରକଳ୍ପର ଦୁର୍ବଳତା ବିଷୟରେ ସହଜରେ ଜାଣିପାରିବେ। କୁଡାନକୁଲମ ଆଣବିକ ପ୍ରକଳ୍ପରେ ଏହା ଦ୍ୱିତୀୟ ସାଇବର ଆକ୍ରମଣ ହୋଇଥିବା ବେଳେ ଏହା ପୂର୍ବରୁ ୨୦୧୯ ମସିହାରେ ମଧ୍ୟ ଏଠାରେ ମାଲୱେର ଆକ୍ରମଣ ହୋଇଥିଲା। ସାଇବର ସୁରକ୍ଷା ମାମଲାରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବାରୁ, ଏହି ଘଟଣା ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ଡିଜିଟାଲ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ସତର୍କ ଘଣ୍ଟି ସଦୃଶ ହୋଇଛି।

# ୱାଙ୍ଗଚୁକ୍ ଗୁରୁତର; ସିଜେପିର ଗଣଅନଶନ



ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଦେଶରେ ଚାଲିଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି କ୍ରମରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିଗତ ପଚିଶ ଦିନ ଧରି ଧାରଣା ଦେଇଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ଆସନ୍ତାକାଲି (୧୬ ତାରିଖ) ସାମୂହିକ ଗଣଅନଶନ ପାଇଁ ଆହ୍ୱାନ ଦେଇଛି। ପ୍ରସିଦ୍ଧ ଶିକ୍ଷାବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ଅଠର ଦିନରେ ପହଞ୍ଚିଥିବା ବେଳେ ତାଙ୍କ ପ୍ରତି ସମର୍ଥନ ଜଣାଇ ଦଳ ଏହି ନିଷ୍ପତ୍ତି ନେଇଛି। ମେଡିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ମେ ମାସରୁ ଆରମ୍ଭ ହୋଇଥିବା ଏହି ବ୍ୟଙ୍ଗାତ୍ମକ ଆନ୍ଦୋଳନ ଏବେ ଏକ ବଡ଼ ରୂପ ନେଇଛି। ଗତ ଜୁନ୍ ୨୮ରୁ ସୋନମ ୱାଙ୍ଗଚୁକ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ନ୍ୟାୟ ପାଇଁ ଏହି ଆନ୍ଦୋଳନରେ ସାମିଲ ହୋଇ ଅନଶନ ଜାରି ରଖିଛନ୍ତି। କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ସୂଚନା ଦେଇଛନ୍ତି ଯେ, ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହେବାରେ ଲାଗିଛି।

ଇଥାନଲ ବିରୋଧୀ ଅଭିଯାନ

# ୪ ୟୁଟ୍ୟୁବରଙ୍କ ବିରୋଧରେ ଏଫ୍‌ଆଇଆର୍

ନାଗପୁର, ୧୫।୭ (ଏଜେନ୍ସି): ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ବିରୋଧରେ ଆପତ୍ତିଜନକ ଓ ବିଭ୍ରାନ୍ତିକର ଭିଡିଓ ପ୍ରସାରଣ କରିବା ଅଭିଯୋଗରେ ୪ ଜଣ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନସରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ଜଣାଶୁଣା ୟୁଟ୍ୟୁବର୍ ତଥା ରାଜନେତା ମନୀଷ କଶ୍ୟପ ମଧ୍ୟ ସାମିଲ ଅଛନ୍ତି। ଭାରତୀୟ ଜନତା ପାର୍ଟିର ସାମାଜିକ ଗଣମାଧ୍ୟମ ଶାଖାର ନାଗପୁର ସହର ସଭାପତି ଶିଶିର ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ନାଗପୁର ସାଇବର ପୋଲିସ ଥାନାରେ ଏହି ମାମଲା ଦାୟର କରାଯାଇଛି। ମନୀଷ କଶ୍ୟପଙ୍କ ବ୍ୟତୀତ ହର୍ଷିତ ରାଠୀ, ଅଙ୍କଲେଶ ଇନଭାତୀ ଏବଂ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ ସରକାରଙ୍କ ଇଥାନଲ ମିଶ୍ରିତ ପେଟ୍ରୋଲ ନୀତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହ ମନ୍ତ୍ରୀଙ୍କ ସମ୍ମାନ ହାନି କରିବାକୁ ଚେଷ୍ଟା କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗଡ଼କରୀଙ୍କ ବିରୋଧରେ ଅଶାଳୀନ ଭାଷା ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପ୍ରଦୂଷଣ କମିବା ସହ ଚାଷୀଙ୍କ ଆୟ ବଢ଼ିବ ବୋଲି ସରକାର ଦାବି କରୁଥିବା ବେଳେ, ଗାଡ଼ିର ଯାନ୍ତ୍ରିକ ଦକ୍ଷତା ଉପରେ ଏହାର ପ୍ରଭାବକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗିରହିଛି। ଏହି ବିବାଦ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସତର୍କବାଣୀ ସଦୃଶ ହୋଇଛି।








# ଅଶାନ୍ତ ପିଓକେ: ମହାଯାତ୍ରା ପୂର୍ବରୁ ସଂଘର୍ଷ; ୧୨ ମୃତ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ସରକାର ବିରୋଧୀ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ମୁଜାଫରାବାଦ୍ ଅଭିମୁଖେ ଜେଏଏସି ପକ୍ଷରୁ ଆୟୋଜିତ ହେବାକୁ ଥିବା ମହାଯାତ୍ରା ପୂର୍ବରୁ ସୁରକ୍ଷାବଳ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ଏହି ହିଂସାରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପାକିସ୍ତାନ ପ୍ରଶାସନ ପକ୍ଷରୁ ଏହି ଆନ୍ଦୋଳନକୁ ଦବାଇବା ପାଇଁ ପ୍ରାୟ ୪, ୦୦୦ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି ଏବଂ ସୀମାନ୍ତ ସହରଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ସାମ୍ବାଦିକମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇ ସେଠାରେ ଅଘୋଷିତ ଗଣମାଧ୍ୟମ ବନ୍ଦ କରାଯାଇଛି। ମୃତକଙ୍କ ମଧ୍ୟରେ ୧୦ ଜଣ ସାଧାରଣ ନାଗରିକ ଏବଂ ୨ ଜଣ ସୁରକ୍ଷାକର୍ମୀ ସାମିଲ ଅଛନ୍ତି। ପିଓକେର ଜନସାଧାରଣ ଦୀର୍ଘ ଦିନ ଧରି ସେମାନଙ୍କର ମୌଳିକ ଅଧିକାର, ମୁଦ୍ରାସ୍ଫୀତି, ସୀମିତ ସୁବିଧା ଏବଂ ପାକିସ୍ତାନ ସରକାରଙ୍କ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଭାରତ ମଧ୍ୟ ପିଓକେରେ ଜନସାଧାରଣଙ୍କ ଉପରେ ହେଉଥିବା ଏଭଳି ଅତ୍ୟାଚାର ଓ ଶୋଷଣକୁ ଦୃଢ଼ ନିନ୍ଦା କରିଛି।















## ସେମିରେ କାମଦେଲାନି ଏମ୍ବାପେ-ଡେମ୍ବେଲେ-ଓଲିସେ-ବାର୍କୋଲାଙ୍କ ଯାଦୁ

# ୟୁରୋପୀୟ ଚାମ୍ପିଅନ ସ୍ପେନ୍‌ଠାରୁ ହାରିଲା ଫ୍ରାନ୍ସ





ଡଲାସ୍,୧୫।୭(ଏଜେନ୍ସି):

ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ୟୁରୋପୀୟ ଚାମ୍ପିଅନ ସ୍ପେନ୍ ଦ୍ୱିତୀୟଥର ଫିଫା ବିଶ୍ୱକପ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ଥାନୀୟ ଡଲାସ ଷ୍ଟାଡିୟମ୍‌ରେ ବୁଧବାର ରାତିରେ ଖେଳାଯାଇଥିବା ଏକତରଫା ପ୍ରଥମ ସେମିଫାଇନାଲ ମୁକାବିଲାରେ ଟାଇଟଲ ଫେବରାଇଟ୍ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ସ୍ପେନ୍। ବିଜୟୀ ଦଳ ପକ୍ଷରୁ ମିକେଲ ଓୟାରଜାବଲ ଓ ପେଡ୍ରୋ ପୋରୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରାଜୟ ସହ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ତୃତୀୟ ଫାଇନାଲ ଖେଳିବାକୁ ଯାଉଥିବା ଫ୍ରାନ୍ସର ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଏଥିସହ ଫ୍ରାନ୍ସ ବିପକ୍ଷରେ ସ୍ପେନ୍‌ର ପ୍ରାଧାନ୍ୟ ଅବ୍ୟାହତ ରହିଛି। ୨୦୧୦ରେ ପ୍ରଥମଥର ଚାମ୍ପିଅନ ହୋଇଥିବା ସ୍ପେନ୍ ରବିବାର ନ୍ୟୁଜର୍ସୀର ମେଟଲାଇଫ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା କିମ୍ବା ଇଂଲଣ୍ଡ ସହ ମୁକାବିଲା ହେବ। ସେହିଭଳି ଏବେ କାଂସ୍ୟ ପଦକ ଲାଗି ଫ୍ରାନ୍ସ ଓ ଦ୍ୱିତୀୟ ସେମିଫାଇନାଲର ପରାଜିତ ଦଳ ମଧ୍ୟରେ ଶନିବାର ଲଢ଼େଇ ହେବ।

ଡଲାସ ଷ୍ଟାଡିୟମ୍‌ରେ ବିଶ୍ୱର ଦୁଇ ଶୀର୍ଷସ୍ଥାନିତ ଦଳ ମଧ୍ୟରେ ଯେପରି ହାଇପ୍ରୋଫାଇଲ ମୁକାବିଲା ହେବ ବୋଲି ଆଶା କରାଯାଉଥିଲା ତାହା ସମ୍ଭବ ହୋଇ ନ ଥିଲା। ଏହି ବିଶ୍ୱକପ୍‌ରେ ଫ୍ରାନ୍ସର କିଲିଆନ୍ ଏମବାପେ, ଓଉସ୍‌ମାନେ ଡେମ୍ବେଲେ, ମାଇକେଲ ଓଲିସେ ଓ ବ୍ରାଡ୍‌ଲୀ ବାର୍କୋଲାଙ୍କୁ ନେଇ ଗଠିତ ଫରୱାର୍ଡ ବାହିନୀକୁ ଅଟକାଇବା କଷ୍ଟକର ବୋଲି ବେଶ ପ୍ରଚାର କରାଯାଇଥିଲା। ସେହିଭଳି ୬ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ ବରଣ କରିଥିବା ସ୍ପେନ୍‌ର ଶକ୍ତି ହେଲା ରକ୍ଷଣଭାଗ ବା ଡିଫେନ୍ସ। ଗତ ଦୁଇଟି ନକ୍‌ଆଉଟ ମୁକାବିଲାରେ ପର୍ତ୍ତୁଗାଲ ଓ ବେଲଜିୟମ୍‌ର ଶକ୍ତିଶାଳୀ ଫରୱାର୍ଡ ବାହିନୀର ମୁକାବିଲା କରି ସ୍ପେନ୍‌ର ଡିଫେନ୍ସ ଆହୁରି ଶକ୍ତିଶାଳୀ ହୋଇଥିବା ଏହି ମ୍ୟାଚ୍‌ରେ ପ୍ରମାଣିତ ହୋଇଥିଲା। ଏପରିକି ପ୍ରଥମାର୍ଦ୍ଧରେ ଫ୍ରାନ୍ସ ନିକଟରେ ୩୮ ଭାଗ ବଲ ନିୟନ୍ତ୍ରଣ ରହିଥିଲେ ମଧ୍ୟ ପ୍ରକୃତପକ୍ଷେ ସ୍ପେନ୍ ଗୋଲ ପୋଷ୍ଟ ଉପରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। ଅନ୍ୟପକ୍ଷରେ ଖେଳର ୨୧ତମ ମିନିଟ୍‌ରେ ଫ୍ରାନ୍ସ ଗୋଲ ଏରିଆରେ ଲାମିନେ ଜମାଲଙ୍କୁ ଡିଫେଣ୍ଡର ଲୁକାସ ଡିଗ୍ନେ ଫାଉଲ ମାରିବାରୁ ସ୍ପେନ୍‌କୁ ପେନାଲ୍ଟି କିକ୍ ସୁଯୋଗ ମିଳିଥିଲା। ଏଥିରେ ଅଭିଜ୍ଞ ଫରୱାର୍ଡ ଖେଳାଳି ମିକେଲ ଓୟାରଜାବଲ ସହଜରେ ଗୋଲ କରି ସ୍ପେନ୍‌କୁ ୧-୦ରେ ଅଗ୍ରଣୀ ଦେଇଥିଲେ। ଏହି ଗୋଲ କେବଳ ସ୍ପେନ୍‌କୁ ଅଗ୍ରଣୀ ଦେବା ସହ ଖେଳାଳିଙ୍କ ମନରେ ମ୍ୟାଚ୍ ଜିତିବାର ଆତ୍ମବିଶ୍ୱାର ଭରିଦେଇଥିଲା। ଏହାପରେ ସ୍ପେନ୍ ଖେଳ ବଦଳିଯାଇଥିଲା ଓ ସେମାନେ ନିଜ ମଧ୍ୟରେ ଏତେ ସୁନ୍ଦର ସମନ୍ୱୟ ରକ୍ଷା କରି ଖେଳିଥିଲେ ଯେ, ବିଶ୍ୱା ଶକ୍ତିଶାଳୀ ଫରୱାର୍ଡ ଲାଇନ୍ ଥିଲେ ମଧ୍ୟ କିଛି କରି ପାରି ନ ଥିଲେ। ପ୍ରଥମାର୍ଦ୍ଧ ପରେ ସ୍ପେନ୍‌ର ଆକ୍ରମଣରେ ତୀବ୍ରତା ବୃଦ୍ଧି ପାଇଥିଲେ ମଧ୍ୟ ଫ୍ରାନ୍ସ ଲଙ୍ଗ ପାସ୍ ଓ ଆଟାକ ଉପରେ ଗୁରୁତ୍ୱ ଦେଇଥିଲେ। ଖେଳର ୫୭ତମ ମିନିଟ୍‌ରେ ସ୍ପେନ୍ ପରୱାର୍ଡ ଖେଳାଳି ଆଲେକ୍ସ ବାଏନାଙ୍କ ସଟ୍‌କୁ ଅଟକାଇ ଦିଆଯାଇଥିଲା। ବଲ୍‌ଟି ଡାନି ଓଲମୋଙ୍କ ନିକଟକୁ ଯାଇଥିଲା ଓ ସେ ଏହାକୁ ପେଡ୍ରୋ ପୋରୋଙ୍କ ପାଖକୁ କ୍ରସ୍ ପାସ୍ ଦେଇଥିଲେ। ଡାହାଣପଟ କର୍ଣ୍ଣରୁ ପୋରୋଙ୍କ ସଟ୍ ଫ୍ରାନ୍ସ ଗୋଲ ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏହା ପରେ ସ୍ପେନ୍ ଖେଳାଳିମାନେ ମ୍ୟାଚ୍ ଜିତିଗଲା ଭଳି ଉତ୍ସବ ପାଳନ କରିଥିଲେ। ଦ୍ୱିତୀୟ ଗୋଲ ଫ୍ରାନ୍ସର ମନୋବଳ ଭାଙ୍ଗିଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସେମାନେ ୩ଟି ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରି ପାରି ନ ଥିଲେ। ସ୍ପେନ୍‌କୁ ମଧ୍ୟ ଆଉ ୨ଟି ସୁଯୋଗ ମିଳିଥିଲେ ମଧ୍ୟ ତାହାକୁ କାମରେ ଲାଗିପାରଲଗାଯାଇ ପାରି ନ ଥିଲା। ଲାମିନେ ଜମାଲଙ୍କ ଗୋଲ ଅଫ୍‌ସାଇଡ ହୋଇଯାଇଥିଲା। ଦ୍ୱିତୀୟ ହାଇଡ୍ରେସନ ବ୍ରେକ୍ ପରେ ଫ୍ରାନ୍ସ ଅସଲ ଖେଳ ଦେଖାଇଥିଲା। କିନ୍ତୁ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ସ୍ପେନ୍‌ର ଗୋଲରକ୍ଷକ ୟୁନାଇ ସାଇମନ୍‌ଙ୍କୁ ଅତିକ୍ରମ କରିବା ମଧ୍ୟ ଫ୍ରାନ୍ସ ଆକ୍ରମଣକାରୀଙ୍କ ଲାଗି ସମ୍ଭବ ହୋଇ ପାରି ନ ଥିଲା। ଗତ ୩ଟି ମୁକାବିଲା ମଧ୍ୟରେ ସ୍ପେନ୍ ୨ଟିରେ ଜିତି ଫ୍ରାନ୍ସକୁ ପଛରେ ପକାଇଦେଇଥିଲା।


## ଫାଇନାଲରେ ହାଫ୍‌ଟାଇମ୍ ଶୋ’ ଅଧଘଣ୍ଟା !

ଡଲାସ୍, ୧୫।୭ (ଏଜେନ୍ସି): ନ୍ୟୁଜର୍ସିର ମେଟଲାଇଫ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ର ଫାଇନାଲରେ ଉଦ୍‌ଯାପନୀ ସମାରୋହ ୨୦ରୁ ୩୦ ମିନିଟ ଯାଏ ଆୟୋଜିତ ହୋଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହି ସମାରୋହ ପୂର୍ବରୁ ହେବ ବୋଲି ଫିଫା ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ସମାରୋହ କୋଲ୍ଡପ୍ଲେ’ର କ୍ରିସ୍ ମାର୍ଟିନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ ସାକିରା, ମାଡୋନା, ଜଷ୍ଟିନ ବିଏବେର, ବୁର୍ଣ୍ଣା ବୟ ଓ ଗୁସ୍ତାଭୋ ଡୁଡାମେଲ ସଂଗୀତ ପରିବେଷଣ କରିବେ। ପିଏସ୍୨୨ କୋରସ୍ ଗ୍ରୁପ୍ ମଧ୍ୟ ଏଥିରେ ଭାଗ ନେବ। ଏବେ ଫୁଟବଲ ଖେଳର ନିୟମ ଅନୁଯାୟୀ ଏହି ସମାରୋହ ୧୫ ମିନିଟ୍ ହେବା କଥା। ରେଫରୀ ଯଦି ଅନୁମତି ଦିଅନ୍ତି ତେବେ ଏହାର ସମୟସୀମା ବୃଦ୍ଧି କରାଯାଇପାରେ। ପୂର୍ବରୁ ଫିଫା ଦ୍ୱାରା ଆୟୋଜିତ ୨୦୨୪ କୋପା ଆମେରିକା ଓ ୱାର୍ଲ୍ଡ କ୍ଲବ୍ ଫୁଟବଲ ଫାଇନାଲରେ ଏହି ସମାରୋହ ୨୦ ମିନିଟ୍ ଧରି ଚାଲିଥିଲା।


ଫାଇନାଲ୍‌ରେ ଟ୍ରଫିକୁ ପଡ଼ିଆକୁ ନେବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଲୁଇସ୍ ଭୁଇଟନ୍ ଟ୍ରଙ୍କ

## ଲାମିନେ ଜମାଲ ତୃତୀୟ ସର୍ବକନିଷ୍ଠ

ଡଲାସ୍,୧୫।୭(ଏଜେନ୍ସି): ଯୁବ ଫରୱାର୍ଡ ଖେଳାଳି ଲାମିନେ ଜମାଲ ଯଦି ଜୁଲାଇ ୧୯ ତାରିଖରେ ଫାଇନାଲ ଖେଳିବାକୁ ମେଟଲାଇଫ୍ ଷ୍ଟାଡିୟମର ପଡ଼ିଆକୁ ଓହ୍ଲାଇବେ ତେବେ ସେ ଫାଇନାଲର ଖେଳିବାରେ ତୃତୀୟ ସର୍ବକନିଷ୍ଠ ଖେଳାଳି ହେବେ। ପୂର୍ବରୁ ବ୍ରାଜିଲର ପେଲେ ସ୍ୱିଡେନ ବିପକ୍ଷ ୧୯୫୮ ଫାଇନାଲରେ ମାତ୍ର ୧୭ବର୍ଷ ୨୪୯ ଦିନରେ ଖେଳି ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯୮୨ରେ ସ୍ପେନ୍‌ର ଅନୁଷ୍ଠିତ ପଶ୍ଚିମ ଜର୍ମାନୀ ବିପକ୍ଷ ଫାଇନାଲରେ ଇଟାଲୀର ଜିଉସେପେ ବେରଗୋମୀ ୧୮ବର୍ଷ ୧୭୪ ଦିନରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଜମାଲ ଫାଇନାଲ ଖେଳିବା ଦିନ ୧୯ବର୍ଷ ୬ ଦିନରେ ପଦାର୍ପଣ କରିବେ। ଫଳରେ ସେ କିଲିଆନ୍ ଏମ୍‌ବାପେଙ୍କୁ ହଟାଇ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିବେ। ୨୦୧୮ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିବା ବେଳକୁ ୧୯ ବର୍ଷ ୨୦୭ ଦିନ ହୋଇଥିଲା।



## ଡେସଚାମ୍ପସଙ୍କ ଯୁଗର ଅବସାନ

### ଫ୍ରାନ୍ସ ଦଳର କୋଚ୍ ଦାୟିତ୍ୱ ନେବେ ଜିଦାନ!

ଡାଲାସ୍, ୧୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ପରାସ୍ତ ହେବା ପରେ ଫ୍ରାନ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ଡିଡିଏର ଡେସଚାମ୍ପସ ନିଜ ପଦରୁ ଅବସର ଘୋଷଣା କରିଛନ୍ତି। ଏଥି ସହ ଫ୍ରାନ୍ସ ଫୁଟବଲ୍‌ରେ ତାଙ୍କର ୧୪ ବର୍ଷର ଏକ ସଫଳ ତଥା ଗୌରବମୟ ଅଧ୍ୟାୟର ଅନ୍ତ ଘଟିଛି। ଦଳର ପରବର୍ତ୍ତୀ ମୁଖ୍ୟ କୋଚ୍ ଭାବେ ଫ୍ରାନ୍ସର କିମ୍ବଦନ୍ତୀ ଖେଳାଳି ଜିନେଡାଇନ ଜିଡାନ ଦାୟିତ୍ୱ ନେବେ। ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ହିଁ ୫୭ ବର୍ଷୀୟ ଡେସଚାମ୍ପସ କୋଚ୍ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୨ ମସିହାରୁ ଫ୍ରାନ୍ସ ଦଳର ଦାୟିତ୍ୱ ସମ୍ଭାଳିଥିବା ଡେସଚାମ୍ପସ ଜଣେ ଖେଳାଳି (୧୯୯୮) ଓ ଜଣେ କୋଚ୍ (୨୦୧୮) ଭାବେ ବିଶ୍ୱକପ୍ ଜିତିବାର ବିରଳ ରେକର୍ଡର ଅଧିକାରୀ। ତାଙ୍କ ପ୍ରଶିକ୍ଷଣରେ ଫ୍ରାନ୍ସ ଦଳ ୨୦୧୮ ଓ ୨୦୨୨ରେ କ୍ରମାଗତ ଦୁଇଟି ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଯେଉଁଥିରେ ଦଳ ୨୦୧୮ରେ ଚାମ୍ପିଅନ ଓ ୨୦୨୨ ରନର୍ସଅପ୍ ହୋଇଥିଲା। ଡେସଚାମ୍ପସଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ମୋଟ୍ ୧୮୪ ମ୍ୟାଚ୍ ଖେଳି ୧୨୦ଟି ବିଜୟ ହାସଲ କରିଛି। ସେହିଭଳି ୨୯ ମ୍ୟାଚରେ ପରାଜୟ ବରଣ କରିଥିବାବେଳେ ୩୫ଟି ଅମୀମାଂସିତ ରହିଛି। କୋଚ ଭାବେ ତାଙ୍କ ବିଜୟ ପ୍ରତିଶତ ୬୫.୨ ଥିଲା। ଫ୍ରାନ୍ସ ଦଳର ପୂର୍ବତନ ଷ୍ଟାର ଖେଳାଳି ଜିନେଡାଇନ ଜିଡାନ ଏବେ ଦଳର ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଅଛନ୍ତି। ପୂର୍ବରୁ ସେ ଫ୍ରାନ୍ସ ଜାତୀୟ ଦଳର କୋଚ୍ ହେବା ପାଇଁ ଅନେକ ଥର ନିଜର ଇଚ୍ଛା ପ୍ରକାଶ କରିଥିଲେ।



# ବିଶ୍ୱକପ୍‌ରେ ସ୍ପେନ୍‌ର କୀର୍ତ୍ତିମାନ

## ୬ଟି ମ୍ୟାଚ୍‌ରେ ଗୋଲ୍‌ବରଣ ନ କରିବାରେ ପ୍ରଥମ ଦଳ

ଡଲାସ୍, ୧୫।୭ (ଏଜେନ୍ସି):

ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପେନ୍ ୨-୦ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ଫ୍ରାନ୍ସର ଶକ୍ତିଶାଳୀ ଫରୱାର୍ଡ ଲାଇନ୍ ଅପ୍ ଥିଲେ ମଧ୍ୟ ସ୍ପେନ୍ ବିପକ୍ଷରେ ଗୋଟିଏ ହେଲେ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଗୋଟିଏ ବିଶ୍ୱକପ୍‌ର ୬ଟି ମ୍ୟାଚ୍‌ରେ ଗୋଲ୍ ବରଣ ନ କରିବାରେ ସ୍ପେନ୍ ବିଶ୍ୱର ପ୍ରଥମ ଦଳ ହୋଇଛି। ସ୍ପେନ୍‌ର ରକ୍ଷଣଭାଗ ଅତି ଦୃଢ଼ ଥିଲାବେଳେ ଏହି ବିଶ୍ୱକପ୍‌ରେ ଦଳ ୭ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ ବରଣ ବେଲଜିୟମ ବିପକ୍ଷ କ୍ୱାର୍ଟର ଫାଇନାଲରେ ବରଣ କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ କେପ୍ ଭର୍ଡ ସହ ଗୋଲଶୂନ୍ୟ ଡ୍ର’ରୁ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସାଉଦି ଆରବକୁ ୪-୦ ଓ ତୃତୀୟ ମ୍ୟାଚ୍‌ରେ ଉରୁଗୁଏକୁ ୧-୦ ଗୋଲରେ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍-୩୨ରେ ଅଷ୍ଟ୍ରିଆକୁ ୩-୦, ରାଉଣ୍ଡ ଅଫ୍ ୧୬ରେ ପର୍ତ୍ତୁଗାଲକୁ ୧-୦ ଗୋଲରେ ପରାସ୍ତ କରିଥିଲା। କ୍ୱାର୍ଟରଫାଇନାଲରେ ପ୍ରଥମ ଗୋଲ ବରଣ କରିବା ପରେ ୨-୧ରେ ବେଲଜିୟମକୁ ହରାଇଥିଲା। ଏବେ ସେମିଫାଇନାଲ୍‌ରେ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରିବା ଫଳରେ ଦଳ ୬ଟି ମ୍ୟାଚ୍‌ରେ ଗୋଲ ବରଣ ନ କରିବାରେ ବିଶ୍ୱକପ୍ ଇତିହାସରେ ପ୍ରଥମ ଦଳ ହେବାର ସୌଭାଗ୍ୟ ଲାଭ କରିଛି।



## ୩୭ଟି ମ୍ୟାଚ୍‌ରେ ହାରିନି ସ୍ପେନ୍

ଡଲାସ୍,୧୫।୭(ଏଜେନ୍ସି): ଏଠାରେ ବୁଧବାର ଖେଳାଯାଇଥିବା ୨୦୨୬ ଫିଫା ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସକୁ ୨-୦ ଗୋଲରେ ହରାଇଥିବା ସ୍ପେନ୍ କ୍ରମାଗତ ୩୭ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପରାଜୟ ବରଣ କରିନାହିଁ। ୨୦୨୪ରୁ ଏଯାଏ ସ୍ପେନ୍ ଅପରାଜେୟ ରହିବା ସହ ଇଟାଲୀର ରେକର୍ଡ ସହ ସମକକ୍ଷ ହୋଇଛି। ଇଟାଲୀ ୨୦୧୮ରୁ ୨୦୨୧ ମଧ୍ୟରେ ଏହି ରେକର୍ଡ କରିଥିଲା। ଏହି ଦୁଇ ଦେଶ ପଛକୁ ଆର୍ଜେଣ୍ଟିନା ୩୬ ମ୍ୟାଚ୍‌ରେ ଅପରାଜେୟ ରହିଥିଲା। ଆଲଜେରିଆ, ସ୍ପେନ୍ (୨୦୦୭ରୁ ୨୦୦୯) ଓ ବ୍ରାଜିଲ କ୍ରମାଗତ ୩୫ଟି ଲେଖାଏଁ ମ୍ୟାଚ୍‌ରେ ଅପରାଜିତ ରହିବାର ରେକର୍ଡ କରିଛନ୍ତି। ସୂଚନାଯୋଗ୍ୟ ପେନାଲ୍ଟି ସୁଟ୍‌ଆଉଟରେ ଫଳାଫଳ ବାହାରିଥିବା ମ୍ୟାଚ୍‌କୁ ଡ୍ର ମ୍ୟାଚ୍ ଭାବେ ବିବେଚନା କରାଯାଇଥାଏ।

## ଏସିଆନ ଜୁନିଅର ଭଲିବଲ୍: କ୍ୱାର୍ଟରରେ ଭାରତ

ଭୁବନେଶ୍ୱର, ୧୫।୭ (ସମିସ): ଚାଇନାର ହାଇକୋଉଠାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆନ ଭଲିବଲ୍ ଚାମ୍ପିଅନସିପ୍‌ରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୩-୨ (୧୬-୨୫, ୨୦-୨୫, ୨୫-୨୦, ୨୫-୨୩, ୧୫-୪) ସେଟରେ ଫିଲିପାଇନ୍ସକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ଭାରତ ୩-୧ ଗୋଲରେ ବାହାରିନକୁ ହରାଇଥିଲା। ଏଥିସହ ଭାରତ ଗ୍ରୁପ୍-ବି’ରେ ଦ୍ୱିତୀୟ ସ୍ଥାନରେ ରହି ନକଆଉଟକୁ ଉନ୍ନୀତ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳରେ ଓଡ଼ିଶାର ଢେଙ୍କାନାଳର ସୌମ୍ୟ ରଞ୍ଜନ ସାମଲ ସ୍ଥାନ ପାଇଛନ୍ତି।















## ବିଶ୍ୱକପ୍‌ରୁ ବିଦା ହେବା ପରେ ଫ୍ରାନ୍ସରେ ଦଙ୍ଗା

**ପ୍ୟାରିସ, ୧୫।୭ (ଏଜେନ୍ସି):** ଫିଫା ବିଶ୍ୱକପ୍‌ରେ ଫ୍ରାନ୍ସର ଯାତ୍ରା ସେମିଫାଇନାଲ୍‌ରେ ଶେଷ ହୋଇଛି। ସେମିଫାଇନାଲ୍‌ରେ ସ୍ପେନ୍ ୨-୦ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛି। ଏପରିକି କାଇଲିଆନ୍ ମ୍ବାପେ ମଧ୍ୟ ସ୍ପେନ୍‌ର ପ୍ରତିରକ୍ଷାକୁ ଭେଦ କରିପାରି ନଥିଲେ, ତିନୋଟି ସୁଯୋଗ ସୃଷ୍ଟି କରିଥିଲେ, କିନ୍ତୁ ଗୋଟିଏ ଗୋଲ ହୋଇପାରି ନଥିଲା। ଫ୍ରାନ୍ସର ଲଜ୍ଜାଜନକ ପରାଜୟ ପରେ, ପ୍ୟାରିସର ରାସ୍ତାଗୁଡ଼ିକ ନିଆଁରେ ଜଳି ଉଠିଲା। ହତାଶ ସମର୍ଥକମାନେ ଚାରିଆଡ଼େ ନିଆଁ ଲଗାଇ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଭାଇରାଲ୍ ଭିଡିଓଗୁଡ଼ିକରେ ରାସ୍ତାଗୁଡ଼ିକ ଜଳୁଥିବା ଏବଂ ଲୋକମାନେ ଦୌଡ଼ୁଥିବା ଦେଖାଯାଉଛି। ପୋଲିସ ମଧ୍ୟ ଭିଡ଼କୁ ଘଉଡ଼ାଇବା ପାଇଁ ଆକାଶରେ ଗୁଳି ଚଳାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ କିଛି ଘଣ୍ଟା ପୂର୍ବରୁ ଏକ ସାମରିକ ପରେଡ୍ ସମୟରେ ଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ। କିନ୍ତୁ ଫ୍ରାନ୍ସର ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ସହିତ, ଜନସାଧାରଣଙ୍କ କ୍ରୋଧ ବୃଦ୍ଧି ପାଇଛି।

## ରେଫରୀଙ୍କ ନିଷ୍ପତ୍ତିରେ ଫ୍ରାନ୍ସ କୋଚ୍ କ୍ଷୁବ୍ଧ

**ଡଲାସ,୧୫।୭(ଏଜେନ୍ସି):** ଫ୍ରାନ୍ସ ଓ ସ୍ପେନ୍ ମଧ୍ୟରେ ଏଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ପରିଚାଳନା କରୁଥିବା ରେଫରୀ ଇଭାନ ବାର୍ଟନଙ୍କ ଏକାଧିକ ନିଷ୍ପତ୍ତିରେ ଫ୍ରାନ୍ସ କୋଚ୍ ଡିଡିୟର ଡେସ୍‌ଚାମ୍ପଙ୍କ ସମେତ ସମର୍ଥକ କ୍ଷୁବ୍ଧ ହୋଇଛନ୍ତି। ସେମିଫାଇନାଲ ମ୍ୟାଚ୍‌ର ୮ମ ମିନିଟ୍‌ରେ ରେଫରୀ ବାର୍ଟନ ତାଙ୍କ ଆବଶ୍ୟକ ଇକ୍ୱିପମେଣ୍ଟ 'ସ୍ପ୍ରେ' ଆଣିବାକୁ ଭୁଲିଯାଇଥିଲେ। ପରେ ଚତୁର୍ଥ ରେଫରୀ ଏହାକୁ ଆଣି ପଡ଼ିଆରେ ଦେବା ପରେ ଫ୍ରି କିକ୍ ମାରୁଥିବା ଖେଳାଳିଙ୍କ ନିକଟକୁ ଯାଇ ଚିହ୍ନ ଦେଇଥିଲେ। ଏଭଳି ତ୍ରୁଟି ଜଣେ ଉଚ୍ଚସ୍ତରର ରେଫରୀଙ୍କ ନିକଟରେ ଖୁବ୍ କମ୍ ଦେଖାଯାଇଥାଏ। ଏହି ଘଟଣା ଉଭୟ ଟିଭି ଓ ରେଡିଓରେ ମ୍ୟାଚ୍‌ର ସିଧାସଳଖ ଧାରାବିବରଣୀ ପ୍ରଦାନ କରୁଥିବା ସଂସ୍ଥା ପକ୍ଷରୁ ସମାଲୋଚନା କରାଯାଇଥିଲା। ଖେଳର ୨୨ତମ ମିନିଟ୍‌ରେ ଲୁକାସ ଡିଗ୍‌ନେ ସ୍ପେନ୍‌ର ଲାମିନେ ଜମାଲଙ୍କୁ ଫାଉଲ ମାରିଥିଲେ ବୋଲି ବାର୍ଟନ ପେନାଲ୍ଟି କିକ୍ ଦେଇଥିଲେ। ଏଥିରେ ଭିଏଆର୍‌ର ସହାୟତା ନିଆଯାଇ ନ ଥିଲା। କିନ୍ତୁ ଡିଗ୍ନେଙ୍କ ଗୋଡ ଯେପରି ଜମାଲଙ୍କ ଦେହରେ ବାଜିଥିଲା, ସେଥିରେ ଫାଉଲ ହେବ ନାହିଁ ବୋଲି ଅନେକ ଅଭିଯୋଗ ଆଣିଛନ୍ତି।

## ଫାଓ ଲିଗ୍; ରାଧା ଗୋବିନ୍ଦ ଓ ସନରାଇଜ ବିଜୟୀ

**ଭୁବନେଶ୍ୱର, ୧୫।୭ (ସମିସ):** ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ୧୪ତମ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଦୁଇଟି ଯାକ ମ୍ୟାଚରେ ଯଥାକ୍ରମେ ରାଧାଗୋବିନ୍ଦ କ୍ଲବ ଓ ସନରାଇଜ ଓଡ଼ିଶା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ରାଧା ଗୋବିନ୍ଦ କ୍ଲବ ୧-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଶୁଭ ବାଗ ୪୭ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ସେହିଭଳି ସନରାଇଜ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରବିନ ଲାକ୍ରାଙ୍କ ଗୋଲ୍ ବଳରେ ସନରାଇଜ ବିଜୟ ଲାଭ କରିଥିଲା।

### ୨୦୨୭ ଦିନିକିଆ ବିଶ୍ୱକପ୍ ଫର୍ମାଟରେ ପରିବର୍ତ୍ତନ

# ପ୍ରଥମଥର ସୁପର ସିରିଜ୍ ଓ ସୁପର ୭

**ଦୁବାଇ,୧୫।୭(ଏଜେନ୍ସି):** ଦିନିକିଆ ବିଶ୍ୱକପ୍‌ରେ ଏକତରଫା ମୁକାବିଲାକୁ ଏଡାଇବା ଓ ପ୍ରତିଦ୍ୱନ୍ଦ୍ୱିତାର ମାନ ବଢ଼ାଇବା ଲାଗି ୨୦୨୭ ସଂସ୍କରଣର ଫର୍ମାଟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ୨୦୨୩ ଓ ୨୦୧୯ରେ ୧୦ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ। ଏଥର ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ୨୦୨୭ରେ ୧୪ଟି ଦଳ ଅଂଶଗ୍ରହଣ କରିବାକୁ ପୂର୍ବରୁ ଆଇସିସି ସ୍ଥିର କରିଥିଲା। ଏବେ ଏହି ୧୪ଟି ଦଳ ମଧ୍ୟରେ ୨୦୨୭ ବିଶ୍ୱକପ୍ ଏକ ଭିନ୍ନ ଫର୍ମାଟରେ ଖେଳାଯିବ। ଏଥିରେ ସୁପର ସିରିଜ୍ ଓ ସୁପର ୭ଟି ଟିମ୍ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତିରେ ମ୍ୟାଚ୍ ଖେଳାଯାଇ ନକ୍‌ଆଉଟ ମୁକାବିଲା ଲାଗି ଟିମ୍ ବଛାଯିବ। ଏପରି ହେବା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନରେ ବୃଦ୍ଧି ହେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିପାରିବ ବୋଲି ଆଇସିସି ଆଶା ପ୍ରକାଶ କରିଛି।

### ପ୍ରଥମଥର ସୁପର ସିରିଜ୍

ପ୍ରଥମଥର ଲାଗି ସୁପର ସିରିଜ୍ ଫର୍ମାଟ ଖେଳରେ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଥିବା ୧୨ରୁ ୧୪ ନମ୍ବର ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ମୁକାବିଲା ହେବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଅନ୍ୟ ୧୨ଟି ଦଳ ସହ ଯୋଗଦେବ।

### ୧୨ଟି ଦଳ, ଦୁଇଟି ଗ୍ରୁପ୍

ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ଦଳ ରହିବେ। ଏହାଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୭'କୁ ଉନ୍ନୀତ ହେବେ। ଦୁଇ ଗ୍ରୁପ୍‌ରୁ ୬ଟି ଦଳ ଏବଂ ଏମାନଙ୍କ ପରେ ଉଭୟ ଗ୍ରୁପ୍‌ରୁ ଗୋଟିଏ ବା ୭ମ ଦଳ ସୁପର ସିରିଜ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିରେ ମୋଟ ୩୦ଟି ମ୍ୟାଚ୍ ଖେଳାଯିବ।

### ସୁପର ସିରିଜ୍ ରାଉଣ୍ଡ ରବିନ

ଦ୍ୱିତୀୟ ପର୍ଯ୍ୟାୟରୁ ୭ଟି ଶ୍ରେଷ୍ଠ ଦଳକୁ ନେଇ ପ୍ରଥମଥର ସୁପର ସିରିଜ୍ ଖେଳାଯିବ। ଏହି ରାଉଣ୍ଡକୁ ଶ୍ରେଷ୍ଠ ପର୍ଯ୍ୟାୟ ଭାବେ ବିବେଚନା କରାଯାଉଛି। ଏଥିରେ ଯୋଗ୍ୟତା ହାସଲ କରିଥିବା ୭ଟି ଦଳ ପରସ୍ପର ସହ ଥରେ ଲେଖାଏଁ ଅର୍ଥାତ୍ ରାଉଣ୍ଡ ରବିନ ଲିଗ୍ ଭିତିରେ ଖେଳିବେ। ସୁପର ସିରିଜ୍ ଲିଗ୍ ଶେଷରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

ICC MEN'S CRICKET WORLD CUP
SOUTH AFRICA
ZIMBABWE & NAMIBIA
2027

### ଫାଇନାଲ ରାଉଣ୍ଡ

ସୁପର ସିରିଜ୍‌ର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ବା ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିରେ ପ୍ରଥମ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ପ୍ରଥମ ସେମିଫାଇନାଲ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ସେମିଫାଇନାଲ ମ୍ୟାଚ୍ ଦ୍ୱୟର ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେବ।

### ଅକ୍ଟୋବରରେ ଖେଳସୂଚୀ

ଆଇସିସିର ଏହି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଫର୍ମାଟରେ ପରିବର୍ତ୍ତନ ପରେ ଚଳିତବର୍ଷ ଅକ୍ଟୋବରରେ ଖେଳସୂଚୀ ପ୍ରକାଶ କରିବ। ପୂର୍ବସୂଚନା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ମ୍ୟାଚ୍ ଖେଳାଯିବ। ସେହିଭଳି ଜିମ୍ବାୱେରେ ୧୦ଟି ଓ ନାମିବ୍ୟାରେ କିଛି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ଆଜି ଦ୍ୱିତୀୟ ଦିନିକିଆ

## ସିରିଜ ଆଗୁଆ କବଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**କାର୍ଡିଫ, ୧୫।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ଗୁରୁବାର ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଖେଳାଯିବ। ମଙ୍ଗଳବାର ଏଜବାଷ୍ଟନରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତୀୟ ଦଳ ୬ ୱିକେଟ୍‌ରେ ସହଜରେ ବିଜୟୀ ହୋଇଥିଲା। ତେଣୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳ ଏଠାରେ ବିଜୟୀ ହୋଇ ସିରିଜକୁ ଆଗୁଆ କବଜା କରିବା

**ଖେଳ ଆରମ୍ଭ : ସନ୍ଧ୍ୟା ୫ଟା ୩୦**

**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ**

ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଟି-୨୦ ସିରିଜକୁ ୪-୦ରେ କ୍ଲିନସୁଇପ କରିଥିବା ଘରୋଇ ଇଂଲଣ୍ଡ ସହଜରେ ସିରିଜ ହାତଛଡ଼ା କରିବା ଲକ୍ଷ୍ୟରେ ନାହିଁ। ଏଜବାଷ୍ଟନରେ ଟପ୍ ଅର୍ଡରର ବିଫଳତା ଯୋଗୁ ଇଂଲଣ୍ଡ ବଡ଼ ସ୍କୋର କରିପାରି ନ ଥିଲା। ତେଣୁ ଏହି ତ୍ରୁଟିକୁ ସୁଧାରି ଇଂଲଣ୍ଡ ଏଠାରେ ଭାରତକୁ ମାତ୍ ଦେଇ ସିରିଜକୁ ୧-୧'ର ସମାନସ୍ତରକୁ ଆଣିବାକୁ ଲକ୍ଷ୍ୟ ରଖିଛି। ଚଳିତ ୟୁକେ ଗସ୍ତରେ ଆୟର୍ଲାଣ୍ଡ ନିକଟରୁ ୨-୦ରେ ଓ ଇଂଲଣ୍ଡଠାରୁ ୪-୦ରେ ଟି-୨୦ ସିରିଜ ହାରିବା ପରେ ଭାରତୀୟ ଦଳ ଖୁବ ସମାଲୋଚନାର ଶିକାର ହୋଇଥିଲା। ଯାହାକୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଅଭିଜ୍ଞ ଦଳ ପ୍ରଥମ ଦିନିକିଆରେ ବିଜୟୀ ହୋଇ କିଛିଟା ଆଶ୍ୱସ୍ତି ଆଣିଛନ୍ତି। ସେହିଭଳି ୟୁକେ ଗସ୍ତରେ ମଧ୍ୟ ଦଳର ଏହା ପ୍ରଥମ ବିଜୟ ରହିଥିଲା। ଅକ୍ଷର ପଟେଲ (୪ ୱିକେଟ୍ ଓ ଅପରାଜିତ ୫୭ ରନ) ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଏହି ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ।

## ୱେଷ୍ଟଇଣ୍ଡିଜକୁ ୧୨୩.୪ କୋଟି ଋଣ ଦେଲା ଆଇସିସି

**ଦୁବାଇ, ୧୫।୭ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)କୁ ୧୨.୮୨ ମିଲିୟନ ଡଲାର ଋଣ ପ୍ରଦାନ କରିବାକୁ ଘୋଷଣା କରିଛି। ଭାରତୀୟ ମୁଦ୍ରାରେ ଏହା ୧୨୩.୪୦ କୋଟି ଟଙ୍କା ହେବ। ଆଇସିସିର ସଦସ୍ୟତା ଏବଂ ସଦସ୍ୟ ସମର୍ଥନର ଏକ ଅଂଶ ଭାବରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ଏହି ଋଣ ପାଇବ। ବହୁ ବର୍ଷ ଧରି ଆର୍ଥିକ ବାଧାର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ ବୋର୍ଡ ଆଇସିସିର ସହାୟତା ଲୋଡ଼ିଥିଲା। ଏପରିକି କିଛି ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍ ମଧ୍ୟ ବୋର୍ଡକୁ ସହାୟତା ପ୍ରଦାନ କରିବା ଲାଗି ଆଇସିସିକୁ ଅନୁରୋଧ କରିଥିଲେ। ଶେଷରେ ଏଡିନବର୍ଗରେ ନିକଟରେ ଅନୁଷ୍ଠିତ ଆଇସିସିର ବାର୍ଷିକ ବୈଠକରେ ଏହି ଋଣକୁ ମଞ୍ଜୁର କରାଯାଇଛି। ଏଥିପୂର୍ବରୁ ୨୦୧୨ରେ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡ ଓ ଜିମ୍ବାୱେ ଉଭୟ ଆଇସିସି ନିକଟରୁ ସହାୟତା ପାଣ୍ଠି ପାଇଥିଲା। ସେହିଭଳି ୨୦୨୦ରେ କୋଭିଡ୍-୧୯ ମହାମାରୀ ସମୟରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ଇସିବିରୁ ୩ ନିୟୁତ ଡଲାରର ଋଣ ପାଇଥିଲା।

International Cricket Council









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

ଗୁରୁବାର
୧୬ ଜୁଲାଇ, ୨୦୨୬

# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଧନ ଆସିବା ବାଟ ଫିଟିବ । କ୍ୟାରିୟରରେ ବଡ଼ ଧରଣ ପରିବର୍ତ୍ତନ ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ବୃଷ:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ସମୟ ପୂର୍ବରୁ କାର୍ଯ୍ୟ ସମାପନ କରିବେ । ଜୀବନରୁ ସମସ୍ତ ବାଧାବିଘ୍ନ ଦୂର ହେବ ।

**ମିଥୁନ:** ବ୍ୟବସାୟରେ ସଫଳତା ମିଳିବ । ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ ।

**କର୍କଟ :** ପରିଶ୍ରମର ଫଳ ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ଚାକିରିର ସୁଯୋଗ ଜୁଟିବ । ନୂଆ ବ୍ୟବସାୟର ଯୋଜନା କରିବେ ।

**ସିଂହ:** ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ । ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ । କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିପାରନ୍ତି । ବ୍ୟବସାୟରେ କ୍ଷତି ସହିପାରନ୍ତି । ଆର୍ଥିକ ସ୍ଥିତି ମଧ୍ୟମ ରହିବ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ ।

**ତୁଳା:** ବନ୍ଧୁଙ୍କ ସହ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ । ଉଧାର ଟଙ୍କା ଫେରିପାଇବେ । ଆୟ ଅନୁସାରେ ଖର୍ଚ୍ଚ ବଢ଼ିବ ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ । ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ଅଭିଭାବକ ଚିନ୍ତାରେ ରହିବେ ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିପାରନ୍ତି । ବାଦବିବାଦଠାରୁ ଦୂରେଇ ରହିବେ । ନିଜଲୋକଙ୍କ ସହ ଅଯଥା ଯୁକ୍ତି ହୋଇପାରେ ।

**କୁମ୍ଭ:** ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ । ଜାଗାବାଡ଼ି କିଣିବେ । କର୍ମଜୀବୀ ମହିଳାଙ୍କ ପାଇଁ ଦିନଟି ଭଲ ।

**ମୀନ:** ରାଜନୀତିରେ ସଫଳତା ମିଳିବ । ମନକୁ ଶାନ୍ତି ମିଳିବ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଗୁପ୍ତ କଥା ଅନ୍ୟଙ୍କ ସହ ସେୟାର କରନ୍ତୁନି । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।

## ଆଜିର ଇତିହାସ

- ୧୯୨୫- ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା ।
- ୧୯୫୧- ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୬୮ - କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ ।
- ୨୦୦୬-ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ ।


## ଶ୍ରୀବିଗ୍ରହଙ୍କ ଘୋଷ ଯାତ୍ରା



ନୀଳାଚଳରେ ବିରାଜିତ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ 'ଶ୍ରୀଗୁଣ୍ଡିଚା ଯାତ୍ରା' ବା 'ରଥ ମହୋତ୍ସବ' ହିଁ ସର୍ବଶ୍ରେଷ୍ଠ ବୋଲି 'ସ୍କନ୍ଦପୁରାଣ'ରେ ଉଲ୍ଲେଖ ଅଛି । ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟାଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ନବଦିନ ବ୍ୟାପି ଏ ଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ । ଏହାକୁ ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା, ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ । ଭାଇ, ଭଉଣୀଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ନଅ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ରଥଯାତ୍ରା ଦିନ ଠାକୁରମାନଙ୍କର ମଙ୍ଗଳ ଆଳତି, ଅବକାଶ, ଖେଚେଡ଼ି ଭୋଗ, ମଙ୍ଗଳାର୍ପଣ ଆଦି ନୀତି ସରିଲା ପରେ ଯାଇ ଶ୍ରୀଜିଉମାନେ ପହଣ୍ଡି ବିଜେ କରିଥାଆନ୍ତି । ପ୍ରଥମେ ଶ୍ରୀସୁଦର୍ଶନ ତତ୍ପରେ କ୍ରମାନ୍ୱୟରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପହଣ୍ଡି ବିଜେ ହୋଇଥାଏ । ସମସ୍ତ ବିଗ୍ରହ ଜଗମୋହନ ଦେଇ ସାତ ପାହାଚ ଉପରକୁ ବିଜେ ହେବା ପରେ ରାଘବଦାସ ମଠ ପ୍ରଦତ୍ତ ଫୁଲ ଟାହିଆ ପରିଧାନ କରିଥାନ୍ତି ଓ ପନ୍ତୀ ଭୋଗ ହୋଇଥାଏ । ଶ୍ରୀବିଗ୍ରହମାନେ ସାତ ପାହାଚରୁ ଭିତର ବେଢ଼ା, ଆନନ୍ଦ ବଜାର ଓ ବାଇଶି ପାହାଚ ଦେଇ ରଥ ଉପରକୁ ବିଜେ କରିଥାନ୍ତି । ଶ୍ରୀସୁଦର୍ଶନ ସୁଭଦ୍ରାଙ୍କ ରଥରେ ବିଜେ ହୋଇଥାନ୍ତି । ଏହାପରେ ମଦନମୋହନ ଶ୍ରୀଜଗନ୍ନାଥଙ୍କ ରଥକୁ ଓ ରାମକୃଷ୍ଣ ଶ୍ରୀବଳଭଦ୍ରଙ୍କ ରଥ ଉପରକୁ ପୁଷ୍ପାଳକ ମହାଜନଙ୍କ ହସ୍ତରେ ବିଜେ ହୋଇଥାନ୍ତି । ଏହାପରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହେବା ପରେ ଯାଇ ରଥରୁ ଚାରମାଳ ଖୋଲାଯାଇଥାଏ । ଏଥିସହିତ ସାରଥୀ ଓ ଅଶ୍ୱରୁ ଦଉଡ଼ି କଢ଼ାଯାଇଥାଏ । କିଛି ସମୟର ବ୍ୟବଧାନ ପରେ ତିନି ରଥ ବଡ଼ ଦାଣ୍ଡରେ ଭକ୍ତ ଗହଣରେ ଝୁଲି ଝୁଲି ଆଗକୁ ଆଗକୁ ମାଡ଼ି ଚାଲିଥାଆନ୍ତି । ଏହାପରେ ଘଣ୍ଟଘଣ୍ଟା ବାଦ୍ୟରେ ବଡ଼ଦାଣ୍ଡରୁ ଗୁଣ୍ଡିଚା ରାଣୀଙ୍କ ମନ୍ଦିରରେ ପହଞ୍ଚିଥାନ୍ତି ଶ୍ରୀଜିଉ ।

ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହ ଧରି ଅବସ୍ଥାନ କରନ୍ତି, ତାହା ଆଡ଼ପମଣ୍ଡପ ନାମରେ ଜଣାଶୁଣା । କୁହାଯାଏ, ଭକ୍ତ ଭାବଗ୍ରାହୀଙ୍କୁ ନୀଳାଚଳରେ ଦଶବର୍ଷ ଦର୍ଶନ କଲେ ଯେଉଁ ଫଳ ମିଳେ, ଆଡ଼ପମଣ୍ଡପର ଗୋଟିଏ ଦିନ ଦର୍ଶନରେ ସେତିକି ପୁଣ୍ୟ ମିଳେ । ତେବେ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜିତ ହେବାବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି । ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଦାରୁବିଗ୍ରହ ନିର୍ମାଣ କରାଯାଇଥିବାରୁ ଏହାକୁ ଶ୍ରୀଜିଉମାନଙ୍କ ଜନ୍ମସ୍ଥାନ ବୋଲି କୁହାଯାଇଥାଏ । ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିବାବେଳେ ହେରାପଞ୍ଚମୀ ଦିନ ମହାଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ତାପରଦିନ ରଥ ଉପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀଗୁଣ୍ଡିଚା ଘରେ ସାତଦିନ ଧରି ଠାକୁରମାନେ ଅବସ୍ଥାନ କରି ପୁନଶ୍ଚ ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି । ଏକାଦଶୀ ତିଥିର ରାତ୍ରରେ ରଥସ୍ଥ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ । ପରିଶେଷରେ ନୀଳାଦ୍ରି ବିଜେ ଦିନ ଠାକୁରମାନେ ଗୋଟି ପହଣ୍ଡିରେ ଯାଇ ରତ୍ନ ସିଂହାସନରେ ବିଜେ କରିଥାନ୍ତି ।

## 'ବଟୱାରା ୧୯୪୭'ର ପୋଷ୍ଟର୍ ରିଲିଜ୍





ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେୱଲ ଏବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ପୂର୍ବରୁ ଏହାର ଟିଜର୍ ଜାରି ହୋଇଥିଲା । ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମ ନିର୍ମାତା ଏହାର ଏକ ପୋଷ୍ଟର୍ ଜାରି କରିଛନ୍ତି । ପୋଷ୍ଟର୍‌ରେ ୧୯୪୭ ଭାରତ ବିଭାଜନର ପୃଷ୍ଠଭୂମିରେ ଏକ ଜଳନ୍ତା ଦୀପ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମା ଦେଖିବାକୁ ମିଳିଛି । ଏହା ହିଂସା ମଧ୍ୟରେ 'ଧର୍ମ' ଓ 'ମାନବିକତା'କୁ ଦର୍ଶାଉଛି । ଏହି ଚଳଚ୍ଚିତ୍ର ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ଘଟିଥିବା ସତ୍ୟ ଘଟଣାକୁ ବଡ଼ ପରଦାରେ ପ୍ରଦର୍ଶନ କରିବ । ଅମିର ଖାନ୍‌ଙ୍କ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା ଏହି ଐତିହାସିକ ଚଳଚ୍ଚିତ୍ରଟି ଘୃଣା ଏବଂ ହିଂସାର ସେହି ସମୟ ମଧ୍ୟରେ ଏଭଳି ଜଣେ ବ୍ୟକ୍ତିଙ୍କର ପ୍ରେରଣାଦାୟୀ ଓ ହୃଦୟସ୍ପର୍ଶୀ କାହାଣୀ ଦେଖାଇବ, ଯିଏ ଘୃଣା ଆଗରେ ହାର୍ ମାନିବା ବଦଳରେ ମାନବିକତାର ପଥ ବାଛିଥିଲେ । ଏଥିପାଇଁ ଫିଲ୍ମଟିକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି । ଚଳଚ୍ଚିତ୍ରର ନୂଆ ପୋଷ୍ଟର୍ ସୋସିଆଲ ମିଡିଆରେ ସେୟାର କରିବା ସହିତ ନିର୍ମାତାମାନେ ଏକ ଦମଦାର କ୍ୟାପସନ୍ ଲେଖିଛନ୍ତି । ଏଥିରେ ଲେଖାହୋଇଛି- "ଯେତେବେଳେ ଦୁନିଆ ନିଜ ନିଜର ପକ୍ଷ ବାଛି ନେଇଥିଲା, ସେତେବେଳେ ସେ ଧର୍ମର ପଥ ବାଛିଥିଲା । ଏହି ବିଭାଜନ ଦିବସକୁ ୧୪ ଅଗଷ୍ଟରେ ସିନେମା ହଲ୍‌ରେ ଦେଖନ୍ତୁ #ବଟୱାରା ୧୯୪୭ ।" ଏହି ପୋଷ୍ଟର ଏବଂ ଏହାର ବାର୍ତ୍ତା ସିଧାସଳଖ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ଏଥିରେ ସନ୍ନିଙ୍କ ସହ ଶବାନା ଆଜମୀ, ପ୍ରୀତି ଜିଣ୍ଟା, କରଣ ଦେୱଲ, ଅଲି ଫଜଲ, ଅଭିମନ୍ୟୁ ସିଂହ, ଖୁସି ହଜାରେ ଏବଂ କନିକା କପୁର ଆଦି ନଜର ଆସିବେ । ରାଜକୁମାର ସନ୍ତୋଷୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଅମିର ଖାନ୍ ଏବଂ ଅପର୍ଣ୍ଣା ପୁରୋହିତଙ୍କ ଦ୍ୱାରା ପ୍ରଯୋଜିତ 'ବଟୱାରା ୧୯୪୭' ଆସନ୍ତା ୧୪ ଅଗଷ୍ଟରେ ସିନେମାହଲ୍‌ରେ ମୁକ୍ତିଲାଭ କରିବ ।

## ବାର୍ଡ ନେଷ୍ଟ ସୁପ୍

### ମୂଲ୍ୟ ଆଠ ଲକ୍ଷ



ବିଶ୍ୱର ସବୁଠୁ ଦାମୀ ବ୍ୟଞ୍ଜନ ଭାବେ ବାର୍ଡ ନେଷ୍ଟ ସୁପ୍ ପରିଚିତ । ଏସୀୟ ଦେଶଗୁଡ଼ିକରେ ପ୍ରସିଦ୍ଧି ଲାଭ କରିଥିବା ଏହି ସୁପ୍ ସ୍ୱିଫ୍ଟଲେଟ ପକ୍ଷୀ ବସାରୁ ତିଆରି ହୋଇଥାଏ । ଲାଳରେ ତିଆରି ଏହି ବସା ଖୁବ୍ ବିରଳ ହୋଇଥିବାବେଳେ ଏହାକୁ ସଂଗ୍ରହ କରିବା ପ୍ରକ୍ରିୟା ମଧ୍ୟ ଖୁବ୍ କଷ୍ଟକର ହୋଇଥାଏ । ଅନ୍ତର୍ଜାତୀୟ ବଜାରରେ ଏହି ସୁପ୍‌ର ମୂଲ୍ୟ ୧.୬ରୁ ୮ ଲକ୍ଷ ହୋଇଥାଏ । ପବନ ସଂସ୍ପର୍ଶରେ ଆସି ସ୍ୱିଫ୍ଟଲେଟ ପକ୍ଷୀ ବସା ଏକ କଠିନ କପ୍ ଆକାରରେ ପରିଣତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହାକୁ ସଂଗ୍ରହ କରାଯାଇଥାଏ । ଚୀନ୍, ହଂକଂ, ସିଙ୍ଗାପୁର, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ ଏବଂ ଫିଲିପାଇନ୍ସ ସମେତ ଅନେକ ଏସୀୟ ଦେଶରେ ଏହି ସୁପ୍ ପ୍ରସ୍ତୁତ ହୋଇଥାଏ । ଅନେକ ଦେଶରେ ଏହାକୁ ନାମୀଦାମୀ ରେସ୍ତୋରାଁ, ବିବାହସ୍ତୋବ ଏବଂ ପାରିବାରିକ ସମାବେଶରେ ବିଳାସତାର ପ୍ରତୀକ ଭାବେ ପରିବେଷଣ କରାଯାଏ । ଏହାକୁ ସଂଗ୍ରହ କରିବା ଖୁବ୍ କଠିନ । ଏହି ପକ୍ଷୀ ବିଶେଷକରି ଗୁମ୍ଫା, ପାହାଡ଼ ଏବଂ ସମୁଦ୍ର ମଧ୍ୟରେ ଥିବା ଚଟ୍ଟାଣଗୁଡ଼ିକରେ ବସା ନିର୍ମାଣ କରିଥାନ୍ତି । ଏଥିପାଇଁ ବସା ସଂଗ୍ରହକାରୀଙ୍କୁ ଅଧିକ ଉଚ୍ଚତା ଯାଏଁ ଚଢ଼ିବାକୁ ପଡ଼ିଥାଏ । ବର୍ଷ ବର୍ଷ ଧରି ଏହି ସୁପ୍ ଚୀନ୍ ଚିକିତ୍ସା ପଦ୍ଧତି ସହ ଯୋଡ଼ି ହୋଇ ରହିଛି । ଏଥିରେ ପ୍ରୋଟିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥାଏ । ଏହା ଚର୍ମକୁ ସୁନ୍ଦର ରଖିବା ଏବଂ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଏଥିସହ ଏହା ବୟସ ବୃଦ୍ଧି ପ୍ରକ୍ରିୟାକୁ ମଧ୍ୟ ଧିମା କରିଥାଏ । ଏହା ଜେଲି ଭଳି ଲାଗେ ଏବଂ ଏଥିରେ କୌଣସି ପ୍ରାକୃତିକ ସ୍ୱାଦ ନ ଥାଏ । ଏହାକୁ ସୁପ୍ କିମ୍ବା ମିଠା ଭାବରେ ପ୍ରସ୍ତୁତ କରାଯାଏ ।

# ସୁଶ୍ରୀ



## ହଜିଯାଉଥିବା ସ୍ୱାଦ

### ଦହି ପୋଟଳ

**ଆବଶ୍ୟକ ସାମଗ୍ରୀ**

ପୋଟଳ – ୫୦୦ ଗ୍ରାମ୍, ଦହି – ଏକ କପ୍, ଗୋଟା ଗରମ ମସଲା, ଲଙ୍କାଗୁଣ୍ଡ – ଏକ ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଅଦା ପେଷ୍ଟ – ଏକ ଚାମଚ, ଗରମ ମସଲା - ଏକ ଚାମଚ, କାଜୁ – ତିନି ଚାରୋଟି, ମେଥିପତ୍ର – ଅଳ୍ପ, ଚିନି – ଅଧା ଚାମଚ, ଜିରା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ– ଏକ ଚାମଚ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପୋଟଳକୁ ଛୁରୀରେ ମଝିରୁ ହାଲୁକା କାଟି ତେଲରେ ଛାଣନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ଗୋଟା ଗରମ ମସଲା, ଅଦାପେଷ୍ଟ ଦେଇ କଷନ୍ତୁ । ପରେ ଏକ ପାତ୍ରରେ କାଶ୍ମୀର ଲଙ୍କାଗୁଣ୍ଡ, ରାଗ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, କରିପାଉଡର ସମେତ ସ୍ୱାଦ ଅନୁସାରେ ଲୁଣ ଦେଇ ପାଣି ମିଶାଇ ଘୋଳ ପ୍ରସ୍ତୁତ କରି କଡ଼େଇରେ ଦିଅନ୍ତୁ । ଏହା କଷି ହୋଇଗଲେ ଏଥିରେ ଛଣାପୋଟଳ ଦେଇ କଷନ୍ତୁ । ଏହାପରେ ଏକ ଜାର୍‌ରେ ଦୁଇଚାମଚ ଦହି ନେଇ ସେଥିରେ କାଜୁ ଏବଂ କଞ୍ଚାଲଙ୍କା ଦେଇ ଗ୍ରାଇଣ୍ଡ କରନ୍ତୁ । ଏହାକୁ ପୋଟଳରେ ଦେଇ କିଛି ସମୟ କଷନ୍ତୁ । ଏହାପରେ ଅଳ୍ପପାଣି, ଚିନି, ମେଥିପତ୍ର ସମେତ ଗରମମସଲା ଦେଇ ଫୁଟାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଦହି ପୋଟଳ' ।



## ବର୍ଷାଦିନେ ଆଇବ୍ରୋ ଥ୍ରେଡିଙ୍ଗ୍, ୱାକ୍ସିଙ୍ଗ୍ କରୁଥିଲେ...



ଅନେକ ମହିଳା ଥ୍ରେଡିଙ୍ଗ୍ ଏବଂ ୱାକ୍ସିଙ୍ଗ୍ ପ୍ରକ୍ରିୟାରେ ଆଇବ୍ରୋସେପ୍ କରିଥାନ୍ତି । ହେଲେ ବର୍ଷାଦିନେ ତାପମାତ୍ରା, ଆର୍ଦ୍ରତା, ଝାଳ ଯୋଗୁଁ ତ୍ୱଚା ସଂକ୍ରମଣ ଆଶଙ୍କା ବଢ଼ିଯାଏ । ତେଣୁ ଏହି ଦିନେ ଆଇବ୍ରୋସେପ୍ କରୁଥିଲେ ଧ୍ୟାନ ଦିଅନ୍ତୁ ।

**ସଂକ୍ରମଣରୁ ସୁରକ୍ଷା**

- ସଫା, ସୁତୁରା ଏବଂ ଜଣାଶୁଣା ପାର୍ଲରରେ ଆଇବ୍ରୋସେପ୍ କରିବା ଭଲ ।
- ଆଇବ୍ରୋସେପ୍ ପୂର୍ବରୁ ଏବଂ ପରେ ବାରମ୍ବାର ଆଇବ୍ରୋକୁ ସ୍ପର୍ଶ କରନ୍ତୁ ନାହିଁ ।
- ଥ୍ରେଡିଙ୍ଗ୍, ୱାକ୍ସିଙ୍ଗ ପରେ ଭାରି ମେକ୍‌ଅପ୍ ଲଗାନ୍ତୁନି ।
- ତ୍ୱଚାକୁ ସଫା ସୁତୁରା ରଖିବା ନିହାତି ଜରୁରି ।

## ମହିଳାଙ୍କ ପସନ୍ଦ ଏକାକୀ ଜୀବନ

ବିବାହକୁ ମହିଳାଙ୍କ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ବୋଲି କୁହାଯାଏ । ଏଥିପାଇଁ ବାପାମାଆ ଉପଯୁକ୍ତ ବୟସରେ ଝିଅ ବାହାଘର କରି ଦାୟିତ୍ୱରୁ ମୁକ୍ତ ହୋଇଥାନ୍ତି । ହେଲେ ଆଧୁନିକ ଯୁଗରେ ଏହାକୁ ନେଇ ଏବେ ଭିନ୍ନତା ପରିଲକ୍ଷିତ ହୋଇଛି । ଏବେର ମହିଳାମାନେ ବିବାହ ପରିବର୍ତ୍ତେ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି । ସାମାଜିକ ଚାପ କିମ୍ବା ଘରଲୋକଙ୍କ ଇଚ୍ଛାରେ ଜୋର୍ ଜବରଦସ୍ତି ବିବାହ ବନ୍ଧନରେ ବାନ୍ଧି ନ ହୋଇ ସ୍ୱାଧୀନ ଭାବେ ନିଜ ଜୀବନର ନିଷ୍ପତ୍ତି ନିଜେ ନେବାକୁ ଚାହୁଁଛନ୍ତି । ତେବେ ମହିଳାମାନେ କାହିଁକି ଏକାକୀ ଜୀବନ ଉପରେ ଗୁରୁତ୍ୱ ଦେଉଛନ୍ତି, ଜାଣିବା ସେ ବିଷୟରେ...

**ସମ୍ପୂର୍ଣ୍ଣ ସ୍ୱାଧୀନତା**

ସମୟାନୁସାରେ ଏକାକୀ ରହିବା ଏବେ ଟ୍ରେଣ୍ଡରେ ପରିଣତ ହୋଇଛି । ମହିଳାମାନେ ବିବାହ ପରିବର୍ତ୍ତେ, ଏକାକୀ ରହିବାକୁ ପସନ୍ଦ କରୁଛନ୍ତି । ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାରେ ଗୁରୁତ୍ୱ ଦେଉଛନ୍ତି । ଅନ୍ୟର ଅନୁମତି ନ ନେଇ କାର୍ଯ୍ୟ କରିବାକୁ ଚାହୁଁଛନ୍ତି । ଏକାକୀ ରହିଲେ ସ୍ୱାଧୀନ ଭାବେ ଯେଉଁଠାକୁ ଚାହିଁବେ ସେଠାକୁ ଯାଇପାରିବେ । ହେଲେ ବିବାହ ପରେ ଜିନିଷ ଜଟିଳ ହୋଇଯାଏ । କୌଣସି କାର୍ଯ୍ୟ କରିବା ପୂର୍ବରୁ ଅନିଚ୍ଛା ସତ୍ତ୍ୱେ ସ୍ୱାମୀଙ୍କ ମତାମତ ନେବାକୁ ପଡ଼ିଥାଏ । ଏପରିକି ବାହାରକୁ ଯିବାକୁ ହେଲେ ଅନୁମତି ନେବାକୁ ପଡ଼ିଥାଏ ।



**ଆର୍ଥିକ ଆତ୍ମନିର୍ଭର**

ଅତୀତରେ ମହିଳାଙ୍କୁ ଚାକିରି କରିବା ତଥା ଟଙ୍କା ରୋଜଗାର କରିବାର ଅନୁମତି ନ ଥିଲା । ହେଲେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ମହିଳାମାନେ ଚାକିରି କରି ନିଜେ ଆତ୍ମନିର୍ଭର ହେଉଛନ୍ତି । ନିଜେ ରୋଜଗାର କରିବା ସହ ଘରର ଖର୍ଚ୍ଚ ଏବଂ ଦାୟିତ୍ୱ ନିର୍ବାହ କରୁଛନ୍ତି । ଅନ୍ୟ ଆଗରେ ହାତ ନ ପାତି ନିଜ ସଉକ୍ ନିଜେ ପୂରଣ କରୁଛନ୍ତି । ତେଣୁ ସେମାନେ ଜୀବନରେ କୌଣସି ଦ୍ୱିତୀୟ ମଣିଷର ଆବଶ୍ୟକତା ଲୋଡ଼ୁ ନାହାନ୍ତି ।

**ପାରିବାରିକ ଅଶାନ୍ତି ଏବଂ ବିବାହ ବିଚ୍ଛେଦ**

ଏକାକୀ ଜୀବନର ବାଛିବାର ମୁଖ୍ୟ କାରଣ ହେଲା ବର୍ତ୍ତମାନର ପାରିପାର୍ଶ୍ୱିକ ସ୍ଥିତି । ଅନେକ ସମୟରେ ବିବାହ ସମ୍ପର୍କରେ କଳିଝଗଡ଼ା, ପାରିବାରିକ ଅଶାନ୍ତି, ବିବାହ ବିଚ୍ଛେଦ ଭଳି ଘଟଣାମାନ ଶୁଣିବାକୁ ମିଳିଥାଏ । ଏହା ଅଧିକାଂଶ ମହିଳାଙ୍କ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ । ତେଣୁ ଏସବୁ ଝାମେଲାରୁ ଦୂରେଇ ରହିବା ପାଇଁ ଅଧିକାଂଶ ମହିଳା ଏକାକୀ ଜୀବନ ପସନ୍ଦ କରୁଛନ୍ତି ।

**ନିଜକୁ ଭଲପାଇବା ଉତ୍ତମ ବିକଳ୍ପ**

ସଂସାର ଜଞ୍ଜାଳରେ ସାମିଲ ନ ହୋଇ ଏକାକୀ ରହି ନିଜକୁ ଭଲପାଇବା ଉତ୍ତମ ବିକଳ୍ପ । ଅବଶ୍ୟ ଏକାକୀ ରହିବା କିମ୍ବା ବିବାହ କରିବା ଭୁଲ ନିଷ୍ପତ୍ତି ନୁହେଁ । ଏହାସତ୍ତ୍ୱେ ଅନେକ ମହିଳା ଏକାକୀ ଜୀବନକୁ ପସନ୍ଦ କରୁଛନ୍ତି ।

## ଆକର୍ଷଣୀୟ ନେକ୍ ଡିଜାଇନ୍



କୁର୍ତ୍ତାକୁ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ରଙ୍ଗ, କପଡ଼ା ସମେତ ବେକ ଡିଜାଇନ୍ ଗୁରୁତ୍ୱ ହୋଇଥାଏ । ବେକ ଡିଜାଇନ୍ କୁର୍ତ୍ତାର ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ । ତେଣୁ ଅଫିସ୍, ପାର୍ଟି, ପଙ୍କ୍‌ସନ୍‌କୁ ଯାଉଥିଲେ ସୁନ୍ଦର ନେକ୍ ଡିଜାଇନ୍ ପିନ୍ଧିପାରିବେ । ଏଥିହସ କୁର୍ତ୍ତା ସିଲେଇ କରିବାକୁ ଚାହୁଁଥିଲେ ଭଲିକି ଭଳି ଡିଜାଇନ୍ କରିପାରିବେ ।

**କିହୋଲ୍ ନେକ୍**

ନିଆରା ଏବଂ ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, କିହୋଲ ନେକ୍ ଡିଜାଇନ୍ ଭଲ ବିକଳ୍ପ ହୋଇଥାଏ । ଏଥିରେ ବେକ ଗୋଲାକାର ହୋଇଥିବାବେଳେ ତଳେ ଛୋଟ କଟ୍ ରଖିପାରିବେ । ଏହା କୁର୍ତ୍ତାକୁ ଆକର୍ଷଣୀୟ କରିଥାଏ । ଅବଶ୍ୟ ଚାହିଁଲେ, ଏଥିରେ ମୋତି ଏବଂ ମାଳି ଲଗାଇପାରିବେ । କଟନ, ରେୟନ ଏବଂ ଲେନିନ୍ କପଡ଼ାକୁ ଏହି ଡିଜାଇନ୍ ଭଲ ମାନିଥାଏ ।

**ଫ୍ରିଲ୍ ଭି –ନେକ୍**

ଭି-ନେକ୍‌ଲାଇନ୍ ସହ ହାଲୁକା ଫ୍ରିଲ୍ ବା କୁଞ୍ଚଦେଲେ, କୁର୍ତ୍ତାର ଲୁକ୍ ଆହୁରୀ ଆକର୍ଷଣୀୟ ଦିଶିଥାଏ । ଏହା ଚେହେରାକୁ ଲମ୍ବା ଦେଖାଇବା ସହ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ । ହାଲୁକା ରଙ୍ଗ କୁର୍ତ୍ତାରେ ଏହି ଡିଜାଇନ୍ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ପାର୍ଟି, ପଙ୍କ୍‌ସନ୍ ଆଦିକୁ ପିନ୍ଧି ଯାଇପାରିବେ ।

**ସ୍କାଲପିଙ୍ଗ୍ ନେକ୍ ଡିଜାଇନ୍**

ସ୍କାଲପିଙ୍ଗ୍ ନେକଲାଇନ୍ ଖୁବ୍ ଟ୍ରେଣ୍ଡରେ ରହିଛି । ଏଥିରେ ଗୋଲ ବଲ୍ ଡିଜାଇନ୍ ଏବଂ ମଝିରେ ବଟନ୍ କୁର୍ତ୍ତାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହା ଷ୍ଟାଇଲ୍ ଏବଂ ଡିଜାଇନର ସୁନ୍ଦର ସମନ୍ୱୟ ।

## ଗହଣା ବାକ୍ସ କିଣିବା ପୂର୍ବରୁ ...

ଅଳଙ୍କାରକୁ ସୁରକ୍ଷିତ ଏବଂ ବ୍ୟବସ୍ଥିତ ରଖିବା ପାଇଁ ଅନେକ ଗହଣା ବାକ୍ସ କିଣିଥାନ୍ତି । ଏହା ଅଳଙ୍କାରକୁ ସଂଗୃହୀତ କରି ଧୂଳିରୁ ସୁରକ୍ଷା ଦିଏ । ବିଭିନ୍ନ ଡିଜାଇନର ଗହଣା ବାକ୍ସ ରହିଛି । ଏହା କିଣିବା ପୂର୍ବରୁ ଜାଣନ୍ତୁ ।

**ଆକାର ଏବଂ ଜାଗା**

ଗହଣା ବାକ୍ସ କିଣିବା ପୂର୍ବରୁ ଏହାର ଆକାର ଏବଂ କମ୍ପାର୍ଟ ଉପରେ ଧ୍ୟାନ ଦେବା ଜରୁରି ।

**ଦୀର୍ଘସ୍ଥାୟୀ କାଠ ବାକ୍ସ**

ଗହଣା ବାକ୍ସର କ୍ୱାଲିଟି ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ତେଣୁ କାଠ ବାକ୍ସ ଦୀର୍ଘସ୍ଥାୟୀ । ଏଥିରେ ଏକା ସାଥିରେ ଅନେକ ଜିନିଷ ରଖିହେବ ।